ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 1 NOVEMBER 2020
Vol.No. 30 ■ No. 275 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ଯା ଦେବୀ ସର୍ବଭୂତେଷୁ............


SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj

2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No: 9437294587, 9438232419, 9437443950,


# ଅନଲକ୍ ୬.୦ ପାଇଁ ଗାଇଡଲାଇନ ହେଲା ଜାରୀ

♦ ନଭେମ୍ବର ୧୫ ପରେ ସ୍କୁଲ ଖୋଲିବା ନେଇ ନିଷ୍ପତି ନେଇ ପାରିବ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ

♦ ସ୍ଥାନୀୟ ପ୍ରଶାସନ ମନ୍ଦିର ଓ ଅନ୍ୟ ଉପାସନାପୀଠ ଖୋଲିବା ସମ୍ପର୍କରେ ନେବେ ନିଷ୍ପତି




ଭୁବନେଶ୍ୱର,୩୧।୧୦ (ନି.ପ୍ର): ଆଜି ରାଜ୍ୟ ସରକାର ନଭେମ୍ବର ମାସ ଲାଗି ଜାରୀ କରିଥିବା ଅନଲକ୍ -୬ ଗାଇଡଲାଇନ୍ ଅନୁଯାୟୀ ଆଗାମୀ ନଭେମ୍ବର ୧୫ ତାରିଖ ପରେ ରାଜ୍ୟର ସମସ୍ତ ସ୍କୁଲ୍ ଖୋଲିବାର ତାରିଖକୁ ନେଇ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ନିଷ୍ପତି ନେଇ ପାରିବ ବୋଲି ଉଲ୍ଲେଖ ରହିଛି । ସଂପୃକ୍ତ ଅଂଶଧାରକ ମାନଙ୍କ ସହ କଥାବାର୍ତା କରିବା ସହ ବିଭାଗ ଏ ନେଇ ଏସଓପି ଜାରୀ କରିବ ବୋଲି ଏଥିରେ ଉଲ୍ଲେଖ ରହିଛି । ତେବେ କେବଳ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଆସିପାରିବେ । ଏହାଛଡ଼ା ରାଜ୍ୟର ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନ ନଭେମ୍ବର ୩୦ ଯାଏଁ ବନ୍ଦ ରହିବ । ଏହି ସମୟରେ ଅନଲାଇନ୍ ଶିକ୍ଷା ଓ ଟେଲି ପରାମର୍ଶକୁ ଗୁରୁତ୍ୱ ଦିଆଯିବାକୁ ଏଥିରେ କୁହାଯାଇଛି । ଏଥିଲାଗି ଗଣଶିକ୍ଷା ବିଭାଗ ଶିକ୍ଷାଦାନ କରୁଥିବା ଓ ଅଣଶେ ?କ୍ଷିକ କର୍ମଚାରୀଙ୍କୁ ସ୍କୁଲକୁ ଡକାଇପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି । ।ଅପରପକ୍ଷରେ ରିସର୍ଚ ସ୍କଲାର୍ ଓ ପୋଷ୍ଟ ଗ୍ରାଜୁଏଟଙ୍କ ପାଇଁ ଲାବୋରାଟୋରିରେ କାମ ଥିଲେ, ସେମାନଙ୍କ ଲାଗି ଉକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲା ଯାଇପାରିବ ବୋଲି ନୂତନ ଗାଇଡ୍ ଲାଇନରେ କୁହାଯାଇଛି । ତେବେ ନଭେମ୍ବର ୧୫ ଯାଏଁ ସବୁ ସିନେମା ହଲ୍ ଓ ସୁଇମିଂପୁଲ୍ ବନ୍ଦ ରହିବ । ଏଣେ ବିବାହ ଉତ୍ସବରେ ସର୍ବାଧିକ ୨୦୦ଜଣ ଏବଂ ଅନ୍ତିମ ସଂସ୍କାରରେ ୫୦ଜଣ ଯୋଗ ଦେଇପାରିବେ ବୋଲି ଅନଲକ୍ ୬ର ଗାଇଡଲାଇନରେ କୁହାଯାଇଛି । ରାଜ୍ୟ ସରକାର ଆଜି ନଭେମ୍ବର ▶▶ପୃଷ୍ଠା ୭

# ୧ କେଜି ୧୭୦ ଗ୍ରାମ ବ୍ରାଉନ ସୁଗାର ଜବତ: ଜଣେ ଗିରଫ



ଭୁବନେଶ୍ୱର,୩୧।୧୦ (ନି.ପ୍ର): ପୁଣି ସାମ୍ନାକୁ ଆସିଲା ଧଳାଜହରର କଳାବେପାର । କୋଟିଏରୁ ଅଧିକ ମୂଲ୍ୟର ବ୍ରାଉନସୁଗାର ଜବତ । ଏଥର ବି ଆଶଙ୍କା କରାଯାଉଛି ସେହି ପଶ୍ଚିମବଙ୍ଗ ଲିଙ୍କ୍ । ଜଳେଶ୍ୱରର ଜଣେ ବେପାରୀଠୁ କେଜିଏରୁ ଅଧିକ ବ୍ରାଉନସୁଗାର ଜବତ କରି ତାକୁ ଗିରଫ କରିଛି କ୍ରାଇମବ୍ରାଂଚ । ଗତ ୧୦ ମାସରେ ପ୍ରାୟ ୪୪ଜଣଙ୍କୁ ଗିରଫ ସହ ୩୦କୋଟିରୁ ଅଧିକ ଟଙ୍କାର ଧଳାଜହର ଜବତ ହୋଇସାରିଲାଣି । ଆଉ ଅଧିକାଂଶ ଘଟଣାରେ ରହୁଛି ପଶ୍ଚିମବଙ୍ଗ ଲିଙ୍କ୍ । କିଛିଦିନର ବ୍ୟବଧାନ ପରେ କ୍ରାଇମବ୍ରାଂଚ ଏସଟିଏଫ କବଜାରେ ଜଣେ ବ୍ରାଉନସୁଗାର ଡିଲର । ଯାହାର ନାଁ ସେକ୍ ହସିମ୍ ବକ୍ସ । ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର । ଜବତ ହୋଇଛି ୧ କେଜି ୧୭୦ ଗ୍ରାମ ବ୍ରାଉନ ସୁଗାର । ଯାହାର ଆନୁମାନିକ ମୂଲ୍ୟ କୋଟିଏରୁ ଅଧିକ । ଭୁବନେଶ୍ୱର ଆସି ବେପାର ଚଳାଇଥିବାବେଳେ ବରମୁଣ୍ଡାରେ କ୍ରାଇମବ୍ରାଂଚ ଏସଟିଏଫ ଗିରଫ କରିଛି ସେକ୍ ହସିମଙ୍କୁ । କ୍ରାଇମବ୍ରାଂଚ ଏଡିଜିଙ୍କ କହିବା କଥା, ଗତ ଜାନୁଆରୀ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୪୪ଜଣଙ୍କୁ ଗିରଫ କରିବା ସହ ୩୦ କେଜିରୁ ଅଧିକ ବ୍ରାଉନସୁଗାର ଜବତ ହୋଇସାରିଛି । ଯାହାର ମୂଲ୍ୟ ୩୦ କୋଟିରୁ ଅଧିକ ହେବ ।

# ଗୋଟିଏ ଦିନରେ ୧୪୭୦ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୯୦୧୧୬




ଭୁବନେଶ୍ୱର,୩୧।୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୪୭୦ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୯୦୧୧୬ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୨୭୩୮୩୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୪୯୦୫ ରହିଛି । ଆଜି ଚିହ୍ନଟ ହୋଇଥିବା ୧୪୭୦ ଜଣଙ୍କ ମଧ୍ୟରୁ ୮୫୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୧୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୧୭୦ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୭୬ , ବାଲେଶ୍ୱର ଜିଲ୍ଲାରେ ୫୬ ଜଣ, ବରଗଡ ଜିଲ୍ଲାରେ ୬୧ , ଭଦ୍ରକ ଜିଲ୍ଲାରେ ୧୯, ବଲାଙ୍ଗିର ଜିଲ୍ଲାରେ ୬୩, ବୌଦ୍ଧ ଜିଲ୍ଲାରେ ୧୭ ,କଟକ ଜିଲ୍ଲାରେ ୧୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୫, ଢେଙ୍କାନାଳ ଜିଲ୍ଲାରେ ୧୭, ଗଜପତି ▶▶ପୃଷ୍ଠା ୭

## ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଶପଥ ପାଠ

ଭୁବନେଶ୍ୱର,୩୧।୧୦ (ନି.ପ୍ର): ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଓଡ଼ିଶା ବିଧାନସଭା ତରଫରୁ ଶପଥ ପାଠ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଅଛି । ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସମସ୍ତ କର୍ମଚାରୀ ଶପଥ ପାଠ କରିଥିଲେ । ବିଧାନସଭା ଉପଶାସନ ସଚିବ ଶିଶିର କାନ୍ତ ସ୍ୱାଇଁ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଏଥିରେ ନିରାପତା ଅଧିକାରୀ ନଟରାଜ ଝୁଙ୍ଗଝୁଙ୍ଗଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ନରେନ୍ଦ୍ର ମୋଦି ଓ ନବୀନ ବାବୁଙ୍କ ମିଥ୍ୟା ପ୍ରତିଶ୍ରୁତିରେ ନଭାସି କଂଗ୍ରେସ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ପାଇଁ ପିସିସି ସଭାପତିଙ୍କ ନିବେଦନ



ଭୁବନେଶ୍ୱର ,୩୧।୧୦ (ନି.ପ୍ର): ଅସତ୍ୟ କଥା କହି ଏବଂ ପ୍ରତିଶ୍ରୁତି ଦେଇ ଅର୍ଥବଳ, ପ୍ରଶାସନବଳକୁ ନିୟୋଜିତ କରି ଭୋଟ ନେବାରେ ମୋଦି ମହାଶୟ ଓ ନବୀନ ବାବୁ ସିଦ୍ଧହସ୍ତ । କେତେ ପ୍ରକାର ପ୍ରତିଶ୍ରୁତି ଦେଇଛନ୍ତି ଓ ଅସତ୍ୟ କହିଛନ୍ତି ତା'ର ଲମ୍ବା ତାଲିକା ରହିଛି । ବର୍ତମାନ ମୁଁ କେବଳ ସଂକ୍ଷେପରେ ଏତିକି କହିବାକୁ ଚାହେଁ ଯେ ନବୀନ ବାବୁ ଭର୍ଚୁଆଲ ର୍‍ୟାଲି କରି କହିଲେ ଯେ ବାଲେଶ୍ୱର ଓ ତିର୍ତୋଲର ଦାୟିତ୍ୱ ନବୀନ ବାବୁ ନେଲେ । ତାହେଲେ କଣ ୨୧ବର୍ଷ ଧରି ଏହି ଦୁଇଟି ବିଧାନସଭାର ଦାୟିତ୍ୱ ତାଙ୍କର ନଥିଲା ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସବାର୍ତାରେ ପ୍ରଶ୍ନ କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତିଯେ, ଯଦି ଏ ଦୁଇଟି ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ନବୀନ ବାବୁ ▶▶ପୃଷ୍ଠା ୭

# ରାଜ୍ୟରେ ଆଉ ୧୨ ଜଣଙ୍କର କରୋନାରେ ମୃତ୍ୟୁ

ଭୁବନେଶ୍ୱର,୩୧।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୨ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ କେନ୍ଦୁଝର ଜିଲ୍ଲାର ୨ ଜଣ ରହିଛନ୍ତି । ସେହିପରି ଭୁବନେଶ୍ୱରର ୨ ଜଣ ରହିଛନ୍ତି । ଏହା ବ୍ୟତୀତ ଖୋର୍ଦ୍ଧା, ଝାରସୁଗୁଡା, ପୁରୀ, ଗଂଜାମ, ନୂଆପଡା ଜିଲ୍ଲାର ଜଣେ ଜଣେ




## ମୃତ୍ୟୁ ସଂଖ୍ୟା ୧୩୨୦

ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୩୨୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ୩ ଜଣ ତଥା ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦୁଝର ଜିଲ୍ଲାରେ ୪୦ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୫୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଝାରସୁଗୁଡା ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ପୁରୀ ଜିଲ୍ଲାର ଜଣେ ୭୨ ବର୍ଷୀୟ କରୋନା ସଂକ୍ରମିତ ମହିଳା ମୃତ୍ୟୁବରଣ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାର ୪୩ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୩୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ନୂଆପଡା ଜିଲ୍ଲାର ଜଣେ ▶▶ପୃଷ୍ଠା ୭




ବାଲେଶ୍ୱରବାସୀ ସମସ୍ତ ଗୁରୁଜନଙ୍କୁ ପ୍ରଣାମ ଜଣାଉଛି । ଭାଇ ଭଉଣୀ ଓ ସାଥିମାନଙ୍କୁ ଶୁଭେଚ୍ଛା ଜଣାଉଛି । ଆପଣମାନେ ଲକ୍ଷ୍ୟ କରିଥିବେ, ସାଧାରଣତଃ ନିର୍ବାଚନରେ ପରାଜିତ ହେବା ପରେ ପ୍ରାର୍ଥୀମାନେ ଆଉ ନିର୍ବାଚନମଣ୍ଡଳୀକୁ ଯାଆନ୍ତି ନାହିଁ । କିନ୍ତୁ ବାଲେଶ୍ୱର ମୋର କର୍ମ ଭୂମି । ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବାଲେଶ୍ୱର ଅଂଚଳର ବିକାଶ ପାଇଁ ମୁଁ କାମ କରିବି ବୋଲି ସଂକଳ୍ପ ନେଇଛି । ତେଣୁ ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳର ଲୋକସଭା ପ୍ରାର୍ଥୀ ହୋଇ ଏଠାରୁ ମୁଁ ପରାଜିତ ହୋଇଥିଲେ ମଧ୍ୟ ଆପଣମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ମତେ ଋଣୀ କରିଦେଇଛି । ତେଣୁ ବାତ୍ୟା, ବନ୍ୟା ଠାରୁ ଆରମ୍ଭ କରି କରୋନା ଲକଡାଉନ୍ ସମୟରେ ବାଲେଶ୍ୱର ଅଂଚଳର ଜନସାଧାରଣଙ୍କ ଦୁଃଖ, ସୁଖ ବୁଝିବା ପାଇଁ ମୁଁ ମୋ ସାଧ୍ୟମତେ ଚେଷ୍ଟା କରିଛି ।

ଏବେ ଉପନିର୍ବାଚନର ସମୟ । ମୁଁ ଇଚ୍ଛା କରିଥିଲି, ଏହି ସଦର ଆସନର ପ୍ରତିଟି ଲୋକଙ୍କ ଘରକୁ ଯିବି, ସେମାନଙ୍କ ସହଯୋଗ କାମନା କରିବି । କିନ୍ତୁ ମାତ୍ର କେତୋଟି ଦିନ ଆପଣମାନଙ୍କ ଗହଣରେ ବିତେଇଛି କି ନାହିଁ କରୋନାରେ ଆକ୍ରାନ୍ତ ହେଲି । ଯାହାଫଳରେ ମୋତେ ଏକାନ୍ତରେ ଆସି ଚିକିତ୍ସିତ ହେବାକୁ ପଡୁଛି ।

କରୋନା ଆକ୍ରାନ୍ତ ହୋଇ ଏକାନ୍ତରେ ରହୁଥିଲେ ମଧ୍ୟ ମୋ ଆଖିରେ ଆପଣମାନେ ହିଁ ଦିଶିଯାଉଛନ୍ତି । ମୁଁ କେବଳ ଆପଣମାନଙ୍କ କଥା ହିଁ ଚିନ୍ତା କରୁଛି ।

ବାଲେଶ୍ୱରରେ କିପରି ଅଧିକରୁ ଅଧିକ କଳକାରଖାନା ବସିବ, ବନ୍ଦ ହୋଇଯାଇଥିବା କଳକାରଖାନା କିପରି ପୁଣି ଚାଲୁ ହେବ, ଯୁବକଯୁବତୀମାନେ କିପରି ଅଧିକରୁ ଅଧିକ ରୋଜଗାର କରିବେ, ସେଥିପାଇଁ ମୋର ଚିନ୍ତା ।

ବାଲେଶ୍ୱରରେ ରହିବା ଦ୍ୱାରା ଅଧିକରୁ ଅଧିକ ଲୋକ କାଳେ ମୋ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହେବେ, ତେଣୁ ମୁଁ ଚାଲି ଆସିଲି । ଭାବୁଛି, ଏ ଦୁଃସମୟ ଅଧିକ ସମୟ ରହିବ ନାହିଁ । ମୁଁ ଖୁବ୍ ଶୀଘ୍ର ଆପଣମାନଙ୍କ ପାଖରେ ଯାଇ ପହଂଚିବି ।

ମୋର ଆପଣମାନଙ୍କୁ ନିବେଦନ ନିନ୍ଦୁକମାନଙ୍କ କଥା ଶୁଣନ୍ତୁ ନାହିଁ । ବାଲେଶ୍ୱରରେ ପରିବର୍ତ୍ତନର ଧାରା ଆରମ୍ଭ କରନ୍ତୁ । ଆପଣମାନେ ସ୍ୱାଭିମାନୀ । ଆପଣମାନେ ସ୍ନେହୀ ଓ ଦରଦୀ । ଗତ ନିର୍ବାଚନରେ ଆପଣମାନେ ମୋତେ ଯେଉଁ ସ୍ନେହ ଶ୍ରଦ୍ଧା ଦେଇଛନ୍ତି, ତାହା ମୁଁ ସାରାଜୀବନ ଭୁଲି ପାରିବି ନାହିଁ ।

ଏଥର କଂଗ୍ରେସଦଳର ପ୍ରାର୍ଥୀ ଶ୍ରୀମତୀ ମମତା କୁଣ୍ଡୁ ଜଣେ ଅତ୍ୟନ୍ତ ଦକ୍ଷ ମହିଳା । ବାଲେଶ୍ୱରବାସୀଙ୍କ ସମ୍ମାନ ରକ୍ଷା ପାଇଁ ସେ ସବୁବେଳେ ଆଗରେ । ବାଲେଶ୍ୱର ସହରର ରାସ୍ତାଘାଟର ସମସ୍ୟା, ଜଳ ନିଷ୍କାସନର ସମସ୍ୟା ସେ ଉପଯୁକ୍ତ ଭାବେ ବିଧାନସଭାରେ ଉପସ୍ଥାପିତ କରିପାରିବେ ।

ମୁଁ ହାତଯୋଡି ଆପଣମାନଙ୍କୁ ନିବେଦନ କରୁଛି, ମମତା କୁଣ୍ଡୁଙ୍କୁ ହାତ ଚିହ୍ନରେ ଭୋଟ ଦିଅନ୍ତୁ । ବାଲେଶ୍ୱରରେ ପରିବର୍ତନର ମୂଳଦୁଆ ପକାନ୍ତୁ ।

ଆପଣ ସମସ୍ତଙ୍କୁ ଆଉଥରେ ଶୁଭେଚ୍ଛା ଜଣାଉଛି ଓ ମମତାକୁଣ୍ଡୁଙ୍କୁ ହାତ ଚିହ୍ନରେ ଭୋଟ୍ ଦେବା ପାଇଁ ନିବେଦନ କରୁଛି ।

।। ଜୟ ବାଲେଶ୍ୱର ।।
**ନବଜ୍ୟୋତି ପଟ୍ଟନାୟକ**





## ଭୁବନେଶ୍ୱରରୁ ଗତ ୨୪ ଘଂଟାରେ ୮୧ ଜଣ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୩୧।୧୦ (ନି.ପ୍ର): ଗତ ୨୪ ଘଂଟାରେ ରାଜଧାନୀ ଭୁବନେଶ୍ୱରରୁ ମୋଟ୍ ୮୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏଥିରେ ୧୯ ଜଣ ସଂଗରୋଧ ଓ ୬୨ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ଭୁବନେଶ୍ୱର ମହାନଗର ନିଗମ ଟ୍ୱିଟ କରି ଏହି ସୂଚନା ଦେଇଛି । ବିଏମସି ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗତ ୨୪ ଘଂଟାରେ ଭୁବନେଶ୍ୱରରୁ ୨୨୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୨୯ ହଜାର ୧୫୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୭ ହଜାର ୧୫୩ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୧ ହଜାର ୪୨୩ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୬୬ ଜଣଙ୍କର ମୃତ୍ୟୁ ହୋଇଛି ।

# ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷଙ୍କ ରୋଡ଼ ସୋ'

## ଉପ-ନିର୍ବାଚନ ଫଳ ରାଜ୍ୟ ରାଜନୀତି ପାଇଁ ନୂଆ ବାର୍ତା : ବୈଜୟନ୍ତ



ବାଲେଶ୍ୱର,୩୧।୧୧ (ନି.ପ୍ର): ଉପ-ନିର୍ବାଚନରେ ପ୍ରଚାର ଅବଧି ଶେଷ ହେବା ପୂର୍ବରୁ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ବାଲେଶ୍ୱରରେ ପ୍ରାର୍ଥୀ ମାନସଙ୍କ ପାଇଁ ମେଗା ରୋଡ୍ ସୋ'ରେ ଯୋଗଦେବା ଘଟଣା ଦଳୀୟ କର୍ମୀ ଓ ସମର୍ଥକଙ୍କୁ ଅଧିକ କ୍ରିୟାଶୀଳ କରିଛି । ହେଲିକେପ୍ଟର ଯୋଗେ ପାତ୍ରପଡ଼ା ପଡ଼ିଆରେ ଅବତରଣ ପରେ ସେ ସଦର ବିଜେପି କାର୍ଯ୍ୟାଳୟକୁ ଆସି ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ପ୍ରାର୍ଥୀ ମାନସ ଦତ୍ତଙ୍କ ସଙ୍ଗରେ ଶ୍ରୀ ପଣ୍ଡା ଖୋଲା ଗାଡ଼ିରେ ରୋଡ଼ ସୋ'ରେ ଯୋଗ ଦେଇଥିଲେ । ଚିଡ଼ିଆ ପୋଲଠାରୁ ଆରମ୍ଭ ହୋଇଥିବା ଏହି ରୋଡ଼ ସୋ'ରାଣୀପାଟଣା, ଝାଡ଼େଶ୍ୱର ମନ୍ଦିର, ନୂଆବଜାର, ଅରଡ଼ବଜାର ଦେଇ ସହଦେବଖୁଣ୍ଟା ପର୍ଯ୍ୟନ୍ତ ଯାଇଥିଲା । ସହଦେବଖୁଣ୍ଟାର ଚାନ୍ଦମାରୀ ▶▶ପୃଷ୍ଠା ୭

# ରାସ୍ତାପାର୍ଶ୍ୱ ଦୋକାନୀଙ୍କୁ ଉଚ୍ଛେଦ ପ୍ରତିବାଦରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ




ଭଦ୍ରକ,୩୧।୧୦ (ନି.ପ୍ର): ସାରା ଭଦ୍ରକ ପୌରପାଳିକା ଅଂଚଳରେ ଯେଉଁ ରାସ୍ତା ପାର୍ଶ୍ୱ ଦୋକାନୀମାନେ ଜୀବିକା ଅର୍ଜନ କରୁଥିଲେ, ପୌର କର୍ତ୍ତୃପକ୍ଷ ସହରକୁ ସୁନ୍ଦର କରିବା ଆଳରେ ସେମାନଙ୍କୁ ବେଆଇନ୍ ଭାବେ ଉଚ୍ଛେଦ କରିବା ପାଇଁ ଆଦେଶ ଦେଇଛନ୍ତି। ଏହି ବେଆଇନ୍ ଉଚ୍ଛେଦକୁ ବନ୍ଦ କରିବା ପାଇଁ ଦାବିକରି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଠାରେ ସୂଚନାଯୋଗ୍ୟ କରୋନା ମହାମାରୀ ସମୟରେ ରାସ୍ତା ପାର୍ଶ୍ୱ ଦୋକାନୀମାନେ ଜୀବିକା ହରାଇ ଭୋକରେ ଦିନ କାଟୁଥିବାବେଳେ ସରକାର ୩ ହଜାର ଟଙ୍କା ଆର୍ଥିକ ସହାୟତା ଦେଇଥିଲେ। ଏବଂ ସରକାରଙ୍କ ପକ୍ଷରୁ ପଥପାର୍ଶ୍ୱ ଦୋକାନୀମାନଙ୍କୁ ଭେଣ୍ଡିଂ ଭୋନ୍ ଆକ୍ଟର ଫର୍ମ-III ପାରା ୭ ଅନୁସାରେ ଭେଣ୍ଡିଂ ସାର୍ଟିଫିକେଟ୍ ଦେଇଅଛନ୍ତି। ସେହି ସାର୍ଟିଫିକେଟ୍ ମୂଳେ ପ୍ରାୟତଃ ପଥପାର୍ଶ୍ୱ ଦୋକାନୀଙ୍କୁ ୧୦ ହଜାର ଟଙ୍କା ଲୋନ୍ ମଧ ଦେଇଛନ୍ତି। ପରିତାପର ବିଷୟ କରୋନା ମହାମାରୀ ବେଳେ ଏହି ଦୋକାନୀମାନଙ୍କୁ 'ବାଟ ନାଶ କରେ ଝିପିରି ପାଣି, କୂଳ ନାଶକରେ ତିନି ଠାୟାଣି' ପରି ସେମାନଙ୍କୁ ବିଭିନ୍ନ ସମୟରେ ଏଠୁ ନେଇ ସେଠି କରାଯାଉଥିବାର ପ୍ରତିବାଦ କରିଥିଲେ। ଏହି ପ୍ରତିବାଦ ସଭାରେରେ ସହରର ବନ୍ତଛକ ଅଂଚଳର ସମସ୍ତ ଉଠାଦୋକାନୀ, ଶ୍ରମିକ ନେତା ଦିବ୍ୟସିଂହ ନାୟକ, ବ୍ରଜ ସାହୁ, ମଙ୍ଗରାଜ ମଲିକ, ଗୋଲାମ ଖାଁ, ଧନୀ ଜେନା, ବଳଭଦ୍ର ପଣ୍ଡା, ସେକ୍ ଅସରଫ, ମଜୋହର କାଦରୀ, ଶଙ୍କର୍ଷଣ ସାହୁ, ଆଶୁତୋଷ ସାହୁ, ସୁଲତାନ ଖାଁ, ସବିର ଖାଁ, ସେକ୍ ଅଜଗର, ସଦମ ଖାନ, ଗୋପାଳ ବାରିକ, ଅବଦୁଲ ଖାଲିକ, ବିଶ୍ୱନ ପାଢୀ, ଗୋରା ଖାଁ, ଗନୀ ଖାଁ, ଗୋରା ଖାନ ପ୍ରମୁଖ ଯୋଗଦେଇ ଏହି ବେଆଇନ୍ ଉଚ୍ଛେଦ ବନ୍ଦକରିବା ପାଇଁ ଦାବିକରିଥିଲେ। ଏହି ବେଆଇନ୍ ଉଚ୍ଛେଦ ବନ୍ଦ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରିବାକୁ ସିଟୁ ନେତା ଦିବ୍ୟସିଂହ ନାୟକ ଆହ୍ୱାନ ଦେଇଛନ୍ତି।

# ପେଟା ପଥର ଖଣିକୁ ବିରୋଧ କରି ଆନ୍ଦୋଳନ

ମାଲକାନଗିରି,୩୧।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାବର୍ତୀ ମୋଟୁ ତହସିଲ ଅନ୍ତର୍ଗତ ପେଟା ଗ୍ରାମରେ ଚାଲିଥିବା ପଥର ଖଣିକୁ ବିରୋଧ କରି ପୁଣି ସୀମାନ୍ତ ମୋଟୁ ଓ ପୂସୁଗୁଡା ପଂଚାୟତର ଶତାଧିକ ଲୋକ କୋଭିଡ -୧୯ ନିୟମକୁ ପାଳନ କରି ପଥର ଖଣିକୁ ବନ୍ଦ କରିବା ପାଇଁ ମୁରଲୀଗୁଡ଼ା ଗ୍ରାମ ଠାରେ ଏକ ବୈଠକ ଆୟୋଜନ କରିଥିଲେ । ଏହି ବୈଠକରେ ମୋଟୁ ପଂଚାୟତର ସରପଂଚ ମୁନା ସୋଡି ଏବଂ ବିଭିନ୍ନ ୱାର୍ଡର ସଭ୍ୟ ସଭ୍ୟା ମଧ ଉପସ୍ଥିତ ରହିଥିଲେ । ମୋଟୁ ପଂଚାୟତର ସମସ୍ତ ଗ୍ରାମ ଗୁଡିକ ପେଟା ପଥର ଖଣିର ତଳୁଆ ଅଂଚଳରେ ରହିଥିବାରୁ ଖଣି ପାହାଡ ସମ୍ପୂର୍ଣ୍ଣ କାଟିବା ପରେ ତଳୁଆ ଅଂଚଳ ରେ ତଥା ମୋଟୁ ପଂଚାୟତର ଅନେକ ଗ୍ରାମ ଓ ଶହ ଶହ ହେକ୍ଟର ଚାଷ ଜମି ଜଳ ମଗ୍ନ ହୋଇଯିବା ସହ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ବୋଲି ବୈଠକରେ କୁହାଯାଇଛି । ଗୋଟିଏ ପଟେ ବର୍ଷା ଦିନେ ଆନ୍ଧ୍ରପ୍ରଦେଶ ର ପୋଲାଭରମ ପ୍ରକଳ୍ପ ଯୋଗୁଁ ଗୋଦାବରୀ ନଦୀର ପଛୁଆ ପାଣି ମୋଟୁ ସହ ଆଖପାଖ ଅଂଚଳକୁ ଜଳମଗ୍ନ କରି ରଖୁଥିବା ବେଳେ ଏହି ଗ୍ରାନାଇଟ ପାହାଡ ସମ୍ପୂର୍ଣ୍ଣ କଟାଯିବା ପରେ ସ୍ଥାନୀୟ ଅଂଚଳର ସମସ୍ୟା ଦ୍ୱିଗୁଣିତ ହୋଇପଡ଼ିବ । ଅନ୍ୟପଟେ ଏହି ଅଂଚଳରେ ଏଭଳି ଏକ ଖଣି ଖନନ ପ୍ରକଳ୍ପ ଚାଲୁ ରହିଥିଲେ ମଧ୍ଯ ସ୍ଥାନୀୟ ଅଂଚଳର ଯୁବକଙ୍କୁ ନିଯୁକ୍ତି ସୁଯୋଗ ଦେବାକୁ ବିଭିନ୍ନ ଜନପ୍ରତିନିଧିମାନେ କହିଛନ୍ତି । ଯଥା ଶୀଘ୍ର ସରକାର ଏଥିପ୍ରତି ଧ୍ୟାନ ଦେବା ସହ ଉଚ୍ଚ ସ୍ତରୀୟ ତଦନ୍ତ କରି ତଳୁଆ ଅଂଚଳରେ ରହିଥିବା ଗ୍ରାମବାସୀଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦେବାକୁ ସରକାରଙ୍କ ଠାରେ ଦାବୀ ଉପସ୍ଥାପନା କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ବର୍ତମାନ ପରିସ୍ଥିତିରେ ଖଣି ଖନନ କୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ଲୋକଙ୍କ ସୁରକ୍ଷା ଦିଗରେ ଧ୍ୟାନ ଦେବାକୁ ସ୍ଥାନୀୟ ସରପଂଚ ଗଣମାଧ୍ୟମ ସମ୍ମୁଖରେ ମତ ପ୍ରକାଶ କରିଥିଲେ । ଏଥିସହ ତୁରନ୍ତ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ କିଛି ଦିନମଧ୍ୟରେ ବିରାଟ ଜନ ଆନ୍ଦୋଳନ ର ବସା ବାନ୍ଧୁଥିବା କୁହାଯାଉଥିବା କୁହାଯାଇଛି । ଅନ୍ୟପଟେ ଆଗାମୀ ଦିନରେ ଏ ବାବଦରେ ଜିଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଚିଠି ପ୍ରଦାନ କରିବୁ ବୋଲି ଉପସ୍ଥିତ ଲୋକ ଓ ଲୋକ ପ୍ରତିନିଧି ମାନେ କହିଛନ୍ତି ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ପାଳନ

କେନ୍ଦ୍ରାପଡ଼ା,୩୧।୧୦ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ଶୁକ୍ରବାର ପୂର୍ବାହ୍ନରେ ପାଳନ କରାଯାଇଛି । ଏ ସଂପର୍କିତ ଏକ ସଚେତନତା ରଥକୁ ଜିଲା ସୂଚନା ଓ ଲୋକ ସଂପର୍କ ଉପ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ୱଳ୍ପ ସଂଚୟ ଅଧିକାରୀ ନିତ୍ୟାନନ୍ଦ ସିଂହ ପରିଚାଳନା କରିଥରଲେ । ଜନ ସାଧାରଣଙ୍କ ମଧ୍ୟରେ ମିତବ୍ୟୟିତା ପ୍ରତି ସଚେତନ ସୃଷ୍ଟି କରିବା ସହ ଆଗାମୀ ଭବିଷ୍ୟତ ପ୍ରତି ସଂଚୟ ମନବୃତି ଜାଗ୍ରତ କରିବା ଏହାର ଉଦ୍ଦେଶ୍ୟ । ପ୍ରଥମେ ସଂଚୟ ଓ ପରେ ବ୍ୟୟ ଏହି ତାତ୍ପର୍ଯ୍ୟକୁ ପାଳନ କଲେ ଭବିଷ୍ୟତରେ ଗୁରୁତର ଆର୍ଥିକ ସଂକଟରେ ଏହା ଆମକୁ ସାହସ ଦେଇଥାଏ । ସରକାରୀ ସଂସ୍ଥାର ବିଭିନ୍ନ ଯୋଜନାରେ ସଂଚୟ ଅର୍ଥକୁ ବିନିଯୋଗ କରିବା କୁ ଶ୍ରୀ ନାୟକ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱଳ୍ପ ସଂଚୟ ବିବାଗ ସହକାରୀ ରୀନା ନାଥ, ବରିଷ୍ଠ ସହକାରୀ ଦିବାକର ମହାନ୍ତିଙ୍କ ସମେତ ଏଜେଣ୍ଟ ଖୁଲଣା ସୁନ୍ଦରୀ ଦାସ, ହିରଣ୍ୟ କର, ସେବତୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# କୋଭିଡ ସହାୟତା ଋଣ ନେଇ ସ୍ୱାବଲମ୍ବୀ ହୋଇଛନ୍ତି ମହିଳା

ମାଲକାନଗିରି,୩୧।୧୦ (ନି.ପ୍ର): ଓଡିଶା ଜୀବିକା ମିଶନ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଆଂଚଳିକ ମଂଚ ଏବଂ ପଂଚାୟତ ସ୍ତରୀୟ ସଂଘରୁ କୋଭିଡ ସହାୟତା ରାଶି ମାଧ୍ୟମରେ ବ୍ୟକ୍ତିଗତ ଭାବେ ଋଣ ପ୍ରଦାନ କରାଯାଇଛି । ମହିଳା ମାନେ ଏହି ଅର୍ଥ ନେଇ ବିଭିନ୍ନ ପ୍ରକାର ନିଜର ଜୀବନ ଜୀବିକା କାର୍ଯ୍ୟ ର ବ୍ୟବହାର ଏବଂ ଚାଷ କାର୍ଯ୍ୟ ରେ ଲଗାଇ ପାରୁଛନ୍ତି । ଏଥିପାଇଁ କାଳିମେଳା ଓଡିଶା ଜୀବିକା ମିଶନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇ ଥିବା ବେଳେ କାଲିମେଳା ବ୍ଲକ ରେ ବର୍ତମାନ ସୁଦ୍ଧା ମୋଟ ୭ ୫ ଜଣ ମହିଳା ଙ୍କୁ କମ ଶୁଦ୍ଧ ରେ ଋଣ ପ୍ରଦାନ କରାଯାଇଛି ।ଏହି ଅର୍ଥ ନେଇ ମହିଳା ମାନେ କିଏ ପରିବା ବେପାର ତ କିଏ ଚପଲ ଦୋକାନ,ମାଛ ଚାଷ, କୁକୁଡ଼ା ଫାର୍ମ,ଲୁଗା ଦୋକାନ, ଗହଣା ବେପାର,କିରାଣୀ ଦୋକାନ ଏବଂ ଟେସନାରୀ ଦୋକାନ କରି ଦୁଇ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିଛନ୍ତି । ଓଡ଼ିଶା ଜୀବିକା ମିଶନ ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ପବିତ୍ର ମୋହନ ବାରା କାଲିମେଳା ଗ୍ରସ୍ତ କରି ବ୍ଲକ ର ବିଭିନ୍ନ ପଂଚାୟତ ରେ କୋଭିଡ ସହାୟତା ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠି ର ମା ମାନଙ୍କ ସହିତ ଆଲୋଚନା କରିଛନ୍ତି ।କରୋନା ସକାଶେ ନିଜର ଜୀବିକା ହରାଇଥିବା ବେଳେ ଓଡ଼ିଶା ଜୀବିକା ମିଶନ ର ସାହାଯ୍ୟ ରେ କିପରି ନିଜର ପରିବାରର ଉନ୍ନତି ହୋଇ ପାରିବେ ତାହା କାଲିମେଳା ବ୍ଲକ ର ଓଡିଶା ଜୀବିକା ମିଶନ ର ପରିଚାଳି କା ରୋଜାଲିନ ଦାସ ଏବଂ କାଲିମେଳା ବ୍ଲକ ଗୋଷ୍ଠି ଉନୟନ ଅଧିକାରୀ ଉମାଶଙ୍କର ଦଳେଇ ଏହି ସବୁ କାର୍ଯ୍ୟ କୁ ତଦାରଖ କରୁଥିବା ଜଣାପଡ଼ିଛି । ଏହି ମହାମାରୀ କୋଭିଡ ସମୟରେ ମହିଳା ମାନେ ସ୍ୱାବଲମ୍ବୀ ହୋଇଥିବାରୁ ଅଂଚଳରେ ଓଡିଶା ଜୀବିକା ମିଶନ କୁ ପ୍ରଶଂସା କରିଛନ୍ତି ଏବଂ ଆହୁରି କିପରି ମହିଳା ମାନେ ରୋଜଗାର ସହିତ ସ୍ୱାବଲମ୍ବୀ ହେବେ ଏବଂ ଆହୁରି କୋଭିଡ ସହାୟତା ରାଶି ଯୋଗାଇ ଦେବେ ତାହା ଓଡିଶା ଜୀବିକା ମିଶନ ବ୍ଲକ ପରିଚାଳି କା ଏବଂ ଜିଲ୍ଲା ପ୍ରକଳ୍ପ ଅଧିକାରୀ କହିଛନ୍ତି ।

# ଅବହେଳିତ ମହିଳାଙ୍କୁ ମିଳିଲାନି ପୁଲିସର ସାହାରା

## ଇ ଅଭିଯୋଗ କରି ଜୀବନ ବିକଳରେ ମହିଳାଙ୍କ ଆତ୍ମଗୋପନ
## ଗୁଣ୍ଡା ଓ ପୁଲିସ ଉଭୟ ଖୋଜୁଛନ୍ତି ମହିଳାଙ୍କୁ

ରାଉରକେଲା,୩୧।୧୦ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା ରାଉରକେଲା ପୁଲିସ ଜିଲ୍ଲାର କଂଶର ଗ୍ରାମରେ ରହୁଥିବା ଆରତୀ ସିଂ ନାମକ ବିଧବା ମହିଳାଙ୍କୁ ଗତ ୧୯ ତାରିଖରେ ତାଙ୍କ ଘରପାଖରୁ କେତେକ ଜମି ଦଲାଲ ଓ ଗୁଣ୍ଡ ଉଠାଇ ନେବା ପରେ ତାଙ୍କର ସମସ୍ତ ଜମିକୁ କାଗଜ ପତ୍ର ଜରିଆରେ ସେମାନଙ୍କ ନାମକୁ ନେଇଯିବା । ଏପରିକି ମହିଳା ଜଣକ ଜଳଦା ପୁଲିସିକୁ ଏ ବାବଦରେ ଜଣାଇବା ସତ୍ତ୍ୱେ ଜଳଦା ପୁଲିସ ତାଙ୍କୁ ନାଲି ଆଖି ଦେଖାଇଥିଲା । ପରେ ସେ ଏନେଇ କୌଣସି ମତେ ଇ ଅଭିଯୋଗ କରି ଦେଇ ଗତ କାଲି ଠାରୁ କେଉଁ ଆଡେ ଉଭାନ ହୋଇଯାଇଥିବା ଖବର ମିଳିଛି । ଏହାରି ଭିତରେ କେତେକ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ଓ ଜଳଦା ପୁଲିସ ତାଙ୍କ ଘରକୁ ବାରମ୍ବାର ଜିବାରୁ ଗ୍ରାମବାସୀ ଓ ସମ୍ପୃକ୍ତ ମହିଳାଙ୍କ ପୁଅ ଝିଅ ଆତଙ୍କିତ ହୋଇ ପଡିଛନ୍ତି ବୋଲି ଖବର ମିଳିଛି । ତାଙ୍କ ପୁଅକୁ ଧରି ପୁଲିସ ତାଙ୍କ ଝିଅ ଘରକୁ ଜିବା, ଗାଁକୁ ଯାଇ ବାରମ୍ବାର ଧମକ ଦେବା ଆଦି ଘଟଣାରେ ସମସ୍ତେ ଆତଙ୍କିତ ହୋଇପଡିଥିବା ଅଭିଯୋଗ ହୋଇଛି । ସେମାନେ କହିବା କଥା, ଯେଉଁ ଜଳଦା ପୁଲିସି ତାଙ୍କୁ ସେଦିନ ଫେରାଇଦେଲା ସେ ପୁଲିସର କାରବାର ସନ୍ଦେହଜନକ ରହିଛି, ତେଣୁ ସେମାନେ ଆତଙ୍କିତ ହୋଇ ଜିଏ ଜୁଆଡେ ଲୁଚିବା ଆରମ୍ଭ କଲେଣି । ଗତକାଲି ସେ କରିଥିବା ଅଭିଯୋଗ ଅନୁଯାୟୀ, ଯୋଗେନ୍ଦ୍ର ଲୋହାର ଓ ଅନ୍ୟ କେତେକ ବ୍ୟକ୍ତିଙ୍କ ଉପସ୍ଥିତରେ ସିଭିଲ ଟାଉନର ଏକ ଘରେ ମାଜଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କର ଜମି ଗୁଡିକୁ କୌଣସି ବିଲ୍‌ଡର ସଂସ୍ଥା ନେଇଯାଇଛି । ଏଥିରେ ଅଙ୍କିତ ଅଗ୍ରୱାଲ ନାମକ ବ୍ୟକ୍ତିଙ୍କ କଥା ମଧ ସେ ଉଲ୍ଲେଖ କରିଛନ୍ତି । ଏନେଇ ସେ ଜଳଦା ଫାଣ୍ଡିକୁ ଜିବାରୁ ସେଠାରେ ତାଙ୍କୁ ପୁଲିସ ସହଯୋଗ କରିବା ଯାଗାରେ ଓଲଟି ଖରିଆବାହାଲ ଜେଲରେ ପୁରାଇଦେବେ ବୋଲି ନାଲି ଆଖି ଦେଖାଇଥିବା ନେଇ ସେ ଉଲ୍ଲେଖ କରିଛନ୍ତି । ଖାଲି ସେତିକି ନୁହେଁ ତାଙ୍କର ଆଧାର କାର୍ଡ, ବ୍ୟାଙ୍କ ଖାତା ଆଦିକୁ ମଧ ସେହି ଦଲାଲ ମାନେ ନେଇ ରଖିଥିବା ସେ ଅଭିଯୋଗ କରିଛନ୍ତି । ତାଙ୍କ ବ୍ୟାଙ୍କ ଖାତାରେ କେତେ ଟଙ୍କା ଅଛି ସେକଥା ମଧ ସେ ଜାଣନ୍ତି ନାହିଁ, ସେହି ଏତଲା ରେ ଲେଖାଥିବା କେତେକ ବ୍ୟକ୍ତି ତାଙ୍କ ବ୍ୟାଙ୍କ ଖାତା ପରିଚାଳନା କରୁଥିବା ବିଷୟ ସେ କହିଛନ୍ତି । ସଂପୃକ୍ତ ମହିଳା ଜଣକ ୧୦ ଡିସିମିଲ ଯାଗା ବିକି ଘରଟିଏ କରିବାକୁ ଚାହୁଁଥିଲେ । ହେଲେ କିଛି ଦଲାଲ ଓ ବିଲ୍ଡର ମିଶି ତାଙ୍କ ଜମି ଯାଗାକୁ ଲୁଟ କରିବାକୁ ଉଦ୍ୟମ କରିଥିବା ସେ ଅଭିଯୋଗ କରିଛନ୍ତି । ଖାଲି ସେତିକି ନୁହେଁ ଏନେଇ ଖବର ପ୍ରକାଶ ପାଇବା ପରେ ଏହି ଦଲାଲ୍ ମାନେ କିଛି ସାମ୍ବାଦିକଙ୍କୁ ନାଲିଆଖି ଦେଖାଉଥିବାର ଖବର ମିଳିଛି । ଗତକାଲି ଲାଠିକଟାରେ ଜଣେ ସାମ୍ବାଦିକଙ୍କୁ ନାନା କଥା ଏହି ଦଲାଲା ମାନେ ପଚାରିବା ସହ ମହିଳା ଜଣକ କେଉଁଠି ବୋଲି ବାରମ୍ବାର ପଚାରିଥିବା ଖବର ମିଳିଛି । ଯେଉଁ ଦଲାଲ, ଗୁଣ୍ଡା, ଜମି ମାଫିଆ ଓ ଅସହଯୋଗ କରିଥିବା ପୁଲିସି ଭୟରେ ସେ କେଉଁଠାରେ ଆତ୍ମ ଗୋପନକରିଛନ୍ତି ସେମାନେ ତାଙ୍କ ଗାଁକୁ ଯାଇ ତାଙ୍କ ପୁଅକୁ ବାରମ୍ବାର ଘେରୁଥିବାରୁ ପୁଅ ଓ ପରିବାର ଲୋକେ ଭୟଭିତ ହୋଇପଡିଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଇ ଅଭିଯୋଗ ହେବାପରେ ପୁଲିସ ଅଭିଯୁକ୍ତ ମାନଙ୍କୁ ନଖୋଜି ଏତଲା କାରୀଙ୍କୁ କାହିଁକି ଖୋଜୁଛି ବୋଲି ପ୍ରଶ୍ନ ଉଠିଛି । ସେହିଭଳି ମହିଳା ଜଣଙ୍କର ଜଳଦା ଏସବିଆଇରେ ଆକାଉଁଟ ରହିଛି, ସେଠାରେ କିପ୍ରକାର କାରବାର କିଏ କରିଛି ସେନେଇ ପୁଲିସି ତଦନ୍ତ କରିବା କଥା ବୋଲି ଆଲୋଚନା ଚାଲିଛି । ସେହିଭଳି ଯଦି ଏହି ମାମଲାରେ ମହିଳା ଜଣକ ଜଳଦା ପୁଲିସିକୁ ଡରୁଛି ଓ ବିଶ୍ୱାସକୁ ନେଉନାହିଁ ତେବେ ପୁଲିସ ଜିଲ୍ଲାର ଅନ୍ୟ ଅଫିସରଙ୍କ ଦ୍ୱାରା ଏହି ମାମାଲା ଯାଂଚ୍ କରିବାରେ ଅସୁବିଧା କେଉଁଠି ବୋଲି ଅନେକ ପୁରାତନ ପୁଲିସ ଅଫିସର ମତ ଦେଇଛନ୍ତି । ଆମ ବ୍ୟବସ୍ଥା ବାରମ୍ବାର ଡିଣ୍ଡିମ ପିଟୁଛି ଆମ ପୁଲିସ, ମହିଳା ସୁରକ୍ଷା ଆମର ଦାୟିତ୍ୱ, ଏହି ଭଳି ଅନେକ କଥା । କିନ୍ତୁ, ଆଦିବାସୀ ଅଧୁସିତ ସୁନ୍ଦରଗଡ ଜିଲ୍ଲାର ଏକ ଆଦିବାସୀ ଅଂଚଳରେ ରହିଥିବା ପୁଲିସି ଫାଣ୍ଡି ଓ ସେଠାରେ ରହୁଥିବା ମହିଳାଙ୍କ ଅବସ୍ଥା ଏଇଆ । ତେଣୁ ସରକାର ଚିନ୍ତା କରିବା ଦରକାର ତାଙ୍କ ବେତନଭୋଗୀ ବାବୁ ମାନେ କେତେ ତତ୍ପର । ସରକାରଙ୍କ ନିର୍ଦ୍ଦେଶକୁ ସେମାନେ କେତେ ପାଳନ କରୁଛନ୍ତି ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କମ୍ବଳ ବଂଟନ

ଧର୍ମଶାଳା,୩୧।୧୦ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଚାନ୍ଦପୁର (ବ୍ରହ୍ମବରଦା)ସ୍ଥିତ ଅଲ ଓଡିଶା ହବିବ ଏ ମିଲ୍ଲତ ସୋସିଆଲ ଟ୍ରଷ୍ଟ ପକ୍ଷରୁ ଜସନେ ଇଦ ମିଲାଦ ଉନ ନବି ପାଳନ ହୋଇଯାଇଛି । ଏହି ଶୁଭ ମୁହୂର୍ତରେ ଟ୍ରଷ୍ଟ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଅଂଚଳର ବରିଷ୍ଠ ସମାଜସେବୀ ସେଖ କେତୋରୁଦ୍ଦିନ ମୁଖ୍ୟ ଅତିଥି, ଇଫତେଖାର ଆଲମ,ଗୋଲାମ ମୁସ୍ତାଫା ଖାଁ,ଜିୟାଉଲ୍ଲା ଖାଁ,ସେଖ୍ ତଜମୁଲ,ସୋଏବ ମହମ୍ମଦ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ ।

## ଯାଜପୁରରେ ସଂଚୟ ରଥ ଉଦ୍‌ଘାଟିତ

ଯାଜପୁର,୩୧।୧୦ (ନି.ପ୍ର): ସଂଚୟ ବାବଦରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଶୁକ୍ରବାର ସଂଚୟ ରଥ ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି ବିଶ୍ୱ ମିତବ୍ୟୟତା ଦିବସ ଅବସରରେ ଏହି ରଥକୁ ପତାକା ଦେଖାଇ ଉଦଘାଟନ କରିଥିଲେ । ବିଶେଷ କରି ଛୋଟ ଅବସ୍ଥାରୁ ସଂଚୟ ବାବଦରେ ଲୋକମାନଙ୍କୁ ଅବଗତ କରାଇବା, ସଂଚୟର ଉପକାରିତା ଓ ଉପଯାଗିତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ସଂଚୟ ରଥର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଥିଲେ । ଏହି ରଥ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ପରିକ୍ରମା କରିବା ସହ ଲୋକଙ୍କ ମଧ୍ୟରେ ସଂଚୟ ବାବଦରେ ସଚେତନତା ସୃଷ୍ଟି କରିବ ବୋଲି ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ ସୂଚନା ଦେଇଛନ୍ତି ।

# ବିଜେଡିର ଜନ ସଚେତନତା ଅଭିଯାନ ଜାରୀ

ନୂଆପଡା,୩୧।୧୦ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଉପାନ୍ତ ଅଂଚଳରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ଜନ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସିନାପାଲି ଅନ୍ତର୍ଗତ ବରଗାଁ, ସାଲେକେଲା, ସାଗୁନଭାଡି, ଚଟିଆଗୁଡା, ଗଡରାମାଲ, ନିଲଜୀ,ପ ଡିଆଲ, ଗୋର୍ଲା, ଗୋବିନ୍ଦପୁର, କୁସୁମଖୁ୍ଣ୍ଟା, ମାଲପଡା, ହିରାପୁର, ବୈଜଲପୁର, ଟିମନପର ପ୍ରଭୃତି ଗ୍ରାମ ବୁଲି ସଚେତନ କରାଯାଇଥିଲା । କରୋନା ମୁକାବିଲା ପାଇଁ ସମସ୍ତଙ୍କୁ ମାସ୍କ ବ୍ୟବହାର କରିବା ସହ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ବ୍ୟବହାର କରିବା, ବାରମ୍ବାର ସାବୁନରେ ହାତ ଧୋଇବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଜନ ସଚେତନା ଅଭିଯାନରେ ସିନାପାଲି ବ୍ଲକ ବିଜେଡି ସଭାପତି ବିରେନ୍ଦ୍ର ଖମାରୀ, ସମ୍ପାଦକ ଦୈତାରୀ ମେହେର, ମହିଳା ମୋର୍ଚ୍ଚା ସଭାନେତ୍ରୀ ମନ୍ଦାକିନୀ ବଘେଲ, ଜିଲ୍ଲା ପରିଷଦ ସଦସ୍ୟା ଦୋଲକାନ୍ତୀ ମାଝୀ, ଜାନକି ଘିଭେଲା, ଯୁବ ସଭାପତି ପ୍ରଦୀପ ପ୍ରଧାନ, ଗଣେଶ ଚନ୍ଦ୍ର ମେହେର, ରୁଷଭ ମେହେର, ଛାତ୍ର ସଭାପତି ସୂର୍ଯ୍ୟପ୍ରତାପ ସିଂ, ଜିଲା ଯୁବ ସମ୍ପାଦକ ଗଜାନନ ବଗର୍ତୀ, ଉଦିତ ଖର୍ସେଲ, ଗଜମୋହନ ପ୍ରଧାନ, ବାଳକୃଷ୍ଣ ନାଏକ, ଗୋପିନାଥ ବେହେରା, କିଶୋର ନାଗ, ଟେକରାମ ମାଝୀ, ପଦ୍ମନ ସା, ଜଗଦିସ ମାଝୀ, ଉଜଳ ସିଂ ମାଝୀ, ଗୁପ୍ତେଶ୍ୱର ଗହିର, କେଶବ ତାଣ୍ଡି, ଦିଲ୍ଲିପ ହରପାଲ, ମିଥୁନ ବାଗ, ରମେଶ ତିୱାରୀ, ଗଜାନନ ମେହେର, ଭୁବନେଶ୍ୱର ବଗର୍ତି, ସର୍ଜୁ ସୁନାନୀ, ବିଲାସ ମେହେର, ନିଲମ ହଂସ, ଜୟନ୍ତି ବାଗ, ଜ୍ୟୋତି ଜଗତ, ବଦନ ସୁନାରୀ, ଦୀନବନ୍ଧୁ ସା, ଗରିବ ହଂସ, ଖିରସିନ୍ଧୁ ହଂସ, ଭଗବାନ ନିଆଲ, ଲଲିତ ବାଗ, କେଦାର ବନ୍ଦିଛୋର, ଦେବ ହଂସ ପ୍ରମୁଖ ସାମିଲ ଥିଲେ ।

# ଖଡିଆଳ ବ୍ଲକର ଶତାଧିକ ପରିବାର ରାସନକାର୍ଡ ପାଇବାରୁ ବଂଚିତ ଅଭିଯୋଗ

ନୂଆପଡା,୩୧।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକର ୨୬ ଗୋଟି ପଂଚାୟତର ଶତାଧିକ ପରିବାର ରାସନକାର୍ଡ ପାଇବାରୁ ବଂଚିତଥିବା ନେଇ ଅଭିଯୋଗ କରିଛନ୍ତି । ଏନେଇ ଉଚ୍ଚ ଅଧିକାରୀଙ୍କୁ ଅନେକଥର ହିତାଧିକାରୀ ଲିଖିତ ଅଭିଯୋଗ କରି କାର୍ଡ ପ୍ରଦାନର ବ୍ୟବସ୍ଥା କରିବାକୁ ଦାବୀ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନଥିବା ଅଭିଯୋଗ କରିଛନ୍ତି । ଫଳରେ ଗରିବ ହିତାଧିକାରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଖଡିଆଳ ବ୍ଲକ ଏକ ଆଦିବାସୀ ବହୁଳ ଅଂଚଳ ହୋଇଥିବା ବେଳେ ଅନେକ ପରିବାର ଗରିବ ଏବଂ ଶ୍ରମିକ ଶ୍ରେଣୀର ବସବାସ କରୁଛନ୍ତି । ହେଲେ ସରକାରଙ୍କ ପ୍ରଚଳିତ ଖାଦ୍ୟ ସୁରକ୍ଷା ଆଇନ ବଳରେ ଯୋଗ୍ୟ ହିତାଧିକାରୀ ମାନେ ରାସନକାର୍ଡ ପାଇବାରୁ ବଂଚିତ ରହି ଯାଇଛନ୍ତି । ଖଡିଆଳ ବ୍ଲକର ଅନେକ ଗ୍ରାମର ଶତାଧିକ ପରିବାର ଏହି ରାସନକାର୍ଡ ପାଇବାରୁ ବଂଚିତ ରହିଥିବା ବେଳେ ଏନେଇ ଜିଲ୍ଲାପାଳ, ଖଡିଆଳ ଗୋଷ୍ଠି ଉନ୍ନୟନ ଅଧିକାରୀ, ଯୋଗାଣ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଆସୁଛନ୍ତି । ହେଲେ ସୁଫଳ ମିଳି ପାରୁନାହିଁ । ଅନ୍ୟପକ୍ଷରେ ଚଳିତ ବର୍ଷ ମଧ୍ୟ କାମ ଧନ୍ଦାର ଘୋର ଅଭାବ ଏବଂ ସରକାରଙ୍କ ମନରେଗା ଯୋଜନାରେ ଉଚିତ ସମୟରେ ପାଉଣା ମିଳୁନଥିବା କାରଣରୁ ଗରିବ ଲୋକେ ଅନ୍ୟଉପାୟ ନପାଇ ଦାଦନ ଖଟି ଯାଉଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବାଦ ପଡିଥିବା ହିତାଧିକାରୀ ମାନଙ୍କୁ ରାସନକାର୍ଡ ପ୍ରଦାନର ବ୍ୟବସ୍ଥା କରିବାକୁ ଦାବୀ କରିଛନ୍ତି ।

# ପିଡିଏସ ଚାଉଳ ଚୋରାଚାଲାଣ ମାମଲାରେ ଚାଲାଣ କାରିଙ୍କୁ ଠାବ କରିବା ପରିବର୍ତ୍ତେ ଘଟଣାକୁ ଚପାଇଦେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଚାଲିଥିବା ଅଭିଯୋଗ

ମାଲକାନଗିରି,୩୧।୧୦ (ନି.ପ୍ର): ଗତ ମଙ୍ଗଳବାର ଦିନ ଅପରାହ୍ନ ସମୟରେ ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ୍ ଶିମିଳିବାଞ୍ଚା ଅଂଚଳରୁ ମାଲକାନଗିରି କୁ ଚାଲାଣ ହେଉଥିବା ପିଡିଏସ୍ ଚାଉଳ ବୋଝେଇ ମିନିଟ୍ରକକୁ ଏମଭି୧୧୬ ଓ ଏମଭି ୭୨ ଗ୍ରାମବାସୀ ଅଟକାଇ ରଖିବା ଘଟଣା ସାରା ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି କରିଥିଲା । ଦିନ ଦ୍ୱିପହରରେ ଗରିବଙ୍କ ପାଇଁ ଆସିଥିବା ପିଡିଏସ୍ ଚାଉଳ କିପରି ଓ କାହା ନିର୍ଦ୍ଦେଶ ରେ ଚାଲାଣ ହେଉଥିଲା ତାହାର ନିରପେକ୍ଷ ତଦନ୍ତ ପାଇଁ ସ୍ଥାନୀୟ ଲୋକ ଦାବୀ ମଧ୍ଯ କରିଥିଲେ । ଏହାର ତନାଘନା କରିବାକୁ ଆଜି ଜିଲ୍ଲା ଯୋଗାଣ ଅଧିକାରୀ ଙ୍କ ନିର୍ଦ୍ଦେଶରେ ପଡିଆ ଯୋଗାଣ ନିରୀକ୍ଷକ ମାନଭଞ୍ଜନ ହୋତା ଗତ ଦୁଇଦିନ ଧରି ଏମଭି ୭୨ ଗ୍ରାମରେ ଅଟକ ରଖାଯାଇଥିବା ଓଡି୩୦ ୫୬୩୭ ନମ୍ବରଧାରୀ ମିନିଟ୍ରକ ସହ ଡ୍ରାଇଭର୍ ଅବିନାଶ ବୈଦ୍ୟଙ୍କ ଠାରୁ ୧ ୧୩ ବସ୍ତା ଅର୍ଥାତ୍ ପ୍ରାୟ ୫୪ କୁଇଣ୍ଟାଲ ୮୦ କେଜି ଚାଉଳ ଜବତ କରାଯାଇଛି । ଏହାପରେ ଗାଡ଼ିଟିକୁ କାଲିମେଳା କୁ ନିଆଯାଇ ସେଠାରେ ଏକ ମିଲ୍ର ଙ୍କ ପାଖରେ ଜିମାରେ ରଖାଯାଇଥିବା ଜଣାପଡିଛି । ଗତ ଦୁଇଦିନ ଧରି ଉଭୟ ଗ୍ରାମବାସୀ ଏଭଳି ଚାଉଳ ଚାଲାଣ କୁ ବିରୋଧ କରି ଚାଲାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଦାବୀ କରିଆସୁଥିବା ବେଳେ ମୁଖ୍ୟ ଚାଲାଣକାରୀଙ୍କ ବିରୋଧରେ ଏ ଯାଏଁ କୌଣଷି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ସହ ଘଟଣାକୁ ଚପାଇଦେବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଚାଲିଥିବା ରୁ ସ୍ଥାନୀୟ ଅଂଚଳବାସୀ ଅଭିଯୋଗ କରିଛନ୍ତି ।ଗାଡି ଜବତ ପରେ ଡ୍ରାଇଭର ଙ୍କୁ ପଚରାଉଚୁରା କରାଯିବା ସହ ତଦନ୍ତ ଜାରୀ ରହିଥିବା ଯୋଗାଣ ନିରୀକ୍ଷକ ଶ୍ରୀ ହୋତା କହିଥିବା ବେଳେ ସ୍ଥାନୀୟ ଲୋକ ମୁଖ୍ୟ ଆସାମୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି ।

# ଜୟ କିଶାନ ମଜଦୁର ସଂଗ୍ରାମ ପରିଷଦର ପ୍ରେସ ବିଜ୍ଞପ୍ତି

ନୂଆପଡା,୩୧।୧୦ (ନି.ପ୍ର):ଜୟ କିଶାନ ମଜଦୁର ସଂଗ୍ରାମ ପରିଷଦର ଆବାହକ ଯଦୁମଣି ପାଣିଗ୍ରାହୀ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟ ସରକାରଙ୍କୁ ନୂଆପଡା ଜିଲ୍ଲାରେ ତୁରନ୍ତ ଧାନ ମଣ୍ଡି, କପା ମଣ୍ଡି ଓ ମକା ମଣ୍ଡି ଖୋଲିବାକୁ ପାଇଁ ଦାବୀ କରିଛନ୍ତି । ମହାମାରୀ କରୋନା କଟକଣା ପରେ ନିଜ ଗ୍ରାମକୁ ଫେରି ଆସିଥିବା ହଜାର ହଜାର ପ୍ରବାସୀ ଶ୍ରମିକଙ୍କ ଦୁଃଖଦୁର୍ଦ୍ଦଶା ମୋଚନ ପାଇଁ ତୁରନ୍ତ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବୀ କରିଛନ୍ତି । ନୂଆପଡା ଜିଲ୍ଲା ଏକ ମରୁଡି ଏବଂ ଦାଦନ ପ୍ରବଣ ଜିଲ୍ଲା ହୋଇଥିବା ବେଳେ ଜିଲ୍ଲାର ଚାଷୀଙ୍କ ଅବସ୍ଥା ଶୋଚନୀୟ ଏବଂ ଉଦ୍‌ବେଗ ଜନକ ଅଟେ । ବିଭିନ୍ନ ସମୟରେ ଚାଷୀ ଓ ଶ୍ରମିକଙ୍କ ସକାଶେ ଯେତେ ଆନ୍ଦୋଳନ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । କରୋନା ମହାମାରୀ ଆହୁରି ସଙ୍ଗିନ ଓ ଜଟିଳ କରି ପକାଇଛି । ଫଳରେ ଅନ୍ୟ ଉପାୟ ନପାଇ ଶ୍ରମିକ ମାନେ ପୁଣି ଦାଦନ ଖଟିବା ପାଇଁ ବିଦେଶ ମୁହାଁ ହେଲେଣି । ଅଥଚ ପ୍ରଶାସନ ପାଖରେ କୌଣସି ଖବର ନାହିଁ କିମ୍ବା ଶ୍ରମିକଙ୍କୁ ରୋଜଗାର ଦେବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ । ଠିକ ଏଭଳି ଅବସ୍ଥା ଚାଷୀ ମାନଙ୍କର ରହିଥିବା ବେଳେ ଏବେ ସୁଦ୍ଧା ଜିଲ୍ଲାରେ ଧାନ ସଂଗ୍ରହ ସକାଶେ ନୀତି ନିର୍ଦ୍ଧାରଣ ବୈଠକ ହୋଇ ପାରିନାହିଁ । ଫଳରେ ଚାଷୀ କୂଳ ଅବଶ୍ୟକତା ମେ ।ଇବା ସକାଶେ ୮ ରୁ ୧୦ ଟଙ୍କାରେ ଧାନ ବିକ୍ରୟ କରୁଛନ୍ତି । ଚାଷୀଙ୍କୁ ଉଚିତ ମୂଲ୍ୟ ପ୍ରଦାନ ବ୍ୟବସ୍ଥା, ବ୍ୟବସାୟୀ ଶୋଷଣରୁ ରକ୍ଷା କରିବା, ଅତିଶିଘ୍ର ମଣ୍ଡି ଖୋଲିବା, ଶ୍ରମିକଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ କାମ ଯୋଗାଣ, ମନରେଗାରେ ସାପ୍ତାହିକ ପାଉଣା ପ୍ରଦାନ, କ୍ୱାରେ ।ଇନରେ ରହିଥିବା ପ୍ରବାସୀ ଶ୍ରମିକଙ୍କ ବକେୟା ଥିବା ୨୦୦୦ ଟଙ୍କା ତୁରନ୍ତ ପ୍ରଦାନ କରିବା, ନିର୍ମାଣ ଶ୍ରମିକଙ୍କ ବକେୟା ଥିବା ୧୫୦୦ ଟଙ୍କା ଅତିଶିଘ୍ର ପ୍ରଦାନ ପ୍ରମୁଖ ଦାବୀ କରାଯାଇଛି । ଏହି ସବୁ ପ୍ରସଙ୍ଗକୁ ନେଇ ଆସନ୍ତା ୨ ତାରିଖ ଦିନ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ମାଧ୍ୟମରେ ପ୍ରତିବାଦ ଜଣାଇ ଦାବୀପତ୍ର ପ୍ରଦାନ ନିଷ୍ପତି ନିଆଯାଇଥିବା ନେଇ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି ।

# ସମ୍ବଲପୁର ରେଳ ମଣ୍ଡଳରେ ସତର୍କତା ସଚେତନତା ସପ୍ତାହ ଅବସରରେ ସେମିନାର ଆୟୋଜିତ

ସମ୍ବଲପୁର,୩୧।୧୦ (ନି.ପ୍ର): ସମ୍ବଲପୁର ରେଳ ମଣ୍ଡଳରେ ସତର୍କତା ସଚେତନତା ସପ୍ତାହ ୨୭ ଅକ୍ଟୋବରରୁ ୨ ନଭେମ୍ବର ୨୦୨୦ ମଧ୍ୟରେ ଆୟୋଜନ କରାଯାଇଅଛି । ଏହି ଅବସରରେ ୩୦ ଅକ୍ଟୋବର ୨୦୨୦ରେ ମଣ୍ଡଳ କାର୍ଯ୍ୟାଳୟ ସଭା କକ୍ଷରେ ସତର୍କ ଭାରତ ସମୃଦ୍ଧ ଭାରତ ଉପରେ ଏକ ସେମିନାର ଆୟେଜନ କରାଯାଇଥିଲା । ଉକତ ସେମିନାରରେ ମର୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଲେ ଦଣ୍ଡନୀୟ ସତର୍କତା ଅପେକ୍ଷା ପ୍ରତିଷେଧକ ସତର୍କତା ଅଧିକ ଗୁରୁତ୍ୱପୂର୍ଣ୍ଣ । ସେ ସମଗ୍ର ବ୍ୟବସ୍ଥାର ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ସେମିନାରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲ.ଭି.ଏସ.ଏସ ପାତ୍ରୁଡୁ, ମୁଖ୍ୟ ଚିକିତ୍ସା ଅଧିକ୍ଷକ ଡକ୍ଟର ଜି. ନାୟକ, ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏ. କେ. ବସ୍ତୱାଲ, ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ମନ୍ତ୍ରୀ ସଞ୍ଜୟ କୁମାର, ବରିଷ୍ଠ ମଣ୍ଡଳ ବିତ ପ୍ରବନ୍ଧକ ବି. ପ୍ରଧାନ, ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ ଆର.କେ. ସାମଲ ସତର୍କତାର ବିଭିନ୍ନ ଦିଗ ଉପରେ ମତ ଉପସ୍ଥାପନା କରିଥିଲେ । ଉକତ ସେମିନାରକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର.ବି. ଜେନା ପରିଚାଳନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୧ ନଭେମ୍ବର, ୨୦୨୦
email : rabibarachayan2015@gmail.com

## ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



*ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନିପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...*

**ଭାଗ-୧**

ସୂଚନା : 'ନବଜୀବନ' ମାସିକ ପତ୍ରିକାର ପ୍ରବୀଣ ସମ୍ପାଦକ ଶ୍ରଦ୍ଧାସ୍ପଦ ଶ୍ରୀ ଚିନ୍ତାମଣି ବାବୁ ମୋର 'ପୂର୍ବ ସ୍ମୃତି କଥା' ମାନ ଧାରାବାହିକ ଭାବରେ ତାଙ୍କ ପତ୍ରିକାରେ ପ୍ରକାଶ କରିବା ସକାଶେ ମୋତେ ଅନୁମତି ଦେଉଥିବାରୁ ସେ ମୋର କୃତଜ୍ଞତାର୍ହ।

'ନବଜୀବନ' ବର୍ତ୍ତମାନ ଉତ୍କଳ ସାହିତ୍ୟ କ୍ଷେତ୍ରରେ ଏକମାତ୍ର ବିଶିଷ୍ଟ ପତ୍ରିକା। ଏହା ପୂର୍ବେ କେତେକ ପତ୍ରପତ୍ରିକା ପ୍ରକାଶିତ ହୋଇ କର୍ମୋପଯୋଗୀ ହେବା ପୂର୍ବରୁ ଅକାଳରେ ଲୋକଚକ୍ଷୁରୁ ଅନ୍ତର୍ହିତ ହୋଇ ଯାଇଅଛନ୍ତି। ଆଜି ଉତ୍କଳର ଲବ୍ଧପ୍ରତିଷ୍ଠ ସାହିତ୍ୟିକ ସ୍ୱର୍ଗତ ବିଶ୍ୱନାଥ କର, ବ୍ରଜସୁନ୍ଦର ଦାସ ପ୍ରଭୃତିଙ୍କ 'ଉତ୍କଳ ସାହିତ୍ୟ', 'ମୁକୁର' ପ୍ରଭୃତି ପତ୍ରିକାର ଅଭାବ ଗଭୀର ଭାବରେ ଅନୁଭୂତି ହେଉଅଛି। ମାସିକ ପତ୍ରିକା ଯେ ଆଧୁନିକ ସମାଜର ଅବିଚ୍ଛେଦ୍ୟ ଅଙ୍ଗ, ଏହା ସମସାମୟିକ ଭାବ-ବିନିମୟାତ୍ମକ ସାହିତ୍ୟ ବିକାଶ ଏକ ପ୍ରକୃଷ୍ଟ କ୍ଷେତ୍ର। ଦୈନିକ, ସାପ୍ତାହିକ ସମ୍ବାଦପତ୍ର ତୁଲ୍ୟ ସମାଜରେ ଏହାର ଆବଶ୍ୟକତା ସମ୍ବନ୍ଧରେ ମତଦ୍ୱୈଧ ନାହିଁ। ଶିଶୁଶିକ୍ଷାଠାରୁ ଆରମ୍ଭ କରି ଜଟିଳତାପୂର୍ଣ୍ଣ ସମାଜ ଗଠନ, ସାହିତ୍ୟ, ଇତିହାସ, ବିଜ୍ଞାନ ପ୍ରଭୃତିର ଉନ୍ନତି ସାଧନା ଏବଂ ସାମାଜିକ ଜୀବନର ପ୍ରତ୍ୟେକ ସ୍ତରରେ ପ୍ରଗତିଶୀଳତା ସଂରକ୍ଷଣ ପକ୍ଷରେ ଏହା ପ୍ରଧାନ ସହାୟକ। ସୁଖର କଥା, ଓଡ଼ିଶାର ଏହି ଦୁର୍ଦ୍ଦିନରେ 'ନବଜୀବନ' ବହୁ ପରିମାଣରେ ଏହି ଅଭାବ ଦୂର କରିଅଛି। ଚାରିବର୍ଷ କାଳ ଯେ ବଞ୍ଚିରହିଅଛି, ପୂର୍ବତନ ପତ୍ରିକାମାନଙ୍କ ଅବସ୍ଥା ବିବେଚନାରେ, ଏହା ଚିନ୍ତାମଣି ବାବୁଙ୍କ କର୍ମମୟ ଜୀବନର ବୈଶିଷ୍ଟ୍ୟ। ଏହା ତାହାଙ୍କ ବହୁମୁଖୀ ଅନୁଭୂତିର ପରିଚାୟକ। ପତ୍ରିକା ଅଭାବରେ କେତେ ଲେଖକଙ୍କ ଲେଖାଗୁଡ଼ିକ ଲୋକଚକ୍ଷୁର ଅନ୍ତରାଳରେ ଲୁଚି ଯାଉଥାନ୍ତି।

ମୁଁ ମୋର କର୍ମମୟ ଜୀବନର ଅନୁଭୂତିମୂଳକ ଘଟଣାବଳୀ ଏହି ପତ୍ରିକା ମାଧ୍ୟମରେ ଲୋକସମକ୍ଷରେ ଉପସ୍ଥାପିତ କରିବା ବାସନା ଆଜି ପୂର୍ଣ୍ଣ ହୋଇଅଛି। ଏ ସମସ୍ତ ପ୍ରକାଶ କରି କାହାରିକୁ କୌଣସି ପ୍ରକାର ଶିକ୍ଷାଦାନ କରିବା ପ୍ରୟାସ ମୋର ନାହିଁ। ତଥାପି ଅନୁଭବ କରୁଅଛି ଯେ, ଯେକୌଣସି ବିଷୟ ତୁଚ୍ଛ ହେଲେ ମଧ ତନ୍ମଧ୍ୟରେ କୌତୂହଳ ନିବଦ୍ଧ ଥାଏ। ମୋର ଜନ୍ମସ୍ଥାନ ପୂର୍ବତନ ଗଡ଼ଜାତ ପାଟଣା- ବର୍ତ୍ତମାନ ବଲାଙ୍ଗିର ପାଟଣା ଜିଲ୍ଲାରେ। ମୋର ପ୍ରାଥମିକ ଶିକ୍ଷା ସେହିଠାରେ। ଉଚ୍ଚଶିକ୍ଷା ସକାଶେ, ସ୍ଥାନାନ୍ତରକୁ ଯିବାକୁ ହୋଇଥିଲା। ତତ୍ପରେ କର୍ମକ୍ଷେତ୍ର ହେଲା 'ମୋଗଲ ବନ୍ଦୀ' ଅଞ୍ଚଳ ଓ ଦୁଇଦୁଇଟି ଗଡ଼ଜାତ ରାଜ୍ୟ। ବାଲ୍ୟକାଳର ଅବସ୍ଥା ସହିତ ଆଧୁନିକ ପରିସ୍ଥିତି ଆଲୋଚନା କରିବାକୁ ଗଲେ ପୂର୍ବତନ ଘଟଣାବଳୀ ଚକ୍ଷୁସମକ୍ଷରେ ଉଜ୍ଜ୍ୱଳ ହୋଇ ନାଚି ଉଠୁଅଛି। ଗଡ଼ଜାତର ଏକଛତ୍ର ଶାସନ, ତତ୍କାଳୀନ ମଧ୍ୟପ୍ରଦେଶର ଶାସନ-ଦଣ୍ଡରେ ପରିଚାଳିତ ସମ୍ବଲପୁର ଓ ପାର୍ଶ୍ୱବର୍ତ୍ତୀ ଗଡ଼ଜାତ ରାଜ୍ୟଗୁଡ଼ିକର ଶିକ୍ଷାଦୀକ୍ଷା, ଶାସନ-ପଦ୍ଧତି, ପାଟଣା ରାଜ୍ୟରେ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷାର ପ୍ରବର୍ତ୍ତନ, ଏଜେନ୍ସି ଇନ୍ସପେକ୍ଟର 'ଶ୍ମଶ୍ରୁ-ପ୍ରବୃଦ୍ଧିଜନିତାନନ- ବିକ୍ରିୟ, କରଧୃତ-ଦୀର୍ଘ-ଦଣ୍ଡ-ଶୋଭିତ, ଦେଶୀକସରତ-ପ୍ରତିଷ୍ଠାତା' ଗଣପତଲାଲ ଚୌବେଙ୍କ ସ୍କୁଲ ପରିଦର୍ଶନ ସମୟରେ କର୍ତ୍ତବ୍ୟୋନ୍ମାଦନା, ମରହଟ୍ଟା ହାକିମମାନଙ୍କ କର୍ତ୍ତବ୍ୟନିଷ୍ଠା, 'ଛପନ ସାଲ' (ବିକ୍ରମ ସମ୍ବତ୍ ୧୮୯୯)ର କରାଳ ଦୁର୍ଭିକ୍ଷ, ବଖରିଆର ନେତୃତ୍ୱରେ ଡକାୟତଦଳଙ୍କ ରାଜ୍ୟବ୍ୟାପି ଲୁଣ୍ଠନ, ସମ୍ବଲପୁର ସହିତ ସେହି ଅଞ୍ଚଳର ସ୍କୁଲ ଓ ଅଦାଲତରୁ ଓଡ଼ିଆ ଭାଷାର ନିର୍ବାସନ ଓ ତତ୍ପରିବର୍ତ୍ତରେ ହିନ୍ଦି ଭାଷାର ପ୍ରଚଳନ, ଏହା ବିରୁଦ୍ଧରେ ଦେଶବ୍ୟାପୀ ଆନ୍ଦୋଳନ ଓ ଏହା ଫଳରେ ଏହି ଅଞ୍ଚଳର ଓଡ଼ିଆ ସହିତ ସମ୍ମିଶ୍ରଣ - ଏ ସମସ୍ତ ଅନୁଭୂତିମୂଳକ। ଏ ସମସ୍ତ ଘଟଣା ମୋର ଛାତ୍ରାବସ୍ଥାର। ସରକାରୀ କାର୍ଯ୍ୟରେ ରହି ଦୁଇଗୋଟି ଗଡ଼ଜାତ ରାଜ୍ୟ, ଢେଙ୍କାନାଳ ଓ ବଣେଇରେ ଦେୱାନୀ କରିବାକୁ ହୋଇଥିଲା। ଏହି ଅଞ୍ଚଳ ସମ୍ବନ୍ଧରେ ଅନୁଭୂତି-ନିଚୟ ମଧ ଲେଖନର ବିଷୟ। ଏ ସମସ୍ତ ବିଷୟ ଶିକ୍ଷଣୀୟ ନହେଲେ ମଧ ମୋର ଆଶା ଏହା ପାଠକମାନଙ୍କ ଅନୁପଭୋଗ୍ୟ ହେବନାହିଁ। ଏହି ଦୀର୍ଘ ଚଉସ୍ତରି ବର୍ଷର ଜୀବନ ମଧ୍ୟରେ କେତେ ବୈଚିତ୍ର୍ୟପୂର୍ଣ୍ଣ ଘଟଣା ମଧ ଘଟିଯାଇଅଛି। ଏହି ଦୀର୍ଘକାଳ ମଧ୍ୟରେ ପୃଥିବୀରେ କେତେ ପରିବର୍ତ୍ତନ ହୋଇଯାଇଛି। ଦୁଇଗୋଟି ମହାଯୁଦ୍ଧ ପୃଥିବୀର ମୁଖ ପରିବର୍ତ୍ତନ କରି ଦେଇଅଛି। ନାନା ଦେଶର ଏକଛତ୍ର ଶାସନ ବିଦାୟ ନେଇ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇଅଛି। ରାଜନୈତିକ, ସାମରିକ, ଅର୍ଥନୈତିକ ପରିସ୍ଥିତିରେ ଆଜି ପୃଥିବୀ ବିବ୍ରତ ଓ ଅସ୍ଥିର। ଭାରତ ଦୀର୍ଘକାଳର ଦାସତ୍ୱ ଶୃଙ୍ଖଳରୁ ମୁକ୍ତହୋଇ ଆଜି ମୁକ୍ତ ବାୟୁ ସେବନରେ ସମର୍ଥ ହୋଇଅଛି। କିନ୍ତୁ ଅଖଣ୍ଡ ଭାରତ ଦ୍ୱିଖଣ୍ଡିତ ହୋଇ ଯେଉଁ ତୀବ୍ର ଯାତନା ଭୋଗ କରୁଅଛି ତାହା ମଧ ଅନୁଭୂତିର ବିଷୟୀଭୂତ। ଦେଶପିତାଙ୍କ ତପସ୍ୟା ପ୍ରଭାବରେ ଏକ ଶୃଙ୍ଖଳରୁ ମୁକ୍ତ ହୋଇଥିଲେ ହେଁ ଭାରତବାସୀ ଆଜି ନାନାବିଧ ଶୃଙ୍ଖଳାରେ ଆବଦ୍ଧ। ବୈଦେଶିକ-ନୀତି-ପ୍ରଭାବିତ ଶାନ୍ତି-ସ୍ଥାପନ ପ୍ରୟାସ ମଧ୍ୟରେ ଭାରତବାସୀଙ୍କ ଜୀବନ ନାନାପ୍ରକାର ଜଟିଳତା ପୂର୍ଣ୍ଣ ମୋର ଜୀବନର ବୈଶିଷ୍ଟ୍ୟ, ମୁଁ ପନ୍ଦର ଗୋଟି ସନ୍ତାନ - ଏଗାରଟି ଝିଅ ଓ ଚାରି ପୁଅର ବାପ। ଏତେଗୁଡ଼ିଏ ଜୀବଙ୍କୁ ମନୁଷ୍ୟ କରିବା ଭାର ଭଗବାନ ମୋ ତୁଲ୍ୟ ଅଯୋଗ୍ୟ ବ୍ୟକ୍ତି ଉପରେ ଅର୍ପଣ କରିବା ଉଦ୍ଦେଶ୍ୟ ତାଙ୍କୁ ହିଁ ଜଣା। ଏମାନଙ୍କ ଶିକ୍ଷାଦାନ ଓ ପାଳନ ମଧ ଅନୁଭୂତିମୂଳକ। ଏ ସମସ୍ତ ବିଷୟର 'ସ୍ମୃତିକଥା'ରେ ଆଲୋଚନା ଅପ୍ରାସଙ୍ଗିକ ହେବନାହିଁ। ଏହି ଆଶାରେ ଆଶାନ୍ୱିତ ହୋଇଥିବାରୁ ଶ୍ରଦ୍ଧାସ୍ପଦ ଚିନ୍ତାମଣି ବାବୁ ମୋତେ ସମୁତ୍ସାହିତ କରିଥିବା ଯୋଗୁଁ ତାଙ୍କଠାରେ ଆଉଥରେ ମୁଁ ମୋର ହୃଦୟର ଅନାବିଳ କୃତଜ୍ଞତା ଜ୍ଞାପନ କରୁଅଛି।

**ସଂକ୍ଷିପ୍ତ ପରିଚୟ:**

ଆଜି ମୋର ଜୀବନକାଳର ନବସପ୍ତତୀତମ (୭୯) ବର୍ଷ। ଏଥିମଧ୍ୟରୁ ୧୮୮୭ରୁ ୧୮୯୮-୧୧ ବର୍ଷ, ଆଗଲପୁରରେ, ୧୮୯୮ରୁ ୧୯୦୨ ପର୍ଯ୍ୟନ୍ତ ବଲାଙ୍ଗିର ମଧ୍ୟଇଂରାଜୀ ସ୍କୁଲରେ, ୧୯୦୨ରୁ ୧୯୦୪ ପର୍ଯ୍ୟନ୍ତ ୨ ବର୍ଷ ସମ୍ବଲପୁର ଜିଲା ସ୍କୁଲରେ। ୧୯୦୪ରୁ ୧୯୦୮ ପର୍ଯ୍ୟନ୍ତ ୪ ବର୍ଷ କଟକ ରେଭେନ୍ସା କଲେଜରେ ଓ ୧୯୦୯ରୁ ୧୯୪୨ ପର୍ଯ୍ୟନ୍ତ ୩୩ ବର୍ଷ ସରକାରୀ ଚାକିରିରେ ଅତିବାହିତ ହୋଇଅଛି। ଚାକିରିରୁ ଅବସର ନେଇଅଛି ୧୯୪୨ ମସିହାରେ, ଅର୍ଥାତ୍ ୨୩ ବର୍ଷ ପୂର୍ବେ। ଏହି ଦୀର୍ଘ ଜୀବନର ଘଟଣାବଳୀ ବିଗତ ପାଞ୍ଚବର୍ଷ ମଧ୍ୟରେ 'ନବଜୀବନ'ର ୫ମ ବର୍ଷ, ୩ୟ ସଂଖ୍ୟାରୁ ଆରମ୍ଭ କରି ୯ମ ବର୍ଷ ୧୧ଶ ସଂଖ୍ୟାରେ ଧାରାବାହିକ ଭାବରେ ପ୍ରକାଶିତ ଅନୁଭୂତିମୂଳକ 'ସ୍ମୃତିକଥା'- ବଳୀରେ ବିଶଦ ଭାବରେ ବର୍ଣ୍ଣିତ ହୋଇଅଛି। ଏଥିରୁ ସହୃଦୟ ପାଠକବର୍ଗ ମୋର ସାଧାରଣ ପରିଚୟ ଲାଭ କରିଥିବେ, ସନ୍ଦେହ ନାହିଁ। ତଥାପି ମୋର ଆଦ୍ୟ ଜୀବନର ସାମାନ୍ୟ ପରିଚୟ ଦେବା ଆବଶ୍ୟକ।

ପୂର୍ବତନ ପାଟଣା ରାଜ୍ୟ। ବର୍ତ୍ତମାନ ବଲାଙ୍ଗିର-ପାଟଣା ଜିଲ୍ଲା ମଧ୍ୟରେ ଆଗଲପୁର ଏକ ଜମିଦାରୀନ୍ତପାଟଣା ରାଜବଂଶର ଜଣେ ଦାୟାଦ ପ୍ରାପ୍ତ ହୋଇଥିଲେ। ମନୋରମ ପଦ୍ମାଳୟ ସରୋବର ଓ ତତ୍ତୀରବର୍ତ୍ତୀ ଦେବାଳୟମଣ୍ଡିତ। ଚିରସ୍ୱଚ୍ଛୋଦପ୍ରବାହିନୀ ଅଙ୍ଗ ନଦୀଧୌତ, ନୟନାଭିରାମ ପ୍ରକୃତି ସୁଷମାସମ୍ପନ୍ନ। ବିଦ୍ୱନ୍ମଣ୍ଡଳୀନିଳୟ, ଦାନଶୀଳ ରାଜବୃନ୍ଦ ସ୍ମୃତିପୂତ ଏହି ଆଗଲପୁର ମୋର ପବିତ୍ର ଜନ୍ମସ୍ଥଳ। ପିତା ଭଗବାନ ଓ ମାତା ସୀତାଦେବୀ ଆମ୍ଭେମାନେ ଭାଇ ଭଉଣୀ ସାତ ଜଣ। ତିନି ଭାଇ, ଜ୍ୟେଷ୍ଠ ବାଳମୁକୁନ୍ଦ, ମଧ୍ୟମ ଲକ୍ଷ୍ମଣ ଓ କନିଷ୍ଠ ମୁଁ, ଓ ଚାରି ଭଉଣୀ ବାଳମତୀ, ପାର୍ବତୀ, ତାରା ଓ ଚମ୍ପା। ଜ୍ୟେଷ୍ଠ ଭ୍ରାତାଙ୍କ ୧୮ ବର୍ଷ ବୟସରେ ୧୮୯୭ ମସିହାରେ ଅବିବାହିତ ଅବସ୍ଥାରେ କାଳ ହୋଇଯାଇଛି। ଭଉଣୀମାନେ ମଧ କେହି ନାହାନ୍ତି। ଆମ୍ଭ ଦୁଇ ଭାଇଙ୍କୁ ଛାଡ଼ି ଭିନ୍ନ ଭିନ୍ନ ସମୟରେ ମୃତ ହୋଇ ଯାଇଅଛନ୍ତି। ମୋର ଜନ୍ମତିଥି ୧୮୮୭ ମସିହା ମାର୍ଚ୍ଚ ମାସ ଶିବରାତ୍ରି। ପ୍ରଥମ ୧୧ ବର୍ଷର ବାଲ୍ୟ ଜୀବନ ଆଗଲପୁରରେ ଭୋଗ କରି ତତ୍ରବ୍ୟ ଉଚ୍ଚପ୍ରାଥମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ଉତ୍ତାରେ ୧୮୯୮ ମସିହାରେ ଉଚ୍ଚଶିକ୍ଷା ସକାଶେ ଗୃହ ତ୍ୟାଗକଲି ଓ ଦଶ ବର୍ଷକାଳ ମଧ୍ୟଇଂରେଜି ସ୍କୁଲରୁ କଲେଜ ଶିକ୍ଷା ପର୍ଯ୍ୟନ୍ତ ରହି ୧୯୦୮ ମସିହାରେ କଟକ ରେଭେନ୍ସା କଲେଜରୁ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି। ମୋର ଆଗଲପୁରରେ ପ୍ରକୃତ ଅବସ୍ଥାନ ସେହି ପର୍ଯ୍ୟନ୍ତ କହିଲେ ଚଳେ। ୧୯୦୯ ମସିହାରେ ସରକାରୀ ଚାକିରିରେ ପ୍ରବେଶ କଲି, ଇଂରେଜ ଶାସିତ ଅଞ୍ଚଳ ସହିତ ଗଡ଼ଜାତ ରାଜ୍ୟର ଅବସ୍ଥା ବିବେଚନାରେ ପାଟଣା ସନ୍ନିକଟସ୍ଥ ସମ୍ବଲପୁରରେ ବାସ କରି ରହିବା ସ୍ଥିରକଲି। ସମ୍ବଲପୁରରେ ମୋର ବିବାହ ମୋର ଏହି ବାସନା ତୃପ୍ତି ସକାଶେ ସୁବିଧା ଯୋଗାଇଦେଲା। ୧୯୧୭ ମସିହାରେ ସମ୍ବଲପୁର ସହରରେ ବାସଗୃହ ନିର୍ମାଣ କଲି, ୧୯୩୪ ମସିହାରେ ସମ୍ବଲପୁରରୁ ୬ ମାଇଲ ଦୂରବର୍ତ୍ତୀ ଲୁରପଙ୍କ ଗ୍ରାମ କିଣିଲି। ପୁଅ, ଝିଅଙ୍କ ବିବାହ ସମ୍ପର୍କ ଦ୍ୱାରା ସମ୍ବଲପୁରରେ ଅନେକ ବନ୍ଧୁବାନ୍ଧବ ଅର୍ଜ୍ଜନ କଲି। ଏହି ପ୍ରକାରେ କାର୍ଯ୍ୟତଃ ମୁଁ ସମ୍ବଲପୁରର ଅଧିବାସୀ ହୋଇ ରହିଯାଇଅଛି। ୧୯୨୫ ମସିହାରେ ପିତାଙ୍କ ଓ ୧୯୨୮ରେ ମାତାଙ୍କ ମୃତ୍ୟୁ ହେଲା। ସେମାନଙ୍କ ଜୀବଦ୍ଦଶାରେ କିମ୍ବା ମୃତ୍ୟୁ ପରେ ସୁଦ୍ଧା ଆଗଲପୁର ସହିତ ସମ୍ପର୍କ ତ୍ୟାଗ କରି ନଥିଲି। ବର୍ତ୍ତମାନ ସୁଦ୍ଧା ଜ୍ୟେଷ୍ଠଭ୍ରାତାଙ୍କ ସହିତ ଆଗଲପୁର ସମ୍ପର୍କ ଅକ୍ଷୁର୍ଣ୍ଣ ରହିଅଛି। ତାଙ୍କ ବୟସ ବର୍ତ୍ତମାନ ୮୩ ବର୍ଷ। ଆମ୍ଭ ପରିବାର ଅପେକ୍ଷାକୃତ ଦୀର୍ଘଜୀବୀ। ମୋ ପିତାଙ୍କ ମୃତ୍ୟୁ ସମୟରେ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ଦାନ୍ତ ଗୋଟିଏ ସୁଦ୍ଧା ପଡ଼ିନଥିଲା। ବିନା ଚଷମାରେ ଭାଗବତ ପଢୁଥିଲେ। ଯୁଗ ମାହାତ୍ମ୍ୟ ପ୍ରଭାବରେ ଏହି ବୟସ କ୍ରମେ ଊଣା ହୋଇ ଯାଉଥିବା ଦେଖାଯାଉଅଛି।

ମୋର ବାଲ୍ୟଜୀବନ ସମ୍ବନ୍ଧରେ ଯାହା ମନେଅଛି, ଆଗଲପୁରରେ ପିତା ଦରିଦ୍ର ଥିଲେ ଓ ଆମ୍ଭମାନଙ୍କ ଜୀବନ ଦୀନଭାବରେ ଅତିବାହିତ ହୋଇଥିଲା। କିନ୍ତୁ ତାଙ୍କ ବ୍ୟକ୍ତିଗତ ଆଚରଣ ଓ ଲୋକଙ୍କ ସହିତ ବ୍ୟବହାର ଦେଖି ମନେ ହେଉଥିଲା, ତାଙ୍କ ସାଂସାରିକ ଅବସ୍ଥା ପୂର୍ବେ ଉନ୍ନତତର ଥିଲା। ଏ ସମ୍ବନ୍ଧରେ ମୋର ଅନୁସନ୍ଧିତ୍ସା ପ୍ରଶମନ କରିବାକୁ ମୋର ବୟସ୍କ ଜୀବନ ମଧ୍ୟରେ ସୁଯୋଗ ପ୍ରାପ୍ତ ହୋଇଥିଲି। ସେତେବେଳେ ମୁଁ ଅନୁଗୁଳରେ ସବ୍‌ଡେପୁଟି କଲେକ୍ଟର। ପିତା ଥରେ ଆସି ଆମ୍ଭମାନଙ୍କ ସଙ୍ଗେ କିଛିଦିନ ରହିଥିଲେ। ସେହିଠାରେ ଆମ୍ଭେମାନେ ଭିକ୍ଷୁକଙ୍କୁ ମୁଠିଏ ଲେଖାଏ ଚାଉଳ ଭିଖ ଦେଉଥିଲେ ଆମ୍ଭମାନଙ୍କ ହାତରୁ ଛଡ଼ାଇ ନେଇ ନିଜେ ଆଞ୍ଜୁଳାପୂର୍ଣ୍ଣ ଭିଖ ଦିଅନ୍ତି ଓ ବ୍ରାହ୍ମଣ ବା ବୈଷ୍ଣବ ଆସିଲେ ଥାଳିରେ ସଜାଡ଼ି ଚାଉଳ, ଡାଲି, ଲୁଣ, ଘିଅ, ପରିବା ପୂର୍ଣ୍ଣ ସିଧା ଦିଅନ୍ତି। ଦିନେ ତାଙ୍କୁ ପଚାରିଲି, "ବାପା! ଆମ ପିଲାଦିନେ ତ ତମେ ଆମମାନଙ୍କୁ ଭଲ ଗଣ୍ଡାଏ ଖାଇବାକୁ ଦେଇପାରୁନଥିଲ, ଆଜି ତମର ଏହି ହାତ ଆସିଲା କେଉଁଠୁ କହିଲ?" ବାପା ଅଳ୍ପ ହସିଲେ । ଆମ୍ଭ ଓ ତାଙ୍କ ଆଗଲପୁର ଆସିବା ଜୀବନର ଇତିହାସ ଆରମ୍ଭ କଲେ।

(କ୍ରମଶଃ)

## ଡାଏରୀ -୩୮



**ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...**

### ॥ ପିପି ॥

"ରଜନୀ ଭାଇ କେମିତି ଅଛ? ପ୍ରଥମେ କୁହ ମୁଁ କିଏ?"

ଏମିତି ଗୋଟେ ଫର୍ମାଲ ପ୍ରଶ୍ନ ପାଇଁ କେବେବି ପ୍ରସ୍ତୁତ ନଥାଏ ରଜନୀ ଦାଶ। ମନେମନେ ବିରକ୍ତି ହେଲେବି କିଛି କହିପାରିଲାନି।

କିଏ ବି ହେଇପାରେ ସିଏ।

ସବୁ ଝିଅଙ୍କର ଏମିତି କିଛିନା କିଛି ଫୁଲେଇ ନେଚର ଥାଏ।

"ମୁଁ ଜାଣେ ତମେ ମତେ ଚିହ୍ନିପାରିବନି। ମୁଁ ପିପି କହୁଛି।"

ଚମକି ପଡିଲା ରଜନୀ ଦାଶ।

ପିପି! ପଚିଶ ବର୍ଷ ତଳର ସାବେନା ରଂଗର ଝିଅ। ଫେସକଟିଙ୍ଗ ଆଟ୍ରାକ୍ଟିଭ। ସୁଦୂର ବାରିପଦାରୁ ଛୁଟି ଆସିଥିଲା ଆକ୍ଟିଂଗ ପାଇଁ।

ହାତ ପାପୁଲିକୁ ବଢ଼ାଇ ଦେଇ ପଚାରିଥିଲା-

"କୁହତ ମୁଁ ହିରୋଇନ ହୋଇପାରିବି ତ?"

ଜଣେ ଦକ୍ଷ ଜ୍ୟୋତିଷ ଭଳି ପିପି ଦୁଇ ହାତର ପାପୁଲିକୁ ପରୀକ୍ଷା କରିବା ବାହାନାରେ ବାରମ୍ବାର ଛୁଇଁ ଚାଲିଥିଲା। ପିପି ଏଇ ଛୁଇଁବାରେ କଣ ଫିଲ୍ କରୁଥିଲା କହିହେବନି ମାତ୍ର ରଜନୀ ଦାଶ ବେଶ ରୋମାଂଚିତ ହେଉଥିଲା।

"ତୁ ଜବରଦସ୍ତ ରାଜ୍ କରିବୁ ଓଡ଼ିଆ ଫିଲ୍ମ ଦୁନିଆରେ।"

ଜିଭ ଢ଼ୋକି ଏତେବଡ଼ ମିଛଟିଏ କହିଲା ରଜନୀ ଦାଶ। ଯଦିଓ ସେ ଭଲ କରି ଜାଣିଥିଲା ପିପିର ପାପୁଲିରେ କଳା ଉଦ୍ରେକକାରି ଗ୍ରହ ଶୁକ୍ରଙ୍କ ମାଉଣ୍ଟଟି ନୀଚ। ଆଟଲାଇନରେ କିଛି ବି କରି ଦେଖାଇବାର ଚାନ୍ସ ନାହିଁ।

ତାପରେ ହଠାତ୍ ପିପି ସେ ପ୍ରସ୍ତାବିତ ଫିଲ୍ମ ପ୍ରୋଜେକ୍ଟରୁ ଆଉଟ ହେଇଗଲା। ତା'ପର ଠାରୁ ପିପିର କୌଣସି ଖବର ନଥିଲା ତା ପାଖରେ। ଅବଶ୍ୟ ଅଦୃଶ୍ୟ ହେଇଯାଇଥିବା ଏକ ଝାପ୍ସା ସ୍ୱପ୍ନ ଭଳି ପିପିର ମୁହଁଟା ମନେ ପଡିଯାଏ ବେଳେବେଳେ।

ଆଜି ହଠାତ୍ ପିପିର ଫୋନ ପାଇ ତା ମୁହଁଟା ମନେପଡ଼ିଗଲା।

ପିପି କହିଚାଲିଲା ଏବେ ପୁରୀ ନରେନ୍ଦ୍ର କୋଣରେ ଅଫିସ ଖୋଲିଛି। ଜ୍ୟୋତିଷ ଓ ବାସ୍ତୁ ଉପରେ ଏଡଭାଇସ ଦେଉଛି। ସ୍ୱାମୀ ବଡ ବିଜନେସମେନ। ପିପି କଥା ବୁଝିବା ପାଇଁ ତାଙ୍କ ପାଖରେ ସମୟର ଅଭାବ।

ପିପି ପୁଣି ଜ୍ୟୋତିଷ ବିଦ୍ୟା!!

ଏମିତି ବି ହୁଏ, ନିଜ ଭାଗ୍ୟ ଆଉ ଭବିଷ୍ୟତକୁ ଖୋଜୁ ଖୋଜୁ ମଣିଷ ନିଜେ କେତେବେଳେ ଜ୍ୟୋତିଷ ହେଇଯାଏ ଜାଣିପାରେନା।

ନିଜର ଠିକଣା ଦେଇ ବାରମ୍ବାର ଯିବାକୁ ଅନୁରୋଧ କରିଲା ପିପି।

କେମିତି ଦିଶୁଥିବ ଏବେ ସିଏ? ତାକୁ ଦେଖିବାକୁ ପ୍ରବଳ ଇଚ୍ଛା।

ହେଲେ ପଚିଶ ବର୍ଷ ତଳର ରଜନୀ ଦାଶ କହିଥିବା ସେ ମିଛ ପ୍ରେଡିକ୍ସନକୁ ଯଦି ମନେ ରଖିଥିବ ! ପିପି କହୁଥିଲା "ମୁଁ ତ ହିରୋଇନ ହୋଇପାରିଲିନି ହେଲେ ପୁଅକୁ ହିରୋ କରିବି। ପୁରା ହାଣ୍ଡସମ ତା ବାପା ପରି।"

ଜ୍ୟୋତିଷ ହେବାକୁ ଭାବୁଥିବା ରଜନୀ ଦାଶ ଜବରଦସ୍ତ ଏଣ୍ଟ୍ରି ନେଇସାରିଥିଲା ଫିଲ୍ମ ଲାଇନରେ। ଆଉ ପିପି ନାୟିକା ନହେଇ ଜ୍ୟୋତିଷ! ଏଇଟାହିଁ ଜୀବନର ବେଷ୍ଟ ଟୁଇଷ୍ଟ।

ହସିଲା ରଜନୀ ଦାଶ। ଫୋନରୁ ପିପିର ନମ୍ବରକୁ ବ୍ଲକ କରିଦେଲା। କ୍ଲାଇମାକ୍ସ ପଏଣ୍ଟରେ ଆଉ କିଛି ଟ୍ୱିଷ୍ଟର ଆବଶ୍ୟକତା ସେ ଅନୁଭବ କରିପାରୁନି ଏବେ।

ବାଲକାଟି, ଖୋର୍ଦ୍ଧା-୭୫୨୧୦୦, ମୋ: ୯୩୩୭୨୬୧୦୭୫

## କ ଥା କି କି ଅ ତ

ବର୍ତ୍ତମାନ କବିତାରେ ବୌଦ୍ଧିକ ଉଚ୍ଚାରଣ ଓ ଆଚରଣ କେତେଦୂର ସମୀଚୀନ, ତାହା ସୁଧୀ ପାଠକେ ବିବେଚନା କରିବେ । କବିତା ଗୋଟେ କଳ୍ପନାର କସ୍ରତ୍ ବା ମାନସିକ ବ୍ୟାୟାମ ହୋଇ ନ ରହୁ ପାଠକଙ୍କ ହୃଦୟରେ । ରସଗ୍ରାହୀ ପାଠକଟେ କେବେ ବି ଚିନ୍ତା ନ କରୁ ଯେ, ସେ ପଢୁଥିବା କବିତାଟି ତାକୁ ଦ୍ୱନ୍ଦ୍ୱ, ଦ୍ୱିଧା ଓ ଦାରୁଣ ଦାର୍ଶନିକ ଭାବନାରେ ଜୁବୁସୁବୁ କରି ଦେଇଛି ବୋଲି । କବିତାର ଭାବ, ଭାଷା, ଶୈଳୀ ଏମିତି ହେବା କଥା ଯେ, ପାଠକଟେ ବେଶୀ ମନନଶୀଳ ନ ହୋଇ ଆଗ୍ରହଶୀଳ ହେବା ବିଧେୟ। ଗୋଟେ ଗୁଣଗ୍ରାହୀ ପାଠକ କବିତାର ଭବିଷ୍ୟତକୁ ଯେତେ ସୁଦୂର ପ୍ରସାରୀ କରିପାରେ, କବିଙ୍କୁ ସେତେ କାଳଜୟୀ କରିପାରେ । କବିତା ଓ ଆଧୁନିକତା ପରସ୍ପରର ପରିପୂରକ । ଅତିମାତ୍ରାରେ ଜଟିଳତା ଓ ଦୁର୍ବୋଧତା କବିତାକୁ ଦିଗ୍‌ଭ୍ରଷ୍ଟ କରିଦିଏ ।

**- ସୌଭାଗ୍ୟବନ୍ତ ମହାରଣା**

## କବିତା..... ଆମ ସମୟର

### ନୀରବ ନଈର ଗୀତ

**ସୁରେନ୍ଦ୍ର ପାଣିଗ୍ରାହୀ**



ମୋ ପ୍ରିୟାର ଆଖି ନୀଳମେଘ ପରି
ପଣତ ସବୁଜ କ୍ଷେତ
ସୋରିଷ ଫୁଲରେ ଗଢ଼ା ଦେହ ତାର
ଶାଢ଼ୀ ନୀଳ ପରବତ।

ଦୂରେ ଥିଲେ ତମେ ପାଶେ ଥିବା ପ୍ରାୟ
ଲାଗୁଥାଅ ବାରମ୍ବାର
ପାଖକୁ ଆସିଲେ ଦୂର ହୁଅ ସତେ
ମୃଗତୃଷ୍ଣା ବାଲିଚର।

ସମୟ ସାଗର ବେଳା ପରେ ବସି
ତୋଳୁଥାଅ ବାଲିଘର
ମୋ ଜୀବନ ବଂଧା ତୁମରି ଭାବରେ
ତୁମେ ମୋର ବତୀଘର।

ରାତି ପରେ ରାତି ଦିନ ପରେ ଦିନ
ବିତେ ତୁମ କଥା ଭାଳି
ଭାବରେ ବୁଡିଲେ ଭାସି ଉଠେ ପୁଣି
ରାତିଯାଏ ସରି ସରି ।

ମେଘରାତି ଆଜି ଲାଗେ ଭାରି ଭାରି
ଜାଗଇ ପରାଣେ ବ୍ୟଥା
ଶେଷ ସମୟ ମୁଁ ବଂଚିବି ସ୍ମୃତିରେ
ଭାଳି ଭାଳି ତୁମ କଥା।

ଜୀବନ ମରଣ ଋତୁଚକ୍ର ସମ
ଆସୁଥାଅ ଯାଉଥାଅ
ଦୁଃଖସୁଖ ଦୁଇ ନାଆ ପରେ ବସି
ବଇଁଶୀ ବଜଉଥାଅ ।

ଜହ୍ନ ଯାଏ ବୁଡି ସରି ଆସେ ରାତି
ସରେ ନାହିଁ ତୁମ କଥା
ଦକ୍ଷିଣା ପବନ ଚହଲାଏ ମନ
ଚାରିଆଡ଼େ ନୀରବତା ।

ଗଭୀର ରାତିରେ ନିଶା ଗରଜିଲେ
ପାଦ ଚାପି ତୁମେ ଆସ
ରାତି ପାହି ଆସେ ମନ ମରି ଆସେ
ହୁଏନା ଗପର ଶେଷ।

+ ବରି, ବାଲେଶ୍ୱର

### ଗୋଟିଏ ନିଃସଙ୍ଗ ଶାୟାହ୍ନ

**ରାଜେଶ ପୂଜାରୀ**



ଅଟ୍ଟାଳିକା ଖୁବ୍ ବଡ଼
ହେଲେ କବାଟ
ଛୋଟ, ଅତି ଛୋଟ..
ଖରା ବର୍ଷା ଶୀତ ସାଙ୍ଗରେ
ଦଲକାଏ ପବନକୁ ବି ମନା
ପଶିବାକୁ ତା ଭିତରେ ।

ଯେଉଁଠି ରହୁଥିଲେ
ଅଚିହ୍ନା ଅଜଣା ପ୍ରାଣୀ ଜନେ
ଲୌହ ଦାନବ ଗର୍ଭରେ
ଯେପରି ଯାତ୍ରୀମାନେ!!

ବାଡେଇଲା ଜୋରଜାର୍
ଯିଏ ହେଇ ସାରିଥିଲା ଲାଲ୍ ପୁଆଲ୍
ଅସହନ୍ତି ଭୋକରେ ଶୋଷରେ
ଗରିବୀର ଅସହ୍ୟ ଲାଠି ପ୍ରହାରରେ!

ଆଭାସ ମିଳିଲା କ୍ଷଣେ ପରେ
ଝୁମୁଛନ୍ତି ଭିତରର ସଭ୍ୟ ସମ୍ପ୍ରଦାୟ ଆଧୁନିକ
ଯୌବନ ଜଣାଣ ତାଳେ ତାଳେ...
ମଦ ମାଂସର ମହକରେ
ଆପଣା ବିଲୁପ୍ତ ଲାଙ୍ଗୁଡ଼ ସନ୍ଧାନରେ!

କବାଟ ଖୋଲିଲା...
ପୁଣି ବନ୍ଦ ହୋଇଗଲା ।
କ୍ଷଣେ ପାଇଁ ସିନା ଗଲା ବଉଳି
ମଉଳିବା ହିଁ ଲେଖିଥିଲା ତା ମନ୍ଦ ପାପୁଲି!!

ଶବ୍ଦ ହେଲା ଖୁବ୍ ସନ୍ତର୍ପଣରେ
କବାଟ ବନ୍ଦ ହେବାର ନୁହେଁ...

କିଛି ରକ୍ତ
ଲୁହ ହୋଇ ଥପ୍ ଥପ୍ ଝରିବାର
ପ୍ରଭାତରୁ କିଛି ଖୋଜୁଥିବା
ଗୋଟିଏ ନିଃସଙ୍ଗ ସାୟାହ୍ନ
ପୁଣି ନିଃସଙ୍ଗ ହେବାର ।

+ କୁଶମେଲ, କପିଳାପୁର, ପଞ୍ଚଗାଁ,
ଝାରସୁଗୁଡ଼ା
ମୋ: ୯୭୭୭୨୮୦୫୯୪

### ପାପୁଲିର ରେଖା

**ବିକେଶ ସାହୁ**



ମୋ ହାତ ପାପୁଲିରେ ଅନେକ ରେଖା
ତୁମ ହାତ ପାପୁଲିରେ ବି

ତୁମେ କ'ଣ ଜାଣିଛ?
ଏଇ ରେଖାମାନେ କାଳେ ନିର୍ଣ୍ଣୟ କରନ୍ତି
ମଣିଷର ଭାଗ୍ୟ, ଭବିଷ୍ୟ
ଜୀବନର ସବୁ କର୍ମଫଳ

ତେବେ ଆସନା ଆଜି ଆମେ ଯୋଡ଼ି ଦେବା
ଆମ ଦୁହିଁଙ୍କ ହାତକୁ
ମିଶିଯାଉ ଆମ ଦୁହିଁଙ୍କ ହାତ
ମିଶିଯାଉ ଆମ ପାପୁଲିର ସମସ୍ତ ରେଖାତକ
ଅର୍ନିର୍ଦ୍ଦିଷ୍ଟ ହେଇଯାଉ ଆମ ଭାଗ୍ୟ
ବଦଳି ଯାଉ
ଆମ ପାଇଁ ଈଶ୍ୱରଙ୍କ ବିଧାନ ଯେତେକ

ଏଇ ମୁହୂର୍ତ୍ତରୁ ଆମେ ଈଶ୍ୱରଙ୍କଠୁ
ଛଡ଼େଇ ଆଣିବା
ଆମ ସମସ୍ତ ଅଧିକାର
ଆମ କର୍ମ, ଭାଗ୍ୟ, ପାପ, ପୁଣ୍ୟର ହିସାବ

ଆସ ଆମେ ଏବେଠୁ ହିଁ
ନିଜେ ନିଜକୁ ଘୋଷଣା କରିଦେବା ଈଶ୍ୱର ।

ତତ୍ ପରାନ୍ତେ
ଆମେ ଯାହା ଇଛା ତାହା କରିବା

ନଥିବ ଜୀବନ ଜରାର ଭୟ
ଆମେ ମୁକ୍ତ ହୋଇ
ସୃଷ୍ଟି କରିବା ଅନ୍ୟ ଏକ ନୂତନ ପୃଥିବୀ
ଯେଉଁଠି ଥିବା କେବଳ ଆମେ ଦୁହେଁ
ଆଉ ଥିବ ପ୍ରେମର ଜୀବନ ।

+ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ
ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
ମୋ: ୯୩୩୭୧୬୬୧୭୨

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧ ନଭେମ୍ବର, ୨୦୨୦

## ମନେପଡେ....(୩୮)

# ରେଡ଼ିଓରେ ସକାଳ ୭ଟାରେ ଭଜନ ଶୁଣାର ସ୍ମୃତି



**ସୁଗାଳ୍ପିକ ଓ ସ୍ତମ୍ଭକାର**
**ଉଦୟ ନାରାୟଣ ଦାସ**

ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

ହଁ, ସେତେବେଳେ ମୁଁ ପଞ୍ଚମ ଶ୍ରେଣୀରେ ବୋଧହୁଏ ପଢୁଥିଲି । ଆମ ଘରକୁ ଲାଗି ରଜନୀ ଦାଦାଙ୍କ ଘର । ଆମ ସାହି କିଆଁ ଆମ ଗାଁର ସେଥିଲେ ମାନ୍ୟଗଣ୍ୟ ଓ ଧନବାନ୍ ଲୋକ । ପଞ୍ଚାୟତର ସରପଞ୍ଚ ବି ଥିଲେ ସେ । ସେତିକି ବେଳେ ଆମ ଗାଁକୁ ସେ ରେଡ଼ିଓ ଆଣିଥିଲେ । ସକାଳ ଠୁଁ ସନ୍ଧ୍ୟା ଯାଏ ତାଙ୍କ ଦାଣ୍ଡପିଣ୍ଡାରେ ଜନ ଦରବାର ବସୁଥିଲା । ଦାଦା ଜମିଦାର ଆଦବ କାଇଦାରେ ଗଦିରେ ବସୁଥିଲେ । ଛେପ ପକାଇବା ପାଇଁ ପାଖରେ ରହୁଥିଲା ପାନ ପିକ । ଦିନ ତମାମ ରେଡ଼ିଓ ଖୋଲା ରହୁଥିଲା ସରପଞ୍ଚ ଦେଶ ବିଦେଶର ଖବର ଜାଣିବା ପାଇଁ ।

ରେଡ଼ିଓ ଖୋଲା ଯାଉଥିଲା ସକାଳ ୬ଟାରେ । କଟକ ଆକାଶବାଣୀର ପ୍ରଥମ କାର୍ଯ୍ୟକ୍ରମ ଭଜନ କାର୍ଯ୍ୟ । ଅକ୍ଷୟ ମହାନ୍ତି, ଭିକାରୀ ବଳ, ପ୍ରଣବ ପଟ୍ଟନାୟକ, ସିକନ୍ଦର ଆଲାମ ବା ପ୍ରଫୁଲ୍ଲ କରଙ୍କ କଣ୍ଠର ଭଜନ, "କେଉଁ ନାମ ଧରି ଡ଼ାକିବି ତୁମକୁ ତୁମ୍ଭେ ଯେ ସର୍ବନାମ, ଆଲୋକ ତୁମକୁ ନ ପାରେ ଦେଖାଇ ତୁମେ ଯେ ଦେଖାଅ ତାହାରେ" ବା "ଜଗନ୍ନାଥ ହୋ କିଛି ମାଗୁନାହିଁ ତୋତେ, ଧନ ମାଗୁ ନାହିଁ, ଜନ ମାଗୁନାହିଁ ମାଗୁଛି ଶରଧା ବାଲିରୁ ହାତେ", ବା "ଆରେ ମୁଁ ଶ୍ରୀକ୍ଷେତ୍ର ଯିବି, ଆରେ ମୁଁ ଶ୍ରୀକ୍ଷେତ୍ର ଯିବି, ଜଗନ୍ନାଥଙ୍କ ଶରଧା ବାଲିରେ ନିତି ଗଡ଼ୁଥିବି, ଗୋଡ ଯୋଡ଼ିକ ଥାଇ ବୋଇଲେ ସତ ମୋ ବଚନ ରାମା ସତ ମୋ ବଚନ" ବା "ଜଗବନ୍ଧୁ ହେ ଗୋସେଇଁ ତୁମ୍ଭ ଶ୍ରୀଚରଣ ବିନୁ ଅନ୍ୟ ଗତି ନାହିଁ" ବା "ଏକା ତୋ ଭକତ ଜୀବନ, ଭକତ ନିମନ୍ତେ ତୋର ଶଙ୍ଖଚକ୍ର ଚିହ୍ନ" ବା "କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ ଆମ୍ଭେ ଦର୍ଶନ କରିବୁ କାହାକୁ" ବା "କି ସୁନ୍ଦର ଆହା କି ଆନନ୍ଦମୟ ଏହି ବିଶାଳ ସଂସାର, ଧନ୍ୟ ମହାପ୍ରଭୁ ମହିମା ତୁମ୍ଭର ଅଟେ ଅନନ୍ତ ଅପାର ।"

ସତ କଥା ହେଲା ମୁଁ ଏସବୁ ଭଜନ ଆମ ଘର ଦାଣ୍ଡରେ ଗୋଟେ କୋଣରେ ବସି ଶୁଣୁଥିଲି ଓ ଭଗବାନଙ୍କ ଗୁଣ ସୁମରି କାନ୍ଦୁଥିଲି । ମୁଁ କିନ୍ତୁ ଏସବୁ ଭଜନ ଗାଇବାର ସ୍ୱର ପାଇନଥିଲି । ମୁଁ ଜାଣିଥିଲି ମୋ ସଂଗାତ ଭଲ ଗୀତ ଗାଇ ପାରିବେ । ମୁଁ ତାଙ୍କୁ କହିଥିଲି ରେଡ଼ିଓର ଭଜନ ବାଜୁଥିବା କଥା । ସେସବୁ ଶୁଣିବା ପାଇଁ ସେ ଭୋର ଆମ ଘରକୁ ଚାଲି ଆସୁଥିଲେ । ମୁଁ ଗୋଟେ ଟିପା ଭଜନ ଖାତା କରିଥିଲି । ସେ ଗୀତ ଶୁଣି ସ୍ୱର ମନେ ରଖିବା ବେଳେ ମୁଁ ସବୁ ଭଜନକୁ ଟିପା ଖାତାରେ ଲେଖୁଥିଲି ।

ଛୁଟି ଦିନ ମାନଙ୍କରେ ସେଇ ଟିପା ଖାତାକୁ ନେଇ ଆମେ ବିଲରେ ବୁଲି ବୁଲି ସମୁଦ୍ର ପର୍ଯ୍ୟନ୍ତ ଚାଲି ଯାଉଥିଲୁ । ସଂଗାତ ସେ ଟିପା ଖାତାରୁ ସେ ଭଜନ ମୁଖସ୍ତ କରି ଅବିକଳ ରେଡ଼ିଓରେ ବାଜୁଥିବା ସ୍ୱରରେ ସେସବୁ ଭଜନ ଗାଉଥିଲେ । ସଂଗାତ ଭଜନ ଆବୃତ୍ତି ବେଳେ ମୁଁ ଯେମିତି କେଉଁ ଗୋଟେ ଅତିକ୍ରିୟ ରାଜ୍ୟକୁ ଚାଲିଯାଉଥିଲି ।

ବି.ଏ. ପରୀକ୍ଷା ଦେଇ ସାରିଲା ପରେ ।ାମ ଦୁଇଜଣଙ୍କ ଘରେ ଆଉ ସାମର୍ଥ୍ୟ ନଥିଲା ବାଣିବିହାରରେ ପଢିବା ପାଇଁ । କିନ୍ତୁ ସଂଗାତ ସବୁ ସନ୍ଧ୍ୟାରେ ଆସୁଥିଲେ ଆମ ଘରକୁ । ମୁଁ ସେଇ ଭଜନ ଟିପା ଖାତାକୁ ଧରି ଦୁଇ ସଂଗାତ ସନ୍ଧ୍ୟାରେ ବାହାରି ଯାଉଥିଲୁ ଚାଲି ଚାଲି କଣ୍ଟିଆଚରା ନଈ ପଠାକୁ । ସେଇଠି ନୀରବରେ ବସି ଚାହିଁ ରହୁଥିଲୁ ଚନ୍ଦ୍ରସ୍ନାତ ସ୍ନିଗ୍ଧ ଆକାଶକୁ । ତା'ପରେ ସେ ଟିପା ଖାତାକୁ ନେଇ ଭଜନ ବୋଲୁଥିଲେ । ତା ସହ ବତୀଘର, ଯାଯାବର ଓଡିଆ ସିନେମାର ଗୀତ ବି । ସେଇ ଖାତାରେ ସେସବୁ ଭଲ ଓଡିଆ ସିନେମାର ଗୀତ ବି ମୁଁ ଲେଖି ପକାଇଥିଲି ।

ଆମେ ସେଇ ସନ୍ଧ୍ୟା ମାନଙ୍କରେ କିଛିବି ଭଭିଷ୍ୟତର କାର୍ଯ୍ୟପନ୍ଥା ବିଷୟରେ କଥା ନ ହେଇ କେବଳ ଈଶ୍ୱରଙ୍କ ଭଜନ ବୋଲୁଥିଲୁ ଏବଂ ଭଜନ ମାଧ୍ୟମରେ ଆମର ସବୁ ଦୁଃଖ ଅବଶୋଷ ଭଗବାନଙ୍କୁ ନୀରବରେ ଜଣାଉଥିଲୁ । ଆମ ଆଖିର ଲୁହରେ ଈଶ୍ୱରଙ୍କୁ ଆମର ସବୁକଥା ଗୁହାରି କରୁଥିଲୁ ।

ଆମେ ଜାଣୁନା କେଉଁଠୁ ଅର୍ଥ ଆସିଲା, ଆମେ କେମିତି ବାଣିବିହାରରେ ଆଡମିଶନ୍ ହେଲୁ । ଆମେ ଦୁଇ ସଂଗାତ ବାଣିବିହାରର ପ୍ରଥମ ହଷ୍ଟେଲର ୧୯୪ ରୁମରେ ରହିଲା ପରେ ବି ସେ ଟିପା ଭଜନ ଖାତାରୁ ଭଜନ କାଢି ରାତିରେ ପଢିଲେ ହଷ୍ଟେଲର ଅନେକ ସାଙ୍ଗ ଆମ ରୁମକୁ ଆସୁଥିଲେ ଭଜନ ଶୁଣିବା ପାଇଁ । ଏବେ କିନ୍ତୁ ସେ ଟିପା ଖାତା ଆଉ ପାଉନାହିଁ । କେଉଁଠି ଲୁଚିଗଲାଣି ସେ ଟିପା ଖାତାର ସେ ଭଜନ ସନ୍ଧ୍ୟାର ଆସର । ଚାକିରୀ ସରିଲା ପରେ ସେ ଟିପା ଖାତାକୁ ନିଶ୍ଚେ ଖୋଜି ବାହାର କରିବି । (ଆରଥରକୁ)

---

ଧାରାବାହିକ ଉପନ୍ୟାସ

# ନାତି

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨





ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଚ୍ଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ

ଭାଗ-୧

: ବାପା ! ତୁମେ ଏବେ କେଉଁଠି ଅଛ ବାପା ?

ଫୋନ୍‌ରେ ସେପାଖରୁ ଝିଅର କାତର ପ୍ରଶ୍ନରେ ଦୀନନାଥ ହଠାତ୍ ଚମକି ପଡ଼ିଲେ । ମନ ସମୁଦ୍ରରେ ସେତେବେଳେ ଭୀଷଣ ଝଡ଼ ଉଠୁଥିଲା ଏବଂ ଉତ୍ତାଳ ତରଙ୍ଗମାଳାରେ ଆନ୍ଦୋଳିତ ହେଉଥିଲା ତାଙ୍କ ହୃଦୟ । ଅତ୍ୟନ୍ତ ବିଷଣ୍ଣ ଭାବେ ଝିଅକୁ ଏକ ମିଛ କୈଫିୟତ ଦେବାକୁ ସେ ଯେମିତି ବିବଶ ହୋଇ ପଡ଼ିଲେ ।

"ମୁଁ ଏଇ କଲେଜରୁ ଫେରୁଛି ମା' । ପାଞ୍ଚଟାରେ ପରୀକ୍ଷା ସରିଲା, ଆଉ ଅନ୍ୟ ଏକ କାମ ସାରି ଫେରୁ ଫେରୁ ଡେରି ହୋଇଗଲା । ଶୁଭକାନ୍ତ ବାଲେଶ୍ୱରରେ ପହଞ୍ଚିଲେ ସେ ତୋ ପାଖକୁ ଯିବ ନିଶ୍ଚୟ । ମୁଁ ଘରେ ପହଞ୍ଚି ତୋତେ ଫୋନ୍ କରିବି । ତୁ କେମିତି ଅଛୁ ମା' ? ପାଖରେ କିଏ ଅଛନ୍ତି ? ସମୁଦୁଣୀ ନା ଅନ୍ୟ କେହି ? ସମୟ ହେଲେ ମୁଁ ତୋ ପାଖକୁ ଯାଇପାରେ !"

"ହଁ ବାପା ? ମୁଁ ଭଲ ଅଛି । ସକାଳ ଅପେକ୍ଷା ସନ୍ଧ୍ୟାଟା ବରଂ ବେଶୀ ଭଲ ଲାଗୁଛି । ନର୍ସ ଆସି ଏବେ ପୁଣି ଇଞ୍ଜେକସନ୍ ଓ ଔଷଧ ଦେଇଗଲେ । ହେଲେ ବାପା ; ତୁମେ ଆଦୌ ଭଲ ନାହଁ ବୋଲି ଲାଗୁଛି । ସକାଳ ପାଞ୍ଚଟାରୁ ସନ୍ଧ୍ୟା ଆସି ସାତଟା ହେଲାଣି ! କେତେ ଆଉ ଆମମାନଙ୍କ ପାଇଁ ଖଟିବ, ପରିଶ୍ରମ କରିବ ! ଶୀଘ୍ର ଘରେ ପହଞ୍ଚି ଧୁଆଧୋଇ ହୋଇ ଭଲକରି ଖାଇପିଇ ଶୋଇପଡ଼ । ଭାଇ ନର୍ସିଂହୋମ୍ ଆସିଲେ ଆସୁ । ତୁମେ ଆଉ ଏତେ ରାତିରେ କଷ୍ଟ କରି ଆସିବ ନାହିଁ । ପାଖରେ ମା' (ଶାଶୁ) ଅଛନ୍ତି । ମୋର ସବୁ ଭଲ ମନ୍ଦ ବୁଝୁଛନ୍ତି ।" ଏ ଥିଲା ଝିଅ ଶୁଭଦାର କାତରୋକ୍ତି ନିଜ ପିତା ଦୀନନାଥଙ୍କ ଉଦ୍ଦେଶ୍ୟରେ । ଶୁଭଦା ପୂର୍ବଦିନ ବାଲେଶ୍ୱରର ଏକ ନର୍ସିଂହୋମ୍‌ରେ ପୁତ୍ର ସନ୍ତାନ ଜନ୍ମ ଦେଇ ଚିକିତ୍ସାଧୀନ ଥିଲା, ଆଉ ଦୀନନାଥ ସଦ୍ୟଜାତ ନାତିକୁ କଟକର କୌଣସି ଏକ ପ୍ରାଇଭେଟ୍ ବେବିକେୟାର୍ ସେଣ୍ଟର୍‌ରେ ଛାଡ଼ି ଫେରି ଆସୁଥିଲେ ବାଲେଶ୍ୱର ।

ଶୁଭଦାର ନିଷ୍ପାପ ସରଳ ଆନ୍ତରିକ ଅଭିଯୋଗରେ ଛଳଛଳ ହୋଇ ପଡ଼ିଲେ ଦୀନନାଥ । ମନ ତାଙ୍କର ଆହୁରି ସନ୍ତୁଳି ହେଲା । ନିଜକୁ ଧିକ୍‌କାରିବାକୁ ଇଚ୍ଛା ହେଲା । ଏଇଥିପାଇଁ ଯେ, ସାରା ଜୀବନ ସଜ୍ଞାନ ଚିତ୍ତରେ କେବେ ମିଛ କହି ନଥିବା ଏବଂ ନିଜ ପୁଅ ଝିଅଙ୍କୁ ସର୍ବଦା ସତ୍ୟ କହିବାକୁ ପ୍ରବର୍ତ୍ତାଇ ଆସିଥିବା ଦୀନନାଥବାବୁ ନିଜ କନ୍ୟାକୁ ଏଇ ପ୍ରଥମ କରି ମିଛ କହିଲେ । ମିଛ କହିବାକୁ ସେ ଯେମିତି ବାଧ ହେଲେ । ନତୁବା ତାଙ୍କର ଗତ୍ୟନ୍ତର ନଥିଲା । 'ନାନ୍ୟପନ୍ଥା ବିଦ୍ୟତେ' ।

ଖୁବ୍ ଆଦ୍ୟ ଜୀବନରୁ ଅର୍ଥାତ୍ ପିଲାଟିବେଳୁ ଦୀନନାଥ କେବଳ ଦୁଇଟି କଥାକୁ ଜୀବନରେ ଗୁରୁତ୍ୱ ଦେଇ ଆସିଥିଲେ - ମିଛ କହିବେ ନାହିଁ କି ଚୋରୀ କରିବେ ନାହିଁ । ଜୀବନରେ ତାଙ୍କୁ ଯଦି କିଛି ସଫଳତା ମିଳିଥାଏ, ତାହା କେବଳ ସମ୍ଭବ ହୋଇଛି ଏଇ ଦୁଇଟି ଅମୋଘ ଅସ୍ତ୍ର ପାଇଁ । ସେଥିସକାଶେ ନିଜ ପିଲାମାନଙ୍କୁ ଏହି ଦୁଇ ତତ୍ତ୍ୱକୁ ଜୀବନରେ ଧ୍ୟେୟ କରିବାକୁ ପ୍ରବର୍ତ୍ତାଇ ଆସିଛନ୍ତି । ଅବଶେଷରେ ଆଜି, ଜୀବନର ଅପରାହ୍ନରେ ସେ ମିଛ କହିବାକୁ ବାଧ ହେଲେ !

ନିଜର ଆଦର୍ଶରେ ପିଲା ଦୁଇଟିଙ୍କୁ ଗଢ଼ି ପାରିଛନ୍ତି ବୋଲି ଦୀନନାଥ ବେଶ୍ ପ୍ରସନ୍ନ । ସେମାନେ ଏଇ ସତ୍ୟ ଏବଂ ଆଦର୍ଶ ପାଇଁ ଶୀର୍ଷରେ ପହଞ୍ଚିବେ ବୋଲି ତାଙ୍କର ବିଶ୍ୱାସ ।

ଆସନ୍ନପ୍ରାୟ ସନ୍ଧ୍ୟାରେ ଗାଡ଼ି ଉତ୍ତରାଭିମୁଖୀ ହୋଇ ଅତିକ୍ରମ କରୁଥିଲା ମହାନଦୀର ଏତେବଡ଼ ଲମ୍ବା ପୋଲଟିକୁ । ଦୀନନାଥ ଗାଡ଼ିର ଝରକାକୁ ଅଧା ନିମ୍ନମୁଖୀ କରାଇ ଚାହିଁ ରହିଥିଲେ ଚକ୍ରବାଳକୁ । ଦିଗନ୍ତ କୋଳରେ ସୂର୍ଯ୍ୟଦେବ ସମ୍ପୂର୍ଣ୍ଣ ମୁହଁ ଲୁଚେଇ ସାରିଥିଲେ, ଭୀତତ୍ରସ୍ତ ଶିଶୁଟିଏ ମା' କୋଳରେ ଲୁଚିଯିବା ପରି । ମହାନଦୀର କ୍ଷୀଣ ଜଳାଧାର ପ୍ରାନ୍ତରୁ ଦୁଇ ଚାରୋଟି କାଣ୍ଡିବଗ ସେହି ଦିଗବଳୟ ଆଡ଼କୁ ଡେଣାଛାଟି ଉଡ଼ିଗଲେ । ଦୀନନାଥ ସେ ଆଡୁ ଦୃଷ୍ଟି ଫେରେଇଲେ ଏବଂ ଶୂନ୍ୟରେ ଆଖି ଯୋଡ଼ିକୁ ଖୁନ୍ଦିଦେଲେ । କିନ୍ତୁ ତାଙ୍କ ମନ ଯାଇ ଅଟକିଥିଲା ସି.ଡି.ଏ.-୬ର ସେଇ 'ନିଉ ବରନ୍ ବେବିକେୟାର୍ ସେଣ୍ଟର' ନାମିତ ଏକ ପ୍ରାଇଭେଟ୍ ଶିଶୁଭବନରେ, ଯେଉଁଠି ନାତିକୁ ଛାଡ଼ିଦେଇ ଆସିଥିଲେ ସେମାନଙ୍କ ତତ୍ତ୍ୱାବଧାନ ଓ ଚିକିତ୍ସାରେ । ରହିଥିଲେ ସେଠି ଭବେଶ ରବିଶଂକର ।

ଆଜି ମହାଶିବରାତ୍ରି, ପୁଣି ସୋମବାର । ଏତେବଡ଼ ଉତ୍ସବମୁଖର ଦିନଟି ସମ୍ପୂର୍ଣ୍ଣ ଅର୍ଥହୀନ ମନେହେଲା ଦୀନନାଥଙ୍କୁ । ସାରାଦିନ ଗାଧୁଆ ହେଲାନାହିଁ । ନ ଗାଧୋଇ, ଠାକୁର ପୂଜା ନ ସାରି ଜଳସ୍ପର୍ଶ ନ କରିବାର ଦୀର୍ଘଦିନର ଅଭ୍ୟାସ ଆଜି ଭଙ୍ଗ ହେଲା । ପ୍ରମଦା ଏବଂ ଦୀନେଶଙ୍କ ଅନୁରୋଧ ଓ ବାଧ୍ୟବାଧକତାରେ ସାମାନ୍ୟ ଜଳପାନ ଅପରାହ୍ନରେ ଗ୍ରହଣ କରିବାକୁ ବାଧ ହୋଇଥିଲେ ସେ ।

ଦୁଇଦିନ କାଳ ଏତେ ସବୁ ବ୍ୟତିକ୍ରମ ଲାଗି ରହିବ ବୋଲି କିଏ ଜାଣିଥିଲା ? କିଏ ବି ଜାଣିଥିଲା ଯେ, ଗତକାଲି ଚତୁର୍ଦ୍ଦଶୀରେ ଶୁଭଦା ଜନ୍ମଦେବ ଆଶୁତୋଷଙ୍କ ପରି ଏକ ତେଜୋଦୀପ୍ତ ପୁତ୍ର ସନ୍ତାନକୁ ଏବଂ ଜନ୍ମ ପରେ ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ନବଜାତକକୁ ତୁରନ୍ତ ସରକାରୀ ଡାକ୍ତରଖାନାରେ ଥିବା ଏସ.ଏନ୍.ସି.ୟୁ.କୁ ସ୍ଥାନାନ୍ତର କରାଯିବ ବୋଲି !

ଓ.ଟି.ସାମ୍ନାରେ ଉତ୍ସୁକତାର ସହିତ ଅପେକ୍ଷା କରିଥିଲେ ଦୀନନାଥ, ଜ୍ୱାଇଁ ଭବେଶ ଏବଂ ଶୁଭଦାର ମାଇଁ ସୁମତି । କଳ୍ପଲତା ଯାଇଥିଲେ ମନ୍ଦିର, ଶିବଙ୍କ ମସ୍ତକରେ ଫୁଲ ଚଢ଼େଇବାକୁ । ପ୍ରାୟ ପନ୍ଦର ମିନିଟ୍ ପରେ ନର୍ସଟିଏ ବାହାରି ଆସିଲା ଓ.ଟି.ରୁ ଏବଂ ପୁଅଟିଏ ହୋଇଛି ବୋଲି କହିଲା । ଏ ଶୁଭ ସମ୍ବାଦରେ ଆତ୍ମହରା ହୋଇପଡ଼ିଲେ ଦୀନନାଥ ଏବଂ ଜ୍ୱାଇଁ ଭବେଶ, ସୁମତି ବି ।

ପ୍ରଥମ ପିତୃତ୍ୱ ପ୍ରାପ୍ତିର ସମ୍ବାଦ ପ୍ରେରଣ ନିମନ୍ତେ ଭବେଶ ଟିକେ ଆଡ଼ ହୋଇଗଲେ ସମ୍ଭବତଃ ନିଜ ମା'ଙ୍କୁ ଜଣେଇବା ପାଇଁ । ବିପରୀତ ଦିଗକୁ ଦୀନନାଥ ବି ଅପସରିଗଲେ ଭିନ୍ନ ଭିନ୍ନ ଜାଗାକୁ ଫୋନ୍ ଯୋଗେ ଖବରଟି ପ୍ରେରଣ କରିବାକୁ । ସୁମତି ବି ସେଇଠି ଛିଡ଼ା ହୋଇ ଫୋନ୍ ଲଗେଇଲେ ପ୍ରମୋଦ ପାଖକୁ । ପାଞ୍ଚମିନିଟ୍ ପରେ ଓ.ଟି.ସାମ୍ନାକୁ ଫେରିଆସିଲା ବେଳକୁ ନିଶ୍ଚେତକ ଡାକ୍ତର ସତ୍ୟବାଦୀ ବାବୁ ଏବଂ ଶିଶୁ ବିଶେଷଜ୍ଞ ଡାକ୍ତର ନୀଳମାଧବ ଉଭୟେ ଗୋଟିଏ ଗୋଟିଏ ମୁହୂର୍ତ୍ତ ବ୍ୟବଧାନରେ କହିଲେ -

"ପିଲାର ଅବସ୍ଥା ଭଲ ନାହିଁ । ତାକୁ ତୁରନ୍ତ ଏସ.ଏନ୍.ସି.ୟୁ.କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରିବାକୁ ପଡ଼ିବ । ତେଣୁ ଆପଣ ଗୋଟେ ଆମ୍ବୁଲାନ୍ସ ବ୍ୟବସ୍ଥା କରନ୍ତୁ ।"

ହଠାତ୍ ଯେମିତି ଆକାଶରୁ ଖସି ପଡ଼ିଲେ ଦୀନନାଥ ବାବୁ । "କ'ଣ ହେଲା ନାତିର ?" ସ୍ୱାଭାବିକ ପ୍ରଶ୍ନଟି ମନ୍ଥି ପକେଇଲା ତାଙ୍କୁ । ସମସ୍ତେ ଦିଶୁଥିଲେ ବ୍ୟସ୍ତ ଏବଂ ବିବ୍ରତ । ତାଙ୍କ ପୂର୍ବରୁ ବୋଧହୁଏ କଥାଟା ଶୁଣି ସାରିଥିଲା ଭବେଶ । ସ୍ୱତଃ ଅସ୍ଥିର ଏବଂ ବିଚଳିତ ହୋଇପଡ଼ିଥିଲା, କିନ୍ତୁ କାରଣ ମଧ ଥିଲା ତା' ପାଇଁ ଅସ୍ପଷ୍ଟ । ସେଥିପାଇଁ ଡାକ୍ତର ନୀଳମାଧବଙ୍କ ପଛେ ପଛେ ଅନୁସରଣ କରି ପଶିଗଲା ସେ ତାଙ୍କ ଚେମ୍ବର୍ ଭିତରକୁ । ଏଣେ ଦୀନନାଥ ବାବୁ ତଲାସୁଥିଲେ ସତ୍ୟବାଦୀ ବାବୁଙ୍କୁ । ସୁମତି ସ୍ଥାଣୁବତ୍ ଛିଡ଼ାହୋଇ ପରିସ୍ଥିତିକୁ ଆଦୌ ହିଁ ବୁଝିପାରୁ ନଥିଲା ।

ବ୍ୟସ୍ତ ହୋଇ କ୍ଷିପ୍ର ଗତିରେ ଆସୁଥିବା ନର୍ସଟିକୁ ପଚାରିଲେ ଦୀନନାଥ । "କ'ଣ ହୋଇଛି , ଆମ୍ବୁଲାନ୍ସ କାହିଁକି ଡକାଯିବ ?"

"ଡାକ୍ତରଙ୍କୁ ପଚାରନ୍ତୁ" - କହିଦେଇ ଚାଲିଗଲା ସେ ଓ.ଟି ଭିତରକୁ । ଜ୍ୱାଇଁଙ୍କ ପଛେ ପଛେ ଦୀନନାଥ ବି ଡାକ୍ତର ନୀଳମାଧବଙ୍କ ପାଖରେ ପହଞ୍ଚିଲେ, ସେତେବେଳେ ଜ୍ୱାଇଁ ଭବେଶକୁ ଡାକ୍ତର କିଛି କହୁଥିବାର ସେ ଶୁଣିଲେ ।

"ପିଲା କାନ୍ଦୁନାହିଁ । ଅପରେସନ୍ ଠିକ୍ ଠାକ୍ ହୋଇଛି । ହେଲେ ପିଲାର ଶ୍ୱାସ କ୍ରିୟାରେ ସ୍ୱାଭାବିକତା ନାହିଁ । ସେଥିପାଇଁ ସେ କାନ୍ଦି ପାରୁନାହିଁ । କିଛି ବ୍ୟସ୍ତ ହେବାର କାରଣ ନାହିଁ । ଶୀଘ୍ର ଗୋଟେ ଆମ୍ବୁଲାନ୍ସ ଡକାନ୍ତୁ । କାଉଣ୍ଟର୍‌ରେ ମ୍ୟାନେଜର୍‌ଙ୍କୁ କହିଲେ, ସେ ଫୋନ୍ କରିଦେବ । କିଛି ସମୟ ଶିଶୁକୁ ନେଇ ମେଡ଼ିକାଲ୍‌ରେ ଥିବା ଏସ୍.ଏନ୍.ସି.ୟୁ.ଭିତରେ ରଖିଲେ, ମୁଁ ଭାବୁଛି ଠିକ୍ ହୋଇଯିବ । ମୁଁ ଲେଖିଦେଉଛି, ସେଠି ଆଡ଼ମିସନ୍ ହୋଇଯିବ ।"

କାଳବିଳମ୍ବ ନ କରି ଦୀନନାଥ ତଳ ମହଲାକୁ ଓହ୍ଲେଇ ଆସିଲେ । ମ୍ୟାନେଜର୍‌କୁ ଆମ୍ବୁଲାନ୍ସ ପାଇଁ ଫୋନ୍ କରିବାକୁ କହି ପୁଣି ଗଲେ ଉପରକୁ । ଓ.ଟି.ରୁ ଦୁଇଜଣ ନର୍ସ ଶୁଭଦାକୁ ଷ୍ଟ୍ରେଚରରେ ନେଇଗଲେ ବେଡ୍‌କୁ । ଲେବର୍ ରୁମ୍‌ରେ ପିଲା । ଦୁଇଚାରିଜଣ ନର୍ସ ଓ ଡାକ୍ତରାଣୀ ମିସେସ୍ ପଣ୍ଡା ପିଲାକୁ ଘେରି ଛିଡ଼ା ହୋଇଛନ୍ତି । ଜଣେ ନର୍ସ ପିଲା ମୁହଁରେ ଅକ୍ସିଜେନ୍ ମାକ୍ସ ଲଗାଉଛି ।

ଦୀନନାଥ କମ୍ପିତ ହୃଦୟରେ ଟିକେ ଛୁଇଁଲେ ପିଲାର ମସ୍ତକକୁ । ମନେ ମନେ ଆଶୀର୍ବାଦ ଦେଲେ । ତଡ଼ିତ୍ ବେଗରେ ଶିହରଣଟେ ଖେଳିଗଲା ତାଙ୍କ ସମଗ୍ର ଦେହରେ । ମୁହଁରେ ଅକ୍ସିଜେନ୍ ମାକ୍ସ ସଜାଡୁ ସଜାଡୁ ନର୍ସଟି କହିଲା -

"ହାଁ, ହାଁ, ହାତ ଲଗାନ୍ତୁ ନାହିଁ । ପିଲାର ଇନ୍‌ଫେକସନ୍ ହୋଇପାରେ !"

ନର୍ସଟିର କଥାମାନି ନିଜ ହାତ ଅପସାରିତ କରି ଆଣିଲେ ଦୀନନାଥ । ତାଙ୍କର ମନେ ପଡୁଥିଲା, ଗାଁରେ ଏନ୍ତୁଡ଼ିଶାଳକୁ ଧାଈ ବ୍ୟତୀତ ଆଉ କାହାରିକୁ ଛଡ଼ା ଯାଏନାହିଁ । ଗାଁର ଧାଈ ଗାଧୋଇ ପାଧୋଇ ଏନ୍ତୁଡ଼ିଶାଳକୁ ପଶେ । ରଡ଼ ନିଆଁରେ ହାତ ସେକି ହୋଇ ପିଲା ଦେହରେ ହାତ ଲଗାଏ । ପୁଣି ବାହାରିଲା ପରେ ନ ଗାଧୋଇବା ପର୍ଯ୍ୟନ୍ତ ତାକୁ କେହି ବି ଛୁଅଁନ୍ତି ନାହିଁ । ସତରେ, କେଡ଼େ ବିଜ୍ଞାନସିଦ୍ଧ ଥିଲା ସେ କାଳର ପୁରୁଣା କଥାଟି । ନିଜ ପୁଅ ଝିଅଙ୍କ ଜନ୍ମବେଳେ ବି ଗାଁରେ ସେଇ ବ୍ୟବସ୍ଥା ପ୍ରଚଳିତ ଥିଲା । ଠିକ୍ ସେହି ସମାନ ବ୍ୟବସ୍ଥା ବି ଡାକ୍ତରଖାନାରେ । ବାହାରଲୋକ ନବଜାତ ଶିଶୁକୁ ଛୁଇଁବା ମନା।

ଅପଲକ ନୟନରେ ଦୀନନାଥ ଦେଖୁଥିଲେ ନାତିକୁ । ଧଳା ଓ ନାଲି ଫିରି ଫିରି ଦେହ । କେଡ଼େ ହୃଷ୍ଟପୁଷ୍ଟ ଡଉଲ ଡାଉଲ, ଦୁଇମାସର ଶିଶୁଭଳି ଦିଶୁଚି । ଗୋଡ଼ହାତ ହଲେଇ କାନ୍ଦିବାକୁ ଉଦ୍ୟମ କରୁଛି । ରାହାଧରି କାନ୍ଦିବା ପରିବର୍ତ୍ତେ ତା' ଛୋଟିଆ ପାଟି ଦେଇ ପକ୍ଷୀପରି ଚେଁ ଚେଁ ଶବ୍ଦ ଆସୁଛି, ଯାହା ଅସ୍ପଷ୍ଟ । ନାଲି ନାଲି ଓଠ ଦୁଇଫାଳ ସଂଚାଳିତ ହେଉଛି ଖାଇବା ପାଇଁ ।

ନାତିର ଆଉ ଏକ କଥା ବି ଦୀନନାଥଙ୍କୁ ଚକିତ କଲା ସେଇ ମୁହୂର୍ତ୍ତରେ । ଶିଶୁର ମୁହଁ ପାଖରୁ ସିଲିଣ୍ଡର୍ ପର୍ଯ୍ୟନ୍ତ ଲମ୍ବିଥିବା ସରୁ ଧଳା ପାଇପ୍‌ଟିକୁ ନର୍ସ ଯେଉଁ ନାଲି ଫିତାରେ ତା' କପାଳ ଏବଂ ମୁଣ୍ଡକୁ ବେଷ୍ଟନ କରି ବାନ୍ଧି ଦେଇଥିଲା, ତାହା ବୋଧେ ଶିଶୁଟିର ନରମ ଦେହକୁ ପୀଡ଼ା ଦେଉଥିଲା । ସେଥିପାଇଁ ଶିଶୁର ବାମ ହାତଟି ବାରମ୍ବାର ସେ ପାଇପ୍‌କୁ ସ୍ପର୍ଶଜନିତ ପ୍ରତିବାଦ ଜଣାଉଥିଲା । ତାହା ଲକ୍ଷ୍ୟ କରି ନର୍ସଜଣକ ଅତି ନିର୍ଦ୍ଦୟ ଭାବେ ତା' କୋମଳ ହାତକୁ ଚାପି ଧରିଥିଲା ।

ଏତିକିରେ ଭବେଶ ଥମ୍ ଥମ୍ ହୋଇଗଲା ଭଳି ଲାଗିଲା ଦୀନନାଥଙ୍କୁ, ନାତି ଯିବ ମେଡ଼ିକାଲ୍‌ରେ ଥିବା ଏସ୍.ଏନ୍.ସି.ୟୁ.କୁ । କେବଳ ଆମ୍ବୁଲାନ୍ସକୁ ଅପେକ୍ଷା । ଦୀନନାଥ ତଳକୁ ଆସିଲେ ପୋର୍ଟିକୋ ପର୍ଯ୍ୟନ୍ତ, ଆମ୍ବୁଲାନ୍ସ ପହଞ୍ଚିଲା କି ନାହିଁ ଦେଖିବେ ବୋଲି । ତତ୍କାଳ ଦେଖିଲେ କଳ୍ପଲତାଙ୍କୁ । ଧଇଁ ସଇଁ ହୋଇ ଭିତରକୁ ପଶି ଆସୁଛନ୍ତି । ଦୀନନାଥ ପ୍ରଶ୍ନ କଲେ ତାଙ୍କୁ -

"ତୁମ ପାଖରେ ମୋବାଇଲ୍ ନାହିଁ ?"

"ଘରେ ଛାଡ଼ି ଆସିଥିଲି । କ'ଣ ହେଲା, ଡେଲିଭରୀ ହୋଇଗଲା ?"

"ହଁ ।"

"କ'ଣ ହେଉଛି ମୋ ଶୁଭଦାର ?" - ବ୍ୟଗ୍ରଭାବେ ପଚାରୁଥିଲେ କଳ୍ପଲତା ।

"ପୁଅଟେ ହେଲା" - ଗିଳେଇଲା ଭଳି ଉତ୍ତର ଦେଲେ ଦୀନନାଥ । ଖୁସିର ଲହରଟିଏ ଉଠି ଆସୁ ଆସୁ କେମିତି ଅଟକିଗଲା ମଝିରେ । ସ୍ୱରଟା ସେମିତି ବେଖାପ ବେଖାପ ଲାଗିଲା କଳ୍ପଲତାଙ୍କୁ । ଆଶଂକିତ ଗଳାରେ ପଚାରିଲେ -"ତୁମର ହେଇଚି କ'ଣ ? ଏମିତି ବିବ୍ରତ ଦିଶୁଚ ?"

(କ୍ରମଶଃ)

---

ଗୋଟେ ବ୍ୟଙ୍ଗ ଗଳ୍ପ

# ଯେସାକୁ ତେସା ଡୋଜ୍

ରାଧାଶ୍ୟାମ ରାଉଳ



ବନ୍ଧୁଗଣ, କହିବା ବାହୁଲ୍ୟ, ଆମ ସମାଜରେ ଏଭଳି କିଛି ଲୋକ ଅଛନ୍ତି, ଯେଉଁମାନେ ବାହାରକୁ ଲାଗୁଥିବେ ଅତି ଜେଣ୍ଟଲ୍, ମାତ୍ର ଭିତରେ କିନ୍ତୁ ଫୁଲ୍ ରାସ୍କେଲ୍ । ବଡ଼ ଚିକଣିଆ କଥା କହୁଥିବେ, କିନ୍ତୁ କାର୍ଯ୍ୟରେ ଯାବତ୍ୟ ବଜାରୀପଣ ଇସ୍ତେମାଲ୍ କରୁଥିବେ। ଯେ'ଝାର ମତ୍‌ଲବରେ ଏମାନେ ଏତେ ପ୍ରମତ୍ତ ଯେ, ଏମାନଙ୍କ ପାଖରୁ ସାଧାରଣ ସୌଜନ୍ୟ ଆଶା କରିବା ବୃଥା। ଏମାନଙ୍କ ପାଖରେ ବନ୍ଧୁତ୍ୱ, ବିଶ୍ୱାସ, ବିବେକ, ବିଚାରବୋଧ ବୋଲି କିଛି ନ ଥାଏ। ମହାଜ୍ଞାନୀ ଚାଣକ୍ୟ ଅବଶ୍ୟ ତାଙ୍କର ବିଭିନ୍ନ ଶ୍ଳୋକ ଜରିଆରେ, ଏଭଳି ଲୋକଙ୍କ ପାଖରୁ ଦୂରେଇ ରହିବାକୁ ଆମକୁ ଚେତାବନୀ ଦେଇଯାଇଛନ୍ତି। ହେଲେ ଲାଭ କ'ଣ ? ସମାଜରେ ଆମେ ବାସ କରୁଅଛୁ ଯେତେବେଳେ, କାମରେ ଦାମରେ, ଶିକ୍ଷାରେ, ଦୀକ୍ଷାରେ, ପ୍ରେମରେ ଧର୍ମରେ, ସାହିତ୍ୟ ସଂସ୍କୃତିରେ ରାଜନୀତି ଅର୍ଥନୀତି କ୍ଷେତ୍ରରେ, ଏମନ୍ତ ଲୋକମାନଙ୍କ ସଂସ୍ପର୍ଶରେ ଆସିବାକୁ ପଡ଼ିବ ଇ ପଡ଼ିବ। ଉପାୟ ନାସ୍ତି। ତାଛଡ଼ା, ଯେ କେହି ବି ମହାପୁରୁଷ ହୁଅନ୍ତୁ, ଏଭଳିକି ଆମର ଚାଣକ୍ୟ ନନା ହୁଅନ୍ତୁ, ସେମାନଙ୍କର ହିତୋପଦେଶକୁ ଆମେ କ'ଣ ମନେ ରଖୁଛୁ ? ନା, ମନେଥିଲେ ବି କ'ଣ ତାକୁ ପାଳନ କରୁଛୁ ?

ଏଇ ପରିପ୍ରେକ୍ଷୀରେ, ଆମ୍ଭର ଜଣେ ସହକର୍ମୀ, ପ୍ରକାଶ କୁମାର ସାହୁ ଓରଫ୍ ମିଷ୍ଟର ପି.କେ.ଙ୍କ କଥା, ଆମ୍ଭେ ଏଠାରେ ଉଲ୍ଲେଖ କରୁଅଛୁ। ମିଷ୍ଟର ପି.କେ. କେବଳ ଆମ୍ଭର ସହକର୍ମୀ ନୁହଁନ୍ତି, ସମସାମୟିକ ମଧ୍ୟ। ତାଙ୍କର ଆମ୍ଭର ଶିକ୍ଷା ସମାନ, ବୃତ୍ତି ସମାନ, ବୟସ ସମାନ। ଅଥଚ ପ୍ରବୃତ୍ତି ଅଲଗା। ଆମ୍ଭର ପ୍ରବୃତ୍ତି ସାହିତ୍ୟ ସାଧନା ଥିବାବେଳେ ତାଙ୍କର ପ୍ରବୃତ୍ତି, ସେମିତି କିଛି ନିର୍ଦ୍ଦିଷ୍ଟ ନୁହଁ। ସମୟକୁ ଦେଖି ସେ ତାଙ୍କ ପ୍ରବୃତ୍ତିରେ ପରିବର୍ତ୍ତନ ଘଟେଇଥାନ୍ତି। କେତେବେଳେ ମାତ୍ରାଧିକ ସ୍ୱାର୍ଥପରତାରେ ବୁଡ଼ି ରହିବା ତାଙ୍କର ପ୍ରବୃତ୍ତି ତ କେତେବେଳେ ଈର୍ଷାଳୁ ହୋଇ ଅନ୍ୟମାନଙ୍କ ବିରୁଦ୍ଧରେ ଉଚ୍ଚ ସାହେବଙ୍କ ପାଖରେ ଚୁଗୁଲି କରିବା ହେଉଛି ତାଙ୍କର ପ୍ରବୃତ୍ତି। କେତେବେଳେ ପୁରାଣଶାସ୍ତ୍ରରୁ ଆରମ୍ଭ କରି ପର୍ଣ୍ଣୋଗ୍ରାଫି ପର୍ଯ୍ୟନ୍ତ ପୁସ୍ତକ ଉପରେ ବ୍ୟାପକ ଅଧ୍ୟୟନ କରିବା ତାଙ୍କର ପ୍ରବୃତ୍ତି ତ କେତେବେଳେ କିଛି ନ ପଢ଼ି କୌଣସି ପ୍ରସଙ୍ଗ ଉପରେ ବ୍ଲଫ୍ ମାରିବା ତାଙ୍କର ପ୍ରବୃତ୍ତି। କେତେବେଳେ ଅନ୍ୟପାଖରେ ଜୋକ୍‌ସ୍ କରିବା ତାଙ୍କର ପ୍ରବୃତ୍ତି ତ କେତେବେଳେ ମୁଡ୍ ଅଫ୍ କରି ନିରବରେ ବସିରହିବା ତାଙ୍କର ପ୍ରବୃତ୍ତି। କେତେବେଳେ ଉପର ଠାଉରିଆ ଭାବେ, ବିପଦରେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ସତତ ପ୍ରସ୍ତୁତର ଅଭିନୟ କରୁଥିବା ବେଳେ, କେତେବେଳେ ପୁଣି ସୁବିଧା ଉଣ୍ଡି ସ୍ୱଫାଇଦା ଉଠେଇବାର ଚକ୍‌କର୍‌ରେ ସେ ଥାଆନ୍ତି। ତେଣୁ ତାଙ୍କୁ ଜାଣିବା ଅବା ଚିହ୍ନିବା ଯେତିକି ଦୁରୂହ, ବିଶ୍ୱାସ କରି ତାଙ୍କ ସହ ବନ୍ଧୁ ବାନ୍ଧିବା ମଧ ସେତିକି ବିପଜ୍ଜନକ।

ଅଫିସରେ ମିଷ୍ଟର ପି.କେ. ଆମ୍ଭ ପାଖାପାଖି ବସୁଥିଲେ ମଧ ଆମ୍ଭେ ତାଙ୍କ ସାଥେ ବେଶ୍ ମାପିଚୁପି କଥାବାର୍ତ୍ତା କରିଥାଉଁ। କାରଣ, ଆମ୍ଭେ ବେଶ୍ ଭଲ ଭାବରେ ଜାଣିଅଛୁ ଯେ, ସେ ଜଣେ ଏଣ୍ଡୁଅ ପ୍ରକୃତିର ଜୀବ। ଅନେକଥର ଆମ୍ଭେ ଲକ୍ଷ୍ୟ କରିଅଛୁ କି, କେତେବେଳେ କେମିତି, କୌଣସି ପ୍ରସଙ୍ଗ ଉପରେ, ଆମ୍ଭ ବଗିଚାରେ ଆମ୍ଭେ ନିରପେକ୍ଷ ମତାମତ ସାବ୍ୟସ୍ତ କରୁଥିବା ବେଳେ, ମିଷ୍ଟର ପି.କେ. ଆମ୍ଭ କଥାକୁ ପ୍ରବଳ ଭାବେ ବିରୋଧ କରି ବସନ୍ତି। ଏଭଳିକି, ଆମ୍ଭର ଯଦି ତାଙ୍କ ପାଖରେ କିଛି ଅଫିସ୍ ସଂବଧୀୟ କାର୍ଯ୍ୟ ଥାଏ ଏବଂ ସେନେଇ ତାଙ୍କୁ ଯଦି ଆମ୍ଭେ କିଛି କହି ବସୁ ତେବେ କାର୍ଯ୍ୟବ୍ୟସ୍ତ ନ ଥାଇ ମଧ କାର୍ଯ୍ୟବ୍ୟସ୍ତତାର ଆଳ ଦେଖେଇ ଆମ୍ଭକୁ କହନ୍ତି, 'ଏବେ ମୁଁ ବ୍ୟସ୍ତ ଅଛି। କିଛି କହନ୍ତୁ ନାହିଁ।' ସେଇକ୍ଷଣି ଆମ୍ଭେ ଯଦି ଚିଡ଼ିଯାଇ ତାଙ୍କୁ କହିବୁ, 'କଣ ବ୍ୟ ସ୍ତ ଅଛନ୍ତି କହିଲେ ? ବୁଝିଲେ, ଉଦ୍ଦେଶ୍ୟମୂଳକ ଭାବେ, ଆପଣ ମୋତେ ଆଭଏଡ୍ କରୁଛନ୍ତି' ତ ସେଇଠୁ ଇନ୍‌ଷ୍ଟାଣ୍ଟ୍ ହସି ଦେଇ ସେ କହିବେ, 'ଆରେ ଭାଇ, ଏମିତି ମଜା କରୁ ଥିଲି ନାଓ ! କ'ଣ ମାଇଣ୍ଡ କଲେ କି ?' ଆମ୍ଭେ ମଧ ଅନୁରୂପ ଭାବେ ହସିଦେଇ କହିବାକୁ ପଛେଇବୁ ନାହିଁ- 'ମାଇଣ୍ଡ କରିବା କଥା କହିବ, ପୁଣି ପଚାରିବ, କ'ଣ ମାଇଣ୍ଡ କଲେ କି ? ଭଲ ହୋ।'

ମିଷ୍ଟର ପି.କେ.ନିଜର ଉଜ୍ଜ୍ୱଳ କ୍ୟାରିୟର ଗଢ଼ିବା ପାଇଁ ଅତିଶୟ ବିକଳ ଓ ବ୍ୟଗ୍ର ଥିବା ହେତୁ ସର୍ବସମ୍ମୁଖରେ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କୁ ଶନୈଃଶନୈଃ ତୈଳ ମର୍ଦ୍ଦନ କ୍ଷେତ୍ରରେ, ଜମାରୁ ଲାଜ କିମ୍ବା ସଂକୋଚ କରନ୍ତି ନାହିଁ।

ଦିନକର କଥା। ଡିପାର୍ଟମେଣ୍ଟରେ ଏକ ପଙ୍କ୍ତି ଭୋଜନ ଚାଲୁଥିବା ଅବସ୍ଥାରେ ଜନୈକ ଅଫିସରଙ୍କୁ ମିଷ୍ଟର ପି.କେ. ଆବଶ୍ୟକତା ଠାରୁ ଅଧିକ ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିବାର ଚିତ୍ର ଆମ୍ଭର ଦୃଷ୍ଟି ଗୋଚର ହେଲା। ଏଭଳିକି ସେଇ ଅଫିସରଙ୍କ ଅଇଁଠା ପତ୍ରକୁ ଉଠେଇବା କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରୁଥିବାର ଦୃଶ୍ୟକୁ ଆମ୍ଭେ ଅତି ନିକଟରୁ ଦେଖିବାକୁ ପାଇଲୁ। କଥା କ'ଣ କିହୋ ? ବୁଝୁ ବୁଝୁ ବୁଝା ପଡ଼ିଲା, ପ୍ରମୋଶନ ସିଜିନ ପାଖେଇ ଆସିଲାଣି ତ। ସେଇ ଅଫିସର ମହାଶୟଙ୍କ ସ୍ପେଶାଲ୍ ସି.ଆର୍. ଏବଂ ରେକୋମେଣ୍ଡେସନ୍‌ରେ ମିଷ୍ଟର ପି.କେ.ଙ୍କୁ ପ୍ରମୋଶନ୍ ମିଳି ଯାଇପାରେ। ଏମନ୍ତ କଥା।

ପ୍ରମୋଶନ ସିଜିନ୍ ଚାଲିଗଲା, ମାତ୍ର ମିଷ୍ଟର ପି.କେ. ପ୍ରମୋଶନ ଲାଭ କରିବାରୁ ବଂଚିତ ହୋଇ ହତାଶ ସାଙ୍ଗକୁ କୁଆବୁଆ ହୋଇଗଲେ। ବାରବର୍ଷର ତପସ୍ୟା ଶୁଖୁଆ ଝୋଳରେ ଯିବା ପ୍ରାୟ ସେଇ ଅଫିସରଙ୍କ ପ୍ରତି ମିଷ୍ଟର ପି.କେ.ଙ୍କର ସମସ୍ତ ଭକ୍ତି ଏବଂ ସମ୍ମାନ ଅକାରଣ ହୋଇଗଲା। ତଥାପି ମିଷ୍ଟର ପି.କେ. ନିଜକୁ ସଦାବେଳେ ମହାଜ୍ଞାନୀ ମଣନ୍ତି। ବିଭାଗୀୟ କାର୍ଯ୍ୟରେ ତାଙ୍କର ଯଥେଷ୍ଟ ଜ୍ଞାନ ଅଛି ବୋଲି ଆତ୍ମ ବଡ଼ିମା ଦେଖେଇ କହନ୍ତି, ସର୍କ୍ୟୁଲାର କୁହ କି ମାନୁଏଲ୍, କମ୍ପ୍ୟୁଟର ପାଠ କୁହ କି ସାଧାରଣ ଜ୍ଞାନ ଉପରେ କୁହ, ଯାହା ଥରେ ପଢ଼ି ଦିଏ, ଦେଖି ନିଏ, ତାକୁ ମନେ ରଖିଦିଏ ଭୁଲିବାର ନୁହେଁ।' ଓଃ ସତରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର।

ହେଲେ ବନ୍ଧୁଗଣ, ଆଜିର ସମୟରେ କିଏ ଆଉ ଅଜ୍ଞାନ, ଅନାଡ଼ି ଅଛନ୍ତି କହିଲେ ଯେ, ମିଷ୍ଟର ପି.କେ. ସେମାନଙ୍କୁ ଜ୍ଞାନାଲୋକ ଦେଖେଇବେ ?

ଶେଷକଥା: ମିଷ୍ଟର ପି.କେଙ୍କୁ ଦୋଷ ଦେଇ ଲାଭ କ'ଣ ? ସମୟ ତ ସେଇୟା। ବୋଇଲା, ସମୟ ସାଥେ ତାଳ ଦେଇ ଆଗକୁ ମାଡ଼ି ଚାଲ, ଭାଇ। ମିଷ୍ଟର ପି.କେ.ଙ୍କ ଭଳି ଅନେକ ଚରିତ୍ର ଆମ ସମାଜରେ ଅଛନ୍ତି, ଯେଉଁମାନେ ହାଡ଼େ ହାଡ଼େ ସୁବିଧାବାଦୀ। ଯେଉଁମାନଙ୍କୁ ଅଙ୍ଗୁଳି ଦେଖାଇଲେ, ବାହା ଗିଳି ଦେଇପାରନ୍ତି। ଦରକାର ପଡ଼ିଲେ, ଠାକୁର ଖାଇ ଠାକୁର ଖଟୁଲି ଖାଇଦେବାକୁ ଏମାନେ ଇଂଚେ ମଧ ପଛାନ୍ତି ନାହିଁ। ତା ସତ୍ତ୍ୱେ ସେମାନଙ୍କ ସାଥେ ଉପରେ ଉପରେ ଭାବ ଯୋଡ଼ିବାକୁ ପଡୁଛି। ଏଇ ମର୍ମରେ ବିଶିଷ୍ଟ ଦାର୍ଶନିକ ଆରିଷ୍ଟଟେଲଙ୍କ କଥା, 'ମଣିଷ ଏକ ସାମାଜିକ ପ୍ରାଣୀ, ସମାଜ ବିନା ସେ ବଂଚି ପାରିବ ନାହିଁ' କୁ ମନେ ପକେଇବାକୁ ଅଛି।

ହେଲେ ବନ୍ଧୁଗଣ, ଜୀବନର ଚଲାପଥେ, ଏମନ୍ତ ଲୋକଙ୍କୁ ସାମ୍ନା କରିବାକୁ ହେଲେ, ହାତେ ମାପି ଚାଖଣ୍ଡେ ଚାଲିବା ଚାହି। ତା ପୁଣି 'ଯେସାକୁ ତେସା ଡୋଜ୍' ସହ ।

କ'ଣ ଆମ୍ଭେ ନାକରା କଥା କହିଲୁ କି ?

+ ଡ୍ୟୁପ୍ଲେକ୍ସ-୧୦(ବି), ବୀମା ବିହାର, ମର୍କତ ନଗର, ସେକ୍ଟର-୬, କଟକ-୭୫୩୦୧୪

# ଜାତିବାଦର ବିଲୋପ ବନାମ ବିଶ୍ୱାସ

**।। ବିନୋଦ ।।**



ବିଜ୍ଞାନର ଅଭେଦ୍ୟ ଦୁର୍ଗରେ ମାନବ ନିଜର ସ୍ଥିତି ସୁଦୃଢ଼ କରିଛି। ନାନା ପ୍ରକାର ସନ୍ଦେହ ଦୂର କରିଛି। ହଜାର ହଜାର ବର୍ଷ ଧରି ପ୍ରକୃତି ବିରୋଧରେ ଲଢ଼ି ନିଜକୁ ଜୀବଜଗତର ସର୍ବଶ୍ରେଷ୍ଠ, ଜ୍ଞାନୀ ପ୍ରାଣୀ ଭାବେ ପ୍ରମାଣିତ କରିଛି। ଅଜସ୍ର ଅସମାହିତ ପ୍ରଶ୍ନକୁ ସମାହିତ କରି ଅସମ୍ଭବକୁ ସମ୍ଭବ କରିଆସିଛି। ଗୋଟିଏ ପରେ ଗୋଟିଏ ଉଦ୍ଭାବନ କରିବା ସହ ମଣିଷ ନାହିଁ ନଥିବା ପ୍ରଗତି ହାସଲ କରିଛି। ବିଜ୍ଞାନର ବିଶାଳ ପରିସୀମା ଭିତରେ ମଣିଷର ଅଦମ୍ୟ ପିପାସା ଏବେ ବି ଗତିଶୀଳ ଏବଂ ଦିନକୁ ଦିନ ଆଗେଇଯିବାର ପ୍ରକ୍ରିୟା ଜାରି ରହିଛି। ଆଜି ଯାହା ନୂଆ କାଲି ତାହା ପୁରୁଣ ହୋଇଯାଉଛି। ଆଜି ଯାହାକୁ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଡ଼ ଉଦ୍ଭାବନ ବୋଲି ଦାବି କରୁଛି କିଛି ବର୍ଷ ପରେ ତାହା ସାଧାରଣ ପ୍ରତପାଦିତ ହେଉଛି। ପିଢ଼ି ପରେ ପିଢ଼ିର ଏହି ପ୍ରକ୍ରିୟା ହଜାର ହଜାର ବର୍ଷ ଧରି ଚାଲିଆସିଛି। ଏହାର ପୂର୍ଣ୍ଣଚ୍ଛେଦ ପଡ଼ିବା ବି ସମ୍ଭବ ଲାଗୁନାହିଁ। ଅଦୃଶ୍ୟ ପ୍ରକ୍ରିୟାଠାରୁ ଆରମ୍ଭ କରି ନାନା ପ୍ରକାର ବୃହତ ଅଭିଯାନ ଜରିଆରେ ମଣିଷ ଯେଉଁ ବିକାଶର ଶୀର୍ଷରେ ପାଦ ଦେଉଛି ତାହା ପୁଣି ସାଧାରଣ ଅବସ୍ଥାକୁ ଚାଲିଆସୁଛି। ଜୀବ ସୃଷ୍ଟି ସମ୍ପର୍କରେ ଅନେକ ମହାଜ୍ଞାନୀ, ଜୀବବିଜ୍ଞାନୀ, ନୃତତ୍ତ୍ୱବିତ୍ ପ୍ରମାଣ କରିସାରିଛନ୍ତି ଯେ ଏକ କୋଷୀ ପ୍ରାଣୀଠାରୁ ଆରମ୍ଭ କରି ସୁବୃହତ ଡାଏନୋସାର ଯାଏ ସବୁକିଛି ପ୍ରକୃତିର ସୃଷ୍ଟି। ଏହାରି ଭିତରେ ମଣିଷ ବି ରହିଛି। ମାତ୍ର ବୁଦ୍ଧି ଓ ଜ୍ଞାନ ଯୋଗୁ ମଣିଷ ଭିନ୍ନ ପ୍ରାଣୀ ଭାବେ ଗଢ଼ିଉଠିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମଣିଷ ଏତେ ଶିକ୍ଷା ଲାଭ କରି ବି ନିଜକୁ ଅନ୍ଧବିଶ୍ୱାସ ମଧ୍ୟରେ ହଜାଇଛି। ଜାତି, ବର୍ଣ୍ଣ, ଧର୍ମର କଠୋର ବଳୟରେ ନିଜକୁ ସୀମାବଦ୍ଧ କରୁଛି। ଏଥିରୁ ମୁକୁଳିବା ଲାଗି ଯେତିକି ପ୍ରୟାସ କରୁଛି ତାଠାରୁ ଅଧିକ କଠୋର ଭାବେ ପରମ୍ପରା, ବିଶ୍ୱାସ, ଭାବନା, ଜାତିପ୍ରେମକୁ ବାନ୍ଧି ରଖୁଛି।

ଭାରତ ପରି ଏକ ଜନବହୁଳ, ଜାତିବହୁଳ, ବହୁଧର୍ମୀ ରାଷ୍ଟ୍ରରେ ଜାତିବାଦ ନିଜର ପକ୍ଷ ବିସ୍ତାର କରିଚାଲିଛି। ହଜାର ହଜାର ବର୍ଷ ଧରି ଏହି ବ୍ୟବସ୍ଥା ଦେଶବାସୀଙ୍କୁ ଏପରି କଠୋର ଭାବେ ଶୃଙ୍ଖଳିତ କରିଆସିଛି ଯେ ମଣିଷ ସେଥିରୁ ମୁକୁଳିପାରୁନାହିଁ। ଶିଶୁଟିଏ ଜନ୍ମ ହେବା ମାତ୍ରେ ତାକୁ ଜାତିବାଦର ବନ୍ଧନ ଭିତରେ ବାନ୍ଧିଦିଆଯାଉଛି ଏବଂ ଏକ ଜାତିବିହୀନ, ଧର୍ମବିହୀନ ସମାଜର କଳ୍ପନା କରିବା ନିମନ୍ତେ ଶିଶୁଟିକୁ ସୁଯୋଗ ଦିଆଯାଉନାହିଁ। ପିଲାଟି ଜାଣିବା କାଳରୁ ବାପାମା ତାକୁ କାଠ, ପଥରର ଦେବତା ଆଗରେ ପ୍ରାର୍ଥନା କରିବା ଶିଖାଇବାଠାରୁ ଆରମ୍ଭ କରି ଜାତିବାଦର ତଥାକଥିତ ଗୌରବମୟ ବନ୍ଧନରେ ତାକୁ ନିମଜ୍ଜିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ନାନା କୁସଂସ୍କାର, ଅନ୍ଧବିଶ୍ୱାସ, ଅର୍ଥନୈତିକ ଅଭିସନ୍ଧି ଭିତରେ ସୃଷ୍ଟି ହୋଇଥିବା ଜାତିବାଦ ଏବେ ବି ମଣିଷକୁ ଅପନିନ୍ଦିତ ଭାବେ କାବୁ କରି ରଖିଛି।

୨୦୦୯ ମସିହାରେ ମିଳିତ ଜାତିସଂଘ ମାନବାଧିକାର କମିଶନ ପକ୍ଷରୁ ଜାତିବାଦକୁ ମାନବାଧିକାରର ଉଲ୍ଲଂଘନ ବୋଲି ଘୋଷଣା କରାଯିବା ସହ ଏହା ଏକ ଅପରାଧ ବୋଲି ଘୋଷଣା କରାଯାଇଥିଲା। ମାତ୍ର ଏହା ବିଶ୍ୱର କୌଣସି ସ୍ଥାନରେ ବସ୍ତୁତଃ ପ୍ରତିଫଳିତ ହୋଇ ନଥିଲା। ବିଶେଷ କରି ଦକ୍ଷିଣ ଏସୀୟ ରାଷ୍ଟ୍ରରେ ଜାତିବାଦକୁ ତିଳେମାତ୍ର କ୍ଷୁଣ୍ଣ କରିବାରେ ସହାୟକ ହୋଇ ନଥିଲା। ଜାତିବାଦର ବିଲୋପ ବିରୋଧରେ ଯେଉଁ ଆଭ୍ୟନ୍ତରୀଣ ସଂଗ୍ରାମ ହେବା କଥା ତାହା କେଉଁଠି ପରିଲକ୍ଷିତ ହୋଇପାରିନାହିଁ। ଜାତିବାଦର ବିଲୋପ ଲାଗି ବି ରାଷ୍ଟ୍ରୀୟ ସ୍ତରରେ ଉଦ୍ୟମ ହୋଇନାହିଁ।

ପ୍ରାୟ ୩୫୦୦ ବର୍ଷ ପୂର୍ବେ ଆର୍ଯ୍ୟମାନେ ସିନ୍ଧୁ ଉପତ୍ୟକାରେ ପ୍ରବେଶ କରିବା ପରେ ସେମାନଙ୍କ ସଂସ୍କୃତି, ପରମ୍ପରା ବଜାୟ ରଖିବା ଲାଗି ସବୁ ପ୍ରକାର ଉଦ୍ୟମ କଲେ। ସେମାନେ ବିଶେଷ କରି ବ୍ରହ୍ମା, ଇନ୍ଦ୍ର, ବରୁଣ, ସୋମ ଆଦି ଦେବତାଙ୍କୁ ପୂଜା କରୁଥିଲେ। ଆର୍ଯ୍ୟ ଜାତିର ପରାକାଷ୍ଠା ବଜାୟ ରଖିବା ଲାଗି ଆର୍ଯ୍ୟମାନେ ଜାତିବାଦକୁ ପ୍ରୟୋଗ କରିଥିଲେ। ପରେ ପରେ ଆର୍ଯ୍ୟମାନେ କ୍ଷମତାଶାଳୀ ହୋଇଉଠିବା ପରେ ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଇଥିଲା। ଏହା ସହ ଅନେକ ଆର୍ଯ୍ୟ ମୁନିରଷି ମଧ୍ୟ ଏହାକୁ ପାଳନ କରି ବର୍ଣ୍ଣାଶ୍ରମକୁ ବିଭିନ୍ନ କାବ୍ୟ ଜରିଆରେ ପ୍ରକାଶ କଲେ। ପ୍ରାୟ ଖ୍ରୀପୂ ୧୦୦୦ ବେଳକୁ ଭାରତରେ ଜାତିବାଦର ଭିତ୍ତି ପଡ଼ିଯାଇଥିଲା ଏବଂ ମଣିଷକୁ ଚାରି ଭାଗରେ ବିଭକ୍ତ କରିଦିଆଯାଇଥିଲା। ପୂଜକ, ଶିକ୍ଷାବିତ୍ ପ୍ରମୁଖଙ୍କୁ ବ୍ରାହ୍ମଣ, ରାଜା, ଶାସକ, ଯୋଦ୍ଧାଙ୍କୁ କ୍ଷତ୍ରିୟ, କୃଷକ, ଶିଳ୍ପୀ, ବ୍ୟବସାୟୀଙ୍କୁ ବୈଶ୍ୟ ଓ ସେବା ପ୍ରଦାନକାରୀ ବ୍ୟକ୍ତିମାନଙ୍କୁ ଶୂଦ୍ର ଭାବେ ବିଭକ୍ତ କରାଯାଇଥିଲା। ଅନେକ ଅଣଆର୍ଯ୍ୟଙ୍କୁ ବହୁଳ ଭାବେ ବୈଶ୍ୟ ଓ ଶୂଦ୍ର ଶ୍ରେଣୀରେ ସାମିଲ କରାଯାଇଥିଲା।

ଜାତିବାଦକୁ ବିଲୋପ କରିବା ଲାଗି ମହାବୀର ଜୈନ (ଖ୍ରୀପୂ୫୪୦-ଖ୍ରୀପୂ ୪୬୬) ବିଶେଷ ଉଦ୍ୟମ କରିଥିଲେ। ଐତିହାସିକମାନେ କୁହନ୍ତି ମହାବୀର ହିଁ ପ୍ରଥମ ବ୍ୟକ୍ତି ଯେ କି ଜାତିବାଦକୁ ବିରୋଧ କରିଥିଲେ। ମାତ୍ର ତାଙ୍କ ପ୍ରଭାବ ଖୁବ୍ ସୀମିତ ରହିଲା ଏବଂ ଜାତିବାଦ ବିରୋଧରେ ଯେଉଁ ଆନ୍ଦୋଳନ ହେବା କଥା ତାହା ଘଟିଲା ନାହିଁ। ଗୌତମ ବୁଦ୍ଧ ସଂସାରତ୍ୟାଗୀ ହୋଇ ସମାଜ କ୍ଷେତ୍ରକୁ ଓହ୍ଲାଇଲେ। ମାତ୍ର ସେ ଧର୍ମ, ଜାତି, ବିରୋଧରେ ସ୍ୱର ଉତ୍ତୋଳନ କରିବା ବଦଳରେ ଜାତି ଭିତରେ ରହିଥିବା ପାତରଅନ୍ତର ନୀତିକୁ ବିରୋଧ କରିଥିଲେ। ଏହା ସହ ସେ ଧର୍ମକୁ ବିରୋଧ କରିବା ବଦଳରେ ନୂଆ ଏକ ଧର୍ମ ତିଆରିରେ ମନଯୋଗୀ ହେଲେ। ହିନ୍ଦୁ ଧର୍ମରେ ରହିଥିବା ଧାର୍ମିକ କୁସଂସ୍କାର ଦୂର କରିବାକୁ ଆହ୍ୱାନ ଦେଇଥିବାବେଳେ ଜୀବହତ୍ୟାକୁ ବିରୋଧ କରିଥିଲେ। ଫଳରେ ସେ ଜଣେ ନାସ୍ତିକ ନାୟକ ହେଲେ ନାହିଁ ବରଂ ଜଣେ ଧର୍ମ ସଂସ୍କାରକ ହେଲେ। ଫଳରେ ଅନ୍ୟ ଧର୍ମ ପରି ଏହି ଧର୍ମ ବି ରହିଲା। ବିଶେଷ ଫରକ ପଡ଼ିଲା ନାହିଁ। ଖୋଦ୍ ବୌଦ୍ଧ ଧର୍ମରେ ବିଭିନ୍ନ ଜାତିର ଲୋକମାନେ ସାମିଲ ହେଲେ ମାତ୍ର ସେମାନେ ନିଜର ଜାତି ପରିଚୟ ବଳବତ୍ତର ରଖିଲେ। ଫଳ ଏହା ହେଲେ ଯେ, ବୁଦ୍ଧଙ୍କ ମୃତ୍ୟୁ ପରେ ତାଙ୍କ ଚିତାଭସ୍ମ ନେବା ଲାଗି କ୍ଷତ୍ରିୟ ଓ ବୈଶ୍ୟଙ୍କ ମଧ୍ୟରେ କଳହ ହେଲା। ମଗଧ ରାଜା ଏଥିରେ ହସ୍ତକ୍ଷେପ କରି ବୁଦ୍ଧ ଜଣେ କ୍ଷତ୍ରିୟ ହୋଇଥିବାରୁ ତାଙ୍କ ଚିତାଭସ୍ମ କ୍ଷତ୍ରିୟମାନେ ନେବା ଆବଶ୍ୟକ ବୋଲି ନିଷ୍ପତ୍ତି ଶୁଣାଇଥିଲେ।

ବୁଦ୍ଧ ସମସ୍ତ ବର୍ଣ୍ଣ ଓ ଜାତି ମଧ୍ୟରେ ସମାନତା ଆଣିବା ଲାଗି ଚେଷ୍ଟା କରିଥିଲେ। ଜାତି-ଜାତି ମଧ୍ୟରେ ରହିଥିବା ବୈଷମ୍ୟ ଦୂର ଲାଗି ଆହ୍ୱାନ ଦେଇଥିଲେ। ମାତ୍ର ଜାତି ପ୍ରଥାର ବିଲୋପ ଲାଗି ଯଦି ସେ ଚେଷ୍ଟା କରିଥାନ୍ତେ ତେବେ ଅନେକ ହିତ ସାଧନ ହୋଇଥାନ୍ତା ଏବଂ ଜାତିବାଦ ପରି ଏକ କୁତ୍ସ ତଥା ଭୟଙ୍କର ପ୍ରକ୍ରିୟାର ଆଜି ହୁଏତ ଅବସାନ ଘଟିଥାନ୍ତା।

ଜାତିବାଦ ଅତୀତରେ ଭୟଙ୍କର ରୂପ ଧାରଣ କରିଥିଲା। ଏହା ଅତି କଠୋର ଥିଲା। ତେବେ ଭାରତୀୟ ଇତିହାସରେ ବାସବ ପ୍ରଥମେ ଏହାର ଦୃଢ଼ ବିରୋଧ କରିଥିଲେ ଏବଂ ଜାତିବାଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେ ମନ୍ଦିର ବ୍ୟବସ୍ଥାକୁ ବିରୋଧ କରିବା ସହ ଶୂଦ୍ରମାନଙ୍କ ଅଧିକାର ନିମନ୍ତେ ସଂଗ୍ରାମ କରିଥିଲେ। ତାଙ୍କ ଯୋଗୁ ପ୍ରଥମେ ଶୂଦ୍ରମାନେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ଉଦ୍ୟମ ଯୋଗୁ ଜଣେ ବ୍ରାହ୍ମଣ କନ୍ୟା ଜଣେ ଦଳିତ ଯୁବକଙ୍କୁ ବିବାହ କରିଥିଲେ। ସେ ସାଂସ୍କୃତିକ ସ୍ତରରେ ଜାତିବିରୋଧୀ ଆନ୍ଦୋଳନକୁ ପ୍ରୋତ୍ସାହନ ଦେବା ସହ ବୈପ୍ଳବିକ କବିତା ଜରିଆରେ ଲୋକଙ୍କୁ ଉଦ୍‌ବୁଦ୍ଧ କରିଥିଲେ।

ଭାରତରେ ଅନ୍ୟ ଜଣେ ଦଳିତ ବିପ୍ଳବୀ ଥିଲେ ଚୋଖମେଳା। ସେ ଜାତିବାଦକୁ ବିରୋଧ କରିଥିଲେ। ମାତ୍ର ତାଙ୍କର ରାଜନୈତିକ ଓ ସାମାଜିକ ଦିଗ୍‌ଦର୍ଶନ ନଥିବା ସହ ସେ ଅନ୍ୟ ଭାବେ ଭଗବାନ( !)ଙ୍କୁ ପୂଜା କରୁଥିଲେ। ତେଣୁ ଜାତିବାଦ ବିରୋଧୀ ଲଢ଼େଇରେ ସେ ସାମିଲ ଥିଲେ ବି ତାଙ୍କର ପ୍ରଭାବ ହ୍ରାସ ପାଇଲା।

ଜାତିବାଦ ବିରୋଧରେ ରବିଦାସ ନେଇଥିଲେ ପ୍ରମୁଖ ଭୂମିକା। ରବିଦାସ କାଶୀରେ ଜନ୍ମଗ୍ରହଣ କରିଥିଲେ ଯାହାକି ଆର୍ଯ୍ୟମାନଙ୍କ ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିଲା। କୁହାଯାଏ ଶିବ ଏହି ସହର ପ୍ରତିଷ୍ଠା କରିଥିଲେ। କାଶୀ ଅତୀତରେ ଜାତିବାଦର କେନ୍ଦ୍ର ହୋଇଥିଲା ଏବଂ ସେଠାରେ ଜାତିବାଦ ଏତେ ତୀବ୍ର ଥିଲା ଯେ ଶୂଦ୍ରମାନେ ସେଠାରେ ମୁଣ୍ଡ ତଳକୁ କରି ଯାଆସ କରୁଥିଲେ। ମାତ୍ର ରବିଦାସଙ୍କ ସଂଗ୍ରାମ ଯୋଗୁ ସେଠାରେ ପ୍ରଥମ ଥର ଲାଗି ଶୂଦ୍ରମାନେ ମୁଣ୍ଡ ସିଧା କରି ଚାଲିପାରିଲେ। ସେ କିଛି ଉଚ୍ଚଜାତିର ଲୋକଙ୍କୁ ବି ନିଜ ଆନ୍ଦୋଳନରେ ସାମିଲ କରିବାରେ ସଫଳ ହୋଇଥିଲେ। ତାଙ୍କର ତିନି ନୀତି ଥିଲା ଶିକ୍ଷା ଦିଅ, ଆନ୍ଦୋଳନ କର ଓ ସଂଗଠିତ ହୁଅ। ଏହାର ଅର୍ଥ ଥିଲା ବ୍ରାହ୍ମଣବାଦୀ ବ୍ୟବସ୍ଥା ବିରୋଧରେ ଏକ ହୁଅ ଓ ସାମାଜିକ ଆନ୍ଦୋଳନରେ ଝାସ ଦିଅ। ସେ ନାରୀ ଶିକ୍ଷା ପ୍ରତି ଆଗ୍ରହୀ ହେବା ସହ ସେମାନଙ୍କୁ ସାମାଜିକ କୁସଂସ୍କାର ବିରୋଧରେ ଠିଆ ହେବା ଲାଗି ପ୍ରେରଣା ଦେଇଥିଲେ। ରାମଦାସ ସଂସ୍କୃତ ଓ ଦେବନାଗରୀ ଭାଷା ପ୍ରତି ବିମୁଖ ହେବା ସହ ନିଜେ ଗୁରୁମୁଖୀ ଭାଷାର ସୃଷ୍ଟିକର୍ତ୍ତା ଥିଲେ ଯେଉଁଥିରେ ୩୪ଟି ଅକ୍ଷର ଥିଲା। ଦଳିତମାନେ ସେତେବେଳେ ଗୁରୁକୁଳ ଦେଇ ଯିବା ଆସିବା କରିବା କିମ୍ବା ସଂସ୍କୃତ ଶିକ୍ଷା କରିବାକୁ ଚାହିଁଲେ ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉଥିଲା। ଏଥିଲାଗି ରବିଦାସ ନିଜର ନୂଆ ଭାଷା ବାହାର କରିବାକୁ ଆଗ୍ରହୀ ହୋଇଥିଲେ। ଏସବୁ ପଦକ୍ଷେପ ଲାଗି ବ୍ରାହ୍ମଣବାଦୀ ବ୍ୟବସ୍ଥାପନ୍ଥୀମାନେ ତାଙ୍କୁ ହତ୍ୟା କରିଥିଲେ।

ରବିଦାସଙ୍କ ପରି ଘାସିଦାସ ମଧ୍ୟ ଜାତିବାଦ ବିରୋଧରେ ଲଢ଼େଇ କରିଥିଲେ। ବିଶେଷ କରି ବ୍ରାହ୍ମଣବାଦୀ ବ୍ୟବସ୍ଥା ବିରୋଧରେ ଶୂଦ୍ରମାନଙ୍କୁ ଉତଥାନ କରିବା ଲାଗି ପ୍ରୟାସ କରିଥିଲେ। ଘାସିଦାସ ଛତିଶଗଡ଼ ସାରା ଘୂରି ଲୋକଙ୍କୁ ସଚେତନ କରାଇଥିଲେ। ଶୋଷିତ ଦଳିତଙ୍କୁ ସାମାଜିକ ମର୍ଯ୍ୟାଦା ଦେବା ଲାଗି ସେ ପ୍ରୟାସ କରିଥିଲେ। ତାଙ୍କର ମତାଦର୍ଶର ପ୍ରତିଫଳନ ଘଟିଥିଲା ୧୬୭୨ ମସିହାରେ। ସେହିବର୍ଷ ଭାରତୀୟ ଇତିହାସରେ ପ୍ରଥମ ଦଳିତ ବିପ୍ଳବ ହରିଆଣାର ନାର୍ଣ୍ଣାଉଲରେ ସଂଗଠିତ ହୋଇଥିଲା। ଘାସିଦାସପନ୍ଥୀ ଜାତିବାଦୀ, ପେଶୱା ମରାଠା ପ୍ରମୁଖଙ୍କ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲେ। ତେବେ ଶେଷରେ ମୋଗଲ- ବଣିଆ ଶୋଷଣ ଓ ମରାଠାଙ୍କ ଜାତିବାଦୀ ବ୍ୟବସ୍ଥା ବିରୋଧରେ ସେମାନେ ସଫଳ ହୋଇଥିଲେ।

ଜାତିବାଦ ବିରୋଧରେ ଲଢ଼ିଥିଲେ ସମାଜ ସଂସ୍କାରକ ମହାତ୍ମା ଫୁଲେ ଓ ପତ୍ନୀ ସାବିତ୍ରୀବାଇ। ସେମାନେ ତାତ୍ତ୍ୱିକ ଦୃଷ୍ଟିରୁ ଏହି ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ଶିକ୍ଷା ଜରିଆରେ ସାମାଜିକ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ। ଦଳିତଙ୍କ ଉତ୍‌ଥାନ ଲାଗି ଫୁଲେ ସଂଗ୍ରାମ କରିବା ସହ ବ୍ରାହ୍ମଣବାଦୀ ବ୍ୟବସ୍ଥା ବିରୋଧରେ ଲଢ଼େଇ କରିଥିଲେ। ସାଂସ୍କୃତିକ ବିପ୍ଳବ ଜରିଆରେ ପରିବର୍ତ୍ତନ ସମ୍ଭବ ବୋଲି ସେ ଆହ୍ୱାନ ଦେଇଥିଲେ।

ଏହି ସଂଗ୍ରାମରେ ବି ଆସନ୍ତି ଜ୍ୟୋତି ଥାସ୍। ସେ ତାମିଲ, ସଂସ୍କୃତ, ପାଲି ଓ ଇଂରାଜୀରେ ଜ୍ଞାନ ଅର୍ଜନ କରିବା ସହ ଦଳିତ ଛାତ୍ର ଆନ୍ଦୋଳନରେ ନିଜକୁ ଉତ୍ସର୍ଗ କରିଥିଲେ। ସହରାଂଚଳ, ଗ୍ରାମାଂଚଳରେ ବାସ କରୁଥିବା ଦଳିତମାନଙ୍କୁ ଏକାଠି କରିବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ସେ ପ୍ରଚେଷ୍ଟା କରିଥିଲେ। ଦଳିତମାନଙ୍କୁ ସ୍ୱାଧୀନତା ଦେବା ଲାଗି ଲେଖା ଜରିଆରେ ଉଦ୍ୟମ କରିଥିବାବେଳେ ବୈପ୍ଳବିକ ପରିବର୍ତ୍ତନ ଲାଗି ଆଦର୍ଶଗତ ସଂଗ୍ରାମକୁ ସେ ଗୁରୁତ୍ୱ ଦେଉଥିଲେ।

ଦଳିତ ଉତ୍‌ଥାନ କ୍ଷେତ୍ରରେ ପ୍ରମୁଖ ଅବଦାନ ଦେଇଥିଲେ ବି.ଆର. ଆମ୍ବେଦକର। ଆଦର୍ଶଗତ ସଂଗ୍ରାମ, ସମ୍ବିଧାନ, ତାତ୍ତ୍ୱିକ ଲେଖା ଆଦି ଜରିଆରେ ସେ ଦଳିତ ମୁକ୍ତି ପ୍ରତି ଅବିସ୍ମରଣୀୟ କାର୍ଯ୍ୟ ସାଧନ କରିଥିଲେ। ସେ ବି ଧର୍ମକୁ ବିରୋଧ କରୁଥିଲେ।

ଭାରତୀୟ ଜନଜୀବନରେ ଜାତିବାଦ ଏକ ଆତ୍ମା ହୋଇରହିଯାଇଛି। ଏହା ଏତେ ଅସ୍ଥିମଜ୍ଜାଗତ ହୋଇଯାଇଛି ଯେ, ଏଥିରୁ ମୁକ୍ତି ପାଇବା ଭାରତୀୟଙ୍କ ଲାଗି ଅସମ୍ଭବ ବୋଧ ହୋଇଛି। ଯେପରି ଜୀବନ ପ୍ରତି ସ୍ୱତନ୍ତ୍ର ମୋହ ରହିଛି ସେହିପରି ଜାତି ପ୍ରତି ମଣିଷର ଏକ ସ୍ୱତନ୍ତ୍ର ପ୍ରୀତି ରହିଛି। ଜାତିବାଦ ଭିତରେ ଅର୍ଥନୈତିକ ଶୋଷଣ, ଦୂଷିତ ଚିନ୍ତାଧାରା, ସାମାଜିକ କୁସଂସ୍କାର, ଭାଷାଗତ କୁତ୍ସ ଭାବନା, ଅସ୍ପୃଶ୍ୟତା, ନାରକୀୟତା, ସାମ୍ପ୍ରଦାୟିକତା, ମୌଳବାଦ, ଅତୀନ୍ଦ୍ରିୟବାଦୀ ଚିନ୍ତାଧାରା, ଅନୈତିକତା ଆଦି ବସା ବାନ୍ଧି ରହିଛନ୍ତି। ହଜାର ହଜାର ବର୍ଷ ଧରି ଜାତିବାଦୀ ବ୍ୟବସ୍ଥାରେ ଏସବୁ ରହିବା ଯୋଗୁ ଏହା ଏକ ବଦ୍ଧମୂଳ ମାନସିକତାରେ ରହିଯାଇଛି। ଜାତିବାଦ ବିରୋଧରେ କମ୍ୟୁନିଷ୍ଟମାନେ ବିଶେଷ ସ୍ୱର ଉତ୍ତୋଳନ କରିବା କଥା। ପୁଣି ପ୍ରଗତିଶୀଳ ସାମାଜିକ ବ୍ୟବସ୍ଥାରେ ଜାତି, ଧର୍ମ, ବର୍ଣ୍ଣର ବିଲୋପ ଘଟାଇ ଏକ ନୂଆ ସମାଜ କଳ୍ପନା କରିବା କଥା। ମାତ୍ର ତାହା ଘଟିଲା ନାହିଁ। ଭାରତରେ କମ୍ୟୁନିଷ୍ଟ ଦଳର ପ୍ରସାର ପ୍ରାୟ ୧୯୨୦ ମସିହାରୁ ହୋଇଥିଲେ ହେଁ ଆଜିଯାଏ ସମାଜର ସଂସ୍କାର ହୋଇପାରିଲା ନାହିଁ। ଏପରିକି କମ୍ୟୁନିଷ୍ଟ ଶାସିତ ରାଜ୍ୟରେ ବି ଏହା ଘଟିଲା ନାହିଁ। ଖୋଦ୍ ପଶ୍ଚିମବଙ୍ଗରେ ବ୍ରାହ୍ମଣ, ବଣିଆ, କାୟସ୍ଥଙ୍କ ପ୍ରଭାବ ଖୋଦ୍ ସରକାର ଓ ସାମାଜିକ ବ୍ୟବସ୍ଥାରେ ରହିଆସିଛି। ଏପରିକି ବିଭିନ୍ନ କମ୍ୟୁନିଷ୍ଟ ଦଳରେ ବି ଉଚ୍ଚଜାତିର ପ୍ରାଧାନ୍ୟ ଦେଖିବାକୁ ମିଳୁଛି। ଭୋଟ ଲାଗି ବିଭିନ୍ନ ଦଳର ନିର୍ବାଚନୀ ଇସ୍ତାହାରରେ ଆଦିବାସୀଙ୍କ ଦାବି କଥା ଉପସ୍ଥାପନ କରାଯାଉଛି ମାତ୍ର ଜାତିବାଦ ବିରୋଧରେ ପଦୁଟିଏ କୁହାଯାଉନାହିଁ। (କ୍ରମଶଃ)

+ ଭୁବନେଶ୍ୱର
(ମୋ) ୯୪୩୭୧୬୪୭୬୪




## ।। ଆସ, ଫାତିମା ଭଉଣୀ ।।


ସର୍ଦ୍ଦାର ବଳଦେବ ସିଂହ
(ଜନ୍ମ : ୧୯୪୨)

ସରଦାର ବଳଦେବ୍ ସିଂହ ହିମାଚଳ ପ୍ରଦେଶରେ ପ୍ରଥମେ ଶିକ୍ଷକତା କରୁଥିଲେ । ପରେ କଲିକତା ଆସି ଟ୍ରକ୍‌ରେ ହେଲ୍‌ପର କାମ କରିବାସହ କ୍ରମେ ଟ୍ରକ୍ ଡ୍ରାଇଭର ବନିଯାଆନ୍ତି । ଦୀର୍ଘ ଦଶବର୍ଷ ସାରା ଦେଶରେ ଟ୍ରକ୍ ଚଳାଇ ଆହରଣ କରିଥିବା ଅନୁଭୂତିରୁ ଲେଖନ୍ତି ପଞ୍ଜାବୀ ଉପନ୍ୟାସ - 'ସଡ଼କ୍‌ନାମା' । ତାହା ପାଠକମହଲରେ ଏତେ ଲୋକପ୍ରିୟ ହୁଏ ଯେ ସେଇ 'ସଡ଼କ୍‌ନାମା' ହିଁ ବନିଯାଏ ଲେଖକଙ୍କ ଉପନାମ । ୨୦୧୧ ମସିହାରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଦ୍ୱାରା ପଞ୍ଜାବୀ ଉପନ୍ୟାସ ପାଇଁ ପୁରସ୍କୃତ ହୋଇଥିବା ଏଇ ଲେଖକ ନିଜ ମା'ଙ୍କ ସହିତ ଏକ ବ୍ୟକ୍ତିଗତ ଅନୁଭୂତିକୁ ଆଧାର କରି ଲେଖିଛନ୍ତି କ୍ଷୁଦ୍ରଗଳ୍ପ 'ଆସ, ଫାତିମା ଭଉଣୀ' ।

ଦୀପାବଳି ପୂର୍ବରୁ ପ୍ରତିବର୍ଷ ଭଳି ସେବର୍ଷ ବି ଘର ସଫା କାର୍ଯ୍ୟରେ ଲାଗିଥାନ୍ତି ବଳଦେବ୍ । ଅଦରକାରୀ ଜିନିଷଗୁଡ଼ିକୁ ଆଣି ବାହାର ଅଗଣାରେ କୁଢ଼େଇ ଦେଉଥାନ୍ତି । ଛୁଆମାନେ ବି ତାଙ୍କୁ ସହଯୋଗ କରୁଥାନ୍ତି ଏଇ ସଫେଇ ଅଭିଯାନରେ । ପୁରୁଣା ଜୋତା, ଖାଲି ବୋତଲ, ପଢ଼ା ସରିଥିବା ପିଲାଙ୍କ ବହିଖାତା, ଭଙ୍ଗା ଖେଳଣା, ପୁରୁଣା ସାଇକେଲ ଟାୟାର ଇତ୍ୟାଦିକୁ ପିଲାଏ ଖୁସି ମନରେ ଘୋଷାଡ଼ି ଘୋଷାଡ଼ି ଆଣୁଥାନ୍ତି ବାହାରକୁ ଅଗଣାରେ ଗଦା କରିବା ପାଇଁ । କୌଣସି ଖେଳଠାରୁ ବି ଏହା ଅଧିକ ମଜାଦାର ଲାଗୁଥାଏ ତାଙ୍କୁ । ଷ୍ଟୋରରୁମ୍‌ରେ ବେବେ (ମା') କେତେ ଅଦରକାରୀ ଜିନିଷ ସାଇତି ରଖିଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଉଥାନ୍ତି ସେ । ସବୁବେଳେ ତାଙ୍କର ସେଇ ଗୋଟିଏ କଥା, "ଥାଉ ତ, କେତେବେଳେ କୋଉ ଜାଗାରେ ଦରକାର ପଡ଼ିପାରେ ।" ଆଜି ବେବେ ବୋଧେ କୋଉ ପଡ଼ିଶା ଘରକୁ ଯାଇଥାନ୍ତି । ସେ ଥିଲେ ଏମାନଙ୍କ ଏସବୁ କାଣ୍ଡ ଦେଖି ଭୀଷଣ ବିରକ୍ତ ହୋଇଥାନ୍ତେ । ଗୋଟେ ଗୋଟେ ଜିନିଷକୁ ହାତରେ ଉଠାଇ ସମସ୍ତଙ୍କୁ ଦେଖାଇ ପଚାରିଥାନ୍ତେ, "ତୁମେ ଏସବୁ ଫିଙ୍ଗୁଛ କାହିଁକିରେ ? ଏ ଜୋତା ତ ଭଲ ଅବସ୍ଥାରେ ଅଛି । ଏ ବୋତଲ ତ ବ୍ୟବହାର କରାଯାଇ ପାରିବ । କେହି ତା' ଛୁଆଙ୍କ ପୁରୁଣା ଖେଳଣା କେବେ ଫିଙ୍ଗିବାର ଦେଖିଛ ? କେବଳ ଭାଗ୍ୟବାନ ଲୋକଙ୍କ ପାଖରେ ଏଭଳି ଜିନିଷ ଥାଏ ।" ପତ୍ନୀ କିଛି ଶୁଖିଲା ରୁଟି ରୋଷେଇଘରୁ ଆଣି ସେଇ ଗଦା ଉପରେ ଅଜାଡ଼ି ଦିଅନ୍ତି । ବେବେଙ୍କ ଉଈଖିଆ ଚରଖାଟି ଆଣି ସେଇଠି ରଖିଦିଅନ୍ତି ବଳଦେବ୍ । ୨୦/୨୫ ବର୍ଷ ହେଲା ସେମିତି ପଡ଼ିରହିଛି । ବେବେ ଏଇଟାକୁ ଆଉ ଚଳାଉ ନାହାନ୍ତି । ହଁ କେବେ କେମିତି ପିନ୍ଧା ଲୁଗା କାନିରେ ତାକୁ ପୋଛି ତା' ସହିତ ଚୁପି ଚୁପି କଥା ହେଉଥିବା ଯାହା ଦେଖିଛନ୍ତି ସିଏ । ତା'ର ସବୁ କଳ କବ୍‌ଜା ହୁଗୁଳା ହୋଇଗଲାଣି ରହି ରହି। ବେବେ ଆସିବା ପୂର୍ବରୁ କବାଡ଼ିବାଲା ଏସବୁ ଆସି ନେଇଯାଆନ୍ତା କି ? ହେଲେ ସେ ଯାହା ଭୟ କରୁଥିଲେ ତାହାହିଁ ହୁଏ । ବାଡ଼ି ଠୁକେଇ ଠୁକେଇ ବେବେ ଆସି ପହଞ୍ଚିଯାଆନ୍ତି । ଆଶ୍ଚର୍ଯ୍ୟ ହୋଇ ପଚାରନ୍ତି, "ଏସବୁ କ'ଣ ବେଟା ? ଏହାକୁ କାହିଁକି ବାହାରକୁ ଆଣିଛୁ ? ଯା'କୁ ବି କ'ଣ ଫିଙ୍ଗିଦେବୁ ?" ଅଳିଆଗଦା ଉପରେ ଚରଖାଟି ମୁହଁମାଡ଼ି ଅସହାୟ ଅବସ୍ଥାରେ ପଡ଼ିଥିବା ଦେଖି ଆଖି ଓଦା ହୋଇଯାଏ ତାଙ୍କର । ତାଙ୍କ ଏଭଳି କର୍ମରୁ ବେବେ ଭୀଷଣ ଆଘାତ ପାଇଛନ୍ତି ବୋଲି ଜାଣି ଲଜ୍ଜାବୋଧ କରିବା ପରିବର୍ତ୍ତେ ବଳଦେବ୍ ପଚାରନ୍ତି, "ଏବେ ତୁ ଏଥିରେ କ'ଣ ଆଉ କରିବୁ ବେବେ ? ଭଙ୍ଗା ଚରଖାଟା, କିଏ ଆଉ ସୂତା କାଟୁଛି ଆଜିକାଲି ?" ଏଭଳି ପ୍ରଶ୍ନ ଶୁଣି ଆଉ ଟିକିଏ ଉଦାସ ହୋଇ ବେବେ କହନ୍ତି, "କାମରେ ଆସୁନି ବୋଲି କ'ଣ ତାକୁ ଆମେ ଫୋପାଡ଼ି ଦେବା ? ମୁଁ ବିତ ପ୍ରାୟ ଦଶବର୍ଷ ହେଲା କିଛି କରିପାରୁନି । ତେବେ ମୋତେ ତ କାହିଁ ଫିଙ୍ଗି ଦେଇନୁ ତୁ ?" ଅକାଟ୍ୟ ଯୁକ୍ତିରେ ବଳଦେବ୍ ଚୁପ୍ ହୋଇଯାଆନ୍ତି । "ତୁ ଯା' ବିଷୟରେ କ'ଣ ଜାଣିଛୁ ? ଏହା ମୋ ପାଖରେ ଫାତିମାର ସନ୍ତକ । ମୁଁ ବଞ୍ଚିଥିଲା ପର୍ଯ୍ୟନ୍ତ ଯା'କୁ କୁଆଡ଼େ ଯିବାକୁ ଦେବିନି । ମୁଁ ମଲାପରେ ତୁ ଯାହା କରିପାରୁ ।" ଏତକ କହି ସେ ଚରଖାଟିକୁ ଅଳିଆଗଦା ଭିତରୁ ଟାଣି ବାହାର କରନ୍ତି ଘରଭିତରକୁ ନେବାପାଇଁ । କ'ଣ ଗୁଣୁଗୁଣଉଥାନ୍ତି, ସତେ ଯେମିତି ସେ ଚରଖାଟି ସହ କଥା ହେଉଛନ୍ତି । ଚରଖା ଓ ବେବେଙ୍କ ଆଡ଼କୁ ଚାହିଁଥାନ୍ତି ବଳଦେବ୍ । ତାକୁଡ଼ିଟି ବଙ୍କା ହୋଇଯାଇଛି । ଯେଉଁ ଫିତା ସେଇ ତାକୁଡ଼ି ଓ ଚକକୁ ବୁଲାଉଥିଲା ସେଇଟି କେବେଠୁଁ ଗାୟବ । ବେବେ ବି ସେଇଭଳି । ତାଙ୍କ ଆଣ୍ଠୁପୀଡ଼ା ଯୋଗୁଁ ଚାଲି ପାରନ୍ତିନି, ଦାନ୍ତ ନାହିଁ ଓ ଆଖି ବି ଦୁର୍ବଳ ହୋଇଆସିଲାଣି। "ତୁ ସେତେବେଳେ ଖୁବ୍ ସାନଟେ ଥିଲୁରେ ବାପ, ଏଇ ତିନି ଚାରି ବର୍ଷର ବୋଧେ ।" ବେବେ ସେଇ ଚରଖା ମାଧ୍ୟମରେ ପିଛିଲା ପଚାଶ ବର୍ଷର ଅତୀତକୁ ନିରେଖି ଦେଖୁଥାନ୍ତି । "ମୋର ପ୍ରତ୍ୟେକ କଥା ଟିକିନିଖି ମନେଅଛି । ସୂର୍ଯ୍ୟାସ୍ତ ବେଳକୁ ଫାତିମା କାନ୍ଦି କାନ୍ଦି ଆମ ଘରକୁ ଆସେ । ଦେଶ ସ୍ୱାଧୀନ ହେବା ତଥା ପାକିସ୍ତାନ ନିର୍ମାଣ ହେବା କଥା ସେ କୋଉଠୁ ଶୁଣିଥାଏ । ସେମାନଙ୍କୁ ସେଠାକୁ ଯିବାକୁ ପଡ଼ିବ ବୋଲି ତା' ଅବ୍‌ବା ଓ ଚାଚା ଜିନିଷପତ୍ର ବନ୍ଧାବନ୍ଧି କରୁଥାନ୍ତି । କାନ୍ଦି କାନ୍ଦି ଫାତିମା କହେ, ଭଉଣୀ, କେମିତି ଆମେ ଏଇ ଗାଁ, ଘର ତଥା ଦେଶ ଛାଡ଼ି ଯିବୁ କୁହତ ? ସେଇ ଦେଶରେ କେମିତିକିଆ ଲୋକ ରହୁଛନ୍ତି ତାହା ଆଲ୍ଲାଙ୍କୁ ଜଣାଥିବ । ମୁଁ ତ କେବେ ମାମୁଁଘରେ ଦୁଇଦିନ ରହିନାହିଁ । ତୁମ ବିନା ମୋତେ ଆଦୌ ଭଲ ଲାଗେନି । ଏବେ କେମିତି କରିବି ଯେ ?" ଏତେବର୍ଷ ପରେ ବି ସେଇକଥା ମନେପକାଇ କହିଲା ବେଳେ ବେବେଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇଯିବା କଥା ବଳଦେବ୍ ଲକ୍ଷ୍ୟ କରନ୍ତି । "ଲୁହ ଝରାଇବା ଛଡ଼ା ଆଉ କିଛି ବି ବାକି ନାହିଁ ମୋ ପାଇଁ । କାଲିକା ପରି ଲାଗୁଛି । ଗଲାବେଳେ ଏଇଟାକୁ ଆଉଁଶି ମୋତେ ଦେଇ କହିଥିଲା, କିଏ ଜାଣିଛି ଏଇ ଦେଶଗୁଡ଼ିକ ପୁଣି କେବେ ମିଶିବେ । ସେତେବେଳକୁ ମୁଁ ଫେରିବି ମୋ ଚରଖା ନେବାପାଇଁ ।"

କବାଡ଼ିବାଲା ଆସେ । ବେବେ ଚରଖାଟିକୁ କୁଣ୍ଢେଇ ଧରିଥାନ୍ତି ସତେ ଯେମିତି କେହି ତାଙ୍କଠାରୁ ସେଇଟିକୁ ଛଡ଼େଇ ନେଇଯାଉଛି । କବାଡ଼ିବାଲା ଲୁହା, ପ୍ଲାଷ୍ଟିକ୍, କାଚ ଇତ୍ୟାଦିକୁ ଅଲଗା ଅଲଗା ନିକିତିରେ ଓଜନ କଲାବେଳେ ସେ ବସି ଖୁବ୍ ଯତ୍ନରେ ତାଙ୍କ ଚରଖାଟିକୁ ପୋଛୁଥାନ୍ତି । "ସେତେବେଳେ ଖୁବ୍ ହଣାକଟା ଲାଗିଥାଏ, ବେଟା । ଲୋକେ ପଶୁଠୁଁ ବି ଅଧିକ ହୀନ ହୋଇଯାଇଥାନ୍ତି । ବିଚରା ମୁସଲମାନମାନେ ଭୟଭୀତ ହୋଇ ତାଙ୍କ ଘରମାନଙ୍କରେ ଲୁଚି ରହିଥାନ୍ତି । ଆମ ଲୋକେ ତାଙ୍କ ଘର ଲୁଟ୍ କରିବା ସହ ସେଥିରେ ନିଆଁ ଲଗେଇ ଦେଉଥାନ୍ତି । ତାଙ୍କ ଗୃହପାଳିତ ପଶୁଙ୍କୁ ଘଉଡ଼େଇ ଆଣି ନିଜ ଖୁଆଡ଼ରେ ପୂରାଉଥାନ୍ତି । ବିଚରାମାନେ ଏସବୁର ପ୍ରତିବାଦ ସୁଦ୍ଧା କରି ପାରନ୍ତିନି । ଯେଉଁମାନଙ୍କ ଉପରେ ତାଙ୍କର ଅଖଣ୍ଡ ବିଶ୍ୱାସ ଥିଲା ସେଇମାନେ ହିଁ ସାଜିଥିଲେ ଲୁଟେରା । ସୀମାରେଖା ସେପଟେ ହିନ୍ଦୁମାନଙ୍କ ସହିତ ମୁସଲମାନମାନେ ଠିକ୍ ସେଇମିତି ବ୍ୟବହାର କରୁଥିଲେ ପରା । ପଶୁତ୍ୱ ମଣିଷଠାରେ ହିଁ ଛପି ରହିଛି । କେବଳ ଶିଙ୍ଘ ଦୁଇଟି ଯାହା ଅଦୃଶ୍ୟ ।" ବେବେଙ୍କ ମୁହଁକୁ ଚାହିଁଲେ ଜଣା ପଡୁଥିଲା ଯେମିତି ସେ ୧୯୪୭ ମସିହା ବିଭାଜନ ବେଳର ଜଳୁଥିବା ଘରଗୁଡ଼ିକୁ ଏବେ ବି ନିଜ ଆଖି ସାମ୍ନାରେ ଦେଖୁଛନ୍ତି । କବାଡ଼ିବାଲା ଠୁଁ ପଇସା ଆଣି ବଳଦେବ୍ ବେବେଙ୍କ ଆଡ଼କୁ ବଢ଼ାଇ ଦେବାରୁ ସେ ନେବାକୁ ମନାକରି କହନ୍ତି, "ବେଟା, ମୋର ପଇସା କ'ଣ ହେବ ? ହେଲେ ଏଇ ଚରଖାଟିକୁ କେବେ ଫିଙ୍ଗିବୁନି । ଫାତିମା ଏବେ କୋଉଠି ଥିବ କେଜାଣି ! ତାକୁ ନିଜ ଭଉଣୀଠୁଁ ଅଧିକ ସ୍ନେହ କରୁଥିଲି । ସେ ନିଶ୍ଚୟ ଭାବୁଥିବ ତା' ଚରଖାଟି ମୋ ପାଖରେ ସୁରକ୍ଷିତ ଅଛି ବୋଲି । ଦେଶ ବିଭାଜିତ ହୋଇଥାଇ ପାରେ ହେଲେ ଆମ ସ୍ନେହ କେବେ ଭାଗ ହେବନି । ମୁଁ କାଲି ରାତିରେ ତାକୁ ସ୍ୱପ୍ନରେ ଦେଖିଥିଲି ପରା ।" ମଧ୍ୟରାତ୍ରିରେ ଦେଶ ସ୍ୱାଧୀନ ହେବା ବିଷୟରେ ଗୁଡ଼ାଏ ବହି ପଢ଼ିଥିଲେ ବଳଦେବ୍ । ହେଲେ ବେବେ ତ ପ୍ରତ୍ୟକ୍ଷ କରିଛନ୍ତି ସେଇ ସମୟର ନିଷ୍ଠୁର ବାସ୍ତବତାକୁ । ଆପଣା ଭୁଲ ବୁଝିପାରି ବଳଦେବ୍ ଚରଖାଟିକୁ ଉଠାଇ ଘର ଭିତରକୁ ନେଇଯାଆନ୍ତି ।

ଘଟଣାର କିଛିଦିନ ଉତ୍ତାରୁ ଘରଗୁଡ଼ିକୁ ରଙ୍ଗ କରିବାକୁ ଲୋକ ଆସନ୍ତି । କାନ୍ଥଗୁଡ଼ିକ ପରେ ଘରର ଝରକା କବାଟରେ ରଙ୍ଗ ଦେବା ଆରମ୍ଭ ହୁଏ । ଦିନେ ଘରକୁ ଫେରିଲା ବେଳେ ବଳଦେବ୍ ଦେଖନ୍ତି ସେଇ ଲୋକଙ୍କ ଭିତରୁ ଜଣେ ଚରଖାରେ ବାଲି କାଗଜ ଘଷି ରଙ୍ଗ ଦେବାରେ ଲାଗିଛି । ପାଖରେ ବେବେ ବସି ତା'ଆଡ଼କୁ ଚାହିଁରହିଛନ୍ତି ଅପଲକ ନେତ୍ରରେ । ପୁଅକୁ ଘର ଭିତରକୁ ପଶିଆସୁଥିବା ଦେଖି ବେବେ ଅପ୍ରସ୍ତୁତ ହୋଇଯାଆନ୍ତି । ତାଙ୍କ ମୁହଁର ଖୁସି ଟିକକ ହଠାତ୍ ଉଭେଇଯାଏ। ଅଯଥା ରଙ୍ଗ ତଥା ମଜୁରୀ ଖର୍ଚ୍ଚ ହେଉଛି ବୋଲି ପୁଅ କାଳେ ରାଗିବ ବୋଲି ଭାବି ସେ କହନ୍ତି, "କିଛି ରଙ୍ଗ ବଳି ଯାଇଥିଲା ତ, ରହି ରହି ଶୁଖିବ କାହିଁକି ଭାବି ଏଇ ଚରଖାଟିରେ ଲଗାଇ ଦେବାକୁ କହିଛି ।" ସାଧାରଣ କଥାଟେ ବେବେ ବୁଝି ପାରୁନାହାନ୍ତି ଭାବି ସାମାନ୍ୟ ବିରକ୍ତ ଅବସ୍ଥାରେ ବଳଦେବ୍‌ଙ୍କ ପାଟିରୁ ବାହାରିପଡ଼େ, "ଏଇଟା କ'ଣ ହେବ କହତ ? ତୁ ଆଉ କ'ଣ ଯା'କୁ ବ୍ୟବହାର କରି ପାରିବୁ ? ଏମାନଙ୍କ ସମୟ ଯାହା ନଷ୍ଟ କରୁଛୁ ।" ବେବେ କରୁଣ କଣ୍ଠରେ କହୁଥାନ୍ତି, "ଅଧଘଣ୍ଟାର କଥାରେ ବାପା ! ଦେଖ୍ ତ କେତେ ସୁନ୍ଦର ଦେଖାଯାଉଛି । ଯେମିତି ଫାତିମା ଏବେ ଏବେ ମୋତେ ଏଇଟା ଦେଇଛି ।" ବେବେଙ୍କ ମୁହଁ ପୁଣି ଉଜ୍ଜ୍ୱଳ ଦେଖାଯାଏ । ଲୋକଟି ତା'ପାଖରେ ଥିବା ସବୁ ରଙ୍ଗ ଆଣେ। ସେ ଭାରି ଖୁସି ଥାଏ । ବେବେ ତାକୁ କହୁଥାନ୍ତି ସେଇଟା ତାଙ୍କ ବାନ୍ଧବୀର ବୋଲି । ସିଏ ଆଜିକାଲି ପାକିସ୍ତାନରେ ରହୁଛି । ଅବଶ୍ୟ ଏବେ ବଞ୍ଚିଛି କି ନାହିଁ ତାହା କହିପାରିବେନି । "ତେବେ ମୁଁ ଯା'ପାଇଁ ପଇସା ନେବିନି ମାଆ" କାମ କରୁଥିବା ଲୋକଟି ବେବେଙ୍କ ଉଦାସ ମୁହଁକୁ ଚାହିଁ କୁହେ । ସେ ତା'ର ସମସ୍ତ କଳାକାରିଗରୀ ଦେଖାଇ ଚରଖାଟିକୁ ଖୁବ୍ ସୁନ୍ଦର ଭାବେ ପାଲିସ୍ କରି ରଙ୍ଗ କରିଦିଏ । ଶୁଖିବା ପାଇଁ ତାକୁ ନେଇ ଖରାରେ ରଖେ । ବେବେ ଦୂରରେ ବସି ତାଙ୍କ ଚରଖାଟିକୁ ଚାହିଁ ରହିଥାନ୍ତି । ପୁରୁଣା ତଥା ଅଚଳ ହୋଇଥିଲେ ବି ସେଇଟା ଏବେ ପୂରା ନୂଆ ଭଳି ଦେଖାଯାଉଥାଏ । ବୋହୂମାନେ ଉଭୟ ବେବେ ଓ ତାଙ୍କ ଚରଖାକୁ ନାକ ଟେକିବା ସହ ପରସ୍ପର ଭିତରେ ଠରାଠରି ହୋଇ ମୁରୁକି ମୁରୁକି ହସୁଥାନ୍ତି । ବେବେ ସବୁ ଜାଣିପାରୁଥିଲେ ବି କିଛି କହନ୍ତିନି । ଶାଶୁଙ୍କୁ ଶୁଣେଇବା ଉଦ୍ଦେଶ୍ୟରେ ସାନବୋହୂ ତା' ବଡ଼ଯାଆକୁ କହେ, "ଏଥର ବେବେ ସୂତା କାଟିବେ । ଆମ ଝିଅମାନଙ୍କ ବାହାଘର ବେଳେ ବେଡ଼ସିଟ୍ ତଥା ଦରୀ ଇତ୍ୟାଦି ପାଇଁ କୋଉ ଦୋକାନକୁ ନଯାଇ ବେବେଙ୍କୁ ହିଁ ଅର୍ଡର ଦେବା। ଘର ପଇସା ଘରେ ରହିଯିବ ।" ସମସ୍ତେ ପାଟିରେ ଲୁଗା ଚାପି ହସିଲା ବେଳେ ବେବେ ମୁହଁ ଛିଞ୍ଚାଡ଼ି ବିରକ୍ତି ପ୍ରକାଶ କରି କହନ୍ତି, "ତୁମେମାନେ କ'ଣ ବଡ଼ ବଡ଼ କଥା ହେଉଛ ଲୋ । ତୁମ ପେଟରେ ଯେତିକି ବୁଦ୍ଧି ଅଛି ତା'ଠୁଁ ଢେର ଅଧିକ ପରା ଅଛି ମୋ ନଖକୋଣରେ । ତୁମ ସମସ୍ତଙ୍କୁ ମୁଁ ଭଲକରି ଚିହ୍ନିଛି ।" ସାନବୋହୂ ହସି ହସି କହୁଥାଏ, "ଆପଣ ରାଗୁଛନ୍ତି କାହିଁକି ବେବେ ? ଆମେ ତ ଆପଣଙ୍କ ଏଇ ଚରଖା ବିଷୟରେ କଥା ହେଉଛୁ ଯାହାର ବୟସ ଆମ ସ୍ୱାଧୀନତା ପ୍ରାପ୍ତି ସହ ସମାନ।" ବେବେ ଆଉଟିକିଏ ଚିଡ଼ିଉଠି କହୁଥାନ୍ତି, "ଯା' ପଳା ଏଠୁ । କି ନିଆଁଟା ବୁଝିଛୁ ଲୋ ତୁ ସ୍ୱାଧୀନତାର ଅର୍ଥ। ଖାଲି ତଣ୍ଟିଯାଏ ଗେଫିଂ, ଗଣ୍ଡି ଗୋଲ କରିବା ଯାହା ଜାଣିଛୁ ।" ପରିସ୍ଥିତିକୁ ଆୟତ୍ତ କରିବା ଉଦ୍ଦେଶ୍ୟରେ ବଳଦେବ୍ ବୋହୂମାନଙ୍କୁ ଚୁପ୍ କରାଇ ନିଜ ନିଜ କାମରେ ମନ ଦେବାକୁ ନିର୍ଦ୍ଦେଶ ଦିଅନ୍ତି । ଘର ଭିତରକୁ ଯାଉ ଯାଉ ସାନ ଆଉ ଟିକିଏ ଚେଙ୍କିଦିଏ, "ହଉ ଦେଖିବା, ବେବେ ତାଙ୍କ ଚରଖାରେ କ'ଣ ସବୁ ବୁଣାବୁଣି କରୁଛନ୍ତି ।"

ଚରଖାର ରଙ୍ଗ ଶୁଖିଯିବାରୁ ତାକୁ କପଡ଼ା ଗୁଡ଼ାଇ ରଖିଦିଆଯାଏ । ଏଣେ ବୋହୂମାନେ କେତେବେଳେ କେମିତି ବେଳକାଳ ଦେଖି ଟୋପେ ଲେଖାଁ ଖେଞ୍ଚି ଦେଉଥାନ୍ତି । ଦିନେ ବୋହୂମାନଙ୍କ ଏଭଳି କଟାଳରେ ଖୁବ୍ ରାଗିଯାଇ ବେବେ ଚରଖା ଟପରୁ କପଡ଼ାଟିକୁ କାଢ଼ି ତାକୁ ବାରଣ୍ଡାକୁ ନେଇଆସନ୍ତି । ତା'ପାଖରେ ପଟି ପକାଇ ବସିଲାବେଳେ ଗୁଣୁଗୁଣୁ ହୋଇ କହୁଥାନ୍ତି, ଏଇ ମାଇପିଗୁଡ଼ା କ'ଣ ଟିକିଏ ଶାନ୍ତିରେ ବସେଇ ଦେଉଛନ୍ତି ? ଭିକାରିଟେ ଭିକ ମାଗିବାକୁ ଆସି ଦାଣ୍ଡ ଦୁଆରେ ଠିଆହେଲେ ବି ସାନ ଖେଞ୍ଚାମାରି କହୁଛି ସିଏ ପରା ଚରଖା ଘୂରିବାର ଶବ୍ଦ ଶୁଣି ଆସିଛି ବୋଲି । ହୁଁ.... ଆଜି ସମସ୍ତଙ୍କୁ ଦେଖେଇ ଦେବି ମୁଁ କେମିତିକା ଯେ ।" ସାନ ପୁଣି କଟାଳ କରେ, "ଆପଣ କେମିତି ସୂତା କାଟିବେ ବେବେ ? ଆପଣଙ୍କ ଭଳି ଏଇ ଚରଖାଟି ବି ତ ଧତଡ଼ା ହୋଇଗଲାଣି ।" ସୂତାକଟା ଏକ କଳା । ତୁ କ'ଣ ଜାଣିବୁ ସେସବୁ ? ବେବେ ସହଜରେ ହାର ମାନିବା ଲୋକ ନୁହଁନ୍ତି। ଦୃଢ଼ତା ତାଙ୍କ ମୁହଁରେ ଝଲସୁଥାଏ । ତାଙ୍କର ସେଇ ବିଷୟରେ ବହୁବର୍ଷର ଅଭିଜ୍ଞତା ଅଛି। ସେ ତାଙ୍କ ବାନ୍ଧବୀଙ୍କ ଚରଖାକୁ ନେଇ ଗର୍ବ କରନ୍ତି । ବେବେ ଗୋଟିଏ ଛୋଟ ଷ୍ଟୁଲ ଉପରେ ବସି ପ୍ରଥମେ ଚରଖାର ପ୍ରତି ଯୋଡ଼ରେ ତେଲ ଠୋପେ ଠୋପେ ଦିଅନ୍ତି । ସେଥିରେ ନୂଆଁ ଫିତାଟେ ଲଗାନ୍ତି । ବଙ୍କା ହୋଇଯାଇଥିବା ତାକୁଡ଼ିକୁ ସିଧା କରନ୍ତି ଖୁବ୍ ଯତ୍ନରେ । ଫିତା ଲଗାଇ ଅଳ୍ପ ଚାପ ଦେଇ ଘୂରାଇ ଦେବାରୁ ତାକୁଡ଼ିଟି ସିଧା ହୋଇଯାଏ । କୋଉ ଅମଳରୁ ପେଡ଼ିରେ ସାଇତି ରଖିଥିବା ତୁଳା ମୁଣ୍ଢେ ବାହାର କରି ଆଣନ୍ତି । ବୋହୂମାନେ ହସୁଥିବା ବେଳେ ବେବେ କିନ୍ତୁ ଦେଖାଯାଉଥାନ୍ତି ଭାରି ଗମ୍ଭୀର । ପରୀକ୍ଷା କରିବା ଉଦ୍ଦେଶ୍ୟରେ ପ୍ରଥମେ ଚରଖାକୁ ଘୂରାନ୍ତି । ସାମାନ୍ୟ ପ୍ରଚେଷ୍ଟା ପରେ ଠିକ୍ ଢଙ୍ଗରେ ବୁଲିବାରୁ ଅଳ୍ପ ତୁଳା ଗୋଟେ ହାତରେ ଧରି କାର୍ଯ୍ୟାରମ୍ଭ ପୂର୍ବରୁ ଦଣ୍ଡେ ଆଖିବୁଜି ଧ୍ୟାନ କରିବା ସହ ଧୀର କଣ୍ଠରେ "ଆସ, ଫାତିମା ଭଉଣୀ, ଦୁହେଁ ମିଶି ସୂତା କାଟିବା" କହି ବେବେ ଚରଖାଟିକୁ ବୁଲାଇ ବାଁ ହାତକୁ ପଛପଟୁ ଆଣି ଆସ୍ତେ କରି ଛୁଆଁଇ ଦେବାରୁ ଗୋଟେ ଲମ୍ବା ପତଳା ସୂତା ଲମ୍ବି ଯାଉଥିବାର ସମସ୍ତଙ୍କର ଦୃଷ୍ଟିଗୋଚର ହୁଏ । ବୋହୂମାନେ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମେଲା ପାଟିକୁ ହାତରେ ଘୋଡ଼ାଉଥିବା ବେଳେ ବେବେ କୁଆଡ଼କୁ ନଚାହିଁ ଏକଲୟରେ ସୂତା କାଟି ଚାଲିଥାନ୍ତି । ଆଖିରୁ ତାଙ୍କ ଝରି ପଡୁଥାଏ ଧାର ଧାର ଲୁହ । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୧ ନଭେମ୍ବର, ୨୦୨୦

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ଆଉଜା କବାଟ (୯୧)



# ନିଜକୁ କଚରା ମନେକରି

## ଡ. ରାଧାରଂଜନ ପଟ୍ଟନାୟକ

**ମୋର** ଜଣେ ସହକର୍ମୀଙ୍କ ଏକାଦଶ ଶ୍ରେଣୀରେ ପଢୁଥିବା ଝିଅ ଅଚାନକ ମୋ ପାଖକୁ ଆସି କହିଲା, ସାର୍, କଚରା ଉପରେ ଓଡ଼ିଆରେ ଗୋଟିଏ ନିବନ୍ଧ ଲେଖିଦିଅନ୍ତୁ, ତିନିଦିନ ପରେ ମୋର ପରୀକ୍ଷା ହେବ। ସ୍କୁଲର ମ୍ୟାଡ଼ାମ ମୋତେ ହଠାତ୍ କହିଲେ ଏଇଥର ସଫାଇ ଅଭିଯାନ ପୂରା ଦେଶରେ ଖୁବ୍ ଜୋର୍‌ସୋର୍ ଚାଲୁଛି। ଏମିତିରେ ବି ହୋଲି, ଦିପାବଳୀ, ପରିବେଶ ଉପରେ ପ୍ରବନ୍ଧ ମନେ ରଖିଦେଇଛି। ଯଦି କଚରା ଉପରେ ପ୍ରବନ୍ଧ ଆସିବ, ତେବେ ଫଶିଯିବି।

ଏକାଦଶ ଶ୍ରେଣୀର ଏହି ମେଧାବୀ ଚାଲାକ୍ ଛାତ୍ରୀର ବୁଦ୍ଧି ସାମ୍ନାରେ ମୁଁ ଆତ୍ମ ସମର୍ପଣ କରିଦେଲି। ଛାତ୍ରୀଟି କହିଲା ସାର୍, ମୋର ଏହି ପ୍ରବନ୍ଧଟି ଲେଖି ନଦେଲେ ଖୁବ୍ ହଇରାଣ ହୋଇଯିବି। ଛାତ୍ରୀଟିର କଥା ଶୁଣି ମନକୁ ମୋର ଅନେକ ଗୁଡ଼ିଏ ଭାବନା ଆସିଲା। ଆଜିକାଲି ଅଧ୍ୟାପକ ଅଧ୍ୟାପିକାମାନେ ଖାତାକୁ ତ ଠିକ୍ ଭାବେ ଦେଖୁନାହାନ୍ତି। କେବଳ ପେଜ୍ ଗଣି ମାର୍କ ଦେବାରେ ଲାଗିଛନ୍ତି। ତେଣୁ ପ୍ରତିଭାଧାରୀ ଛାତ୍ରଛାତ୍ରୀଙ୍କର ଉଚିତ ମୂଲ୍ୟ ନିରୂପଣ ହୋଇପାରୁ ନାହିଁ। ବିଶ୍ୱବିଦ୍ୟାଳୟରେ ମଧ୍ୟ ପି.ଏଚ୍.ଡ଼ି. ଡିଗ୍ରୀଧାରୀଙ୍କ ଅବସ୍ଥା ତଦନୁରୂପ। ଯେଉଁମାନେ ଅର୍ଥଶ୍ରାଦ୍ଧ କଲେ, ତେଲ ମାଲିସ୍ କଲେ, ସେଇମାନେହିଁ ଖୁବ୍ ଜଲ୍‌ଦି ଏହି ଡିଗ୍ରୀ ହାତେଇ ନେଉଛନ୍ତି। ମାତ୍ର ପ୍ରକୃତ ରିସର୍ଚ୍ଚ କରୁଥିବା ଛାତ୍ର ଏଥିରୁ ବଞ୍ଚିତ ହେଉଛନ୍ତି। ଆଜିକାଲି ସରସ୍ୱତୀ ପୁତ୍ର ହୋଇ ଜ୍ଞାନପିପାସୁ ବୁଦ୍ଧିଜୀବୀ ହେବାପାଇଁ କେହି ଚାହାନ୍ତି ନାହିଁ। ଆଜିକାଲି ଜ୍ଞାନରେ ଅନ୍ୱେଷଣ କରିବା ମୂର୍ଖତା ହୋଇଗଲାଣି। ରାହୁଳ ସାଂସ୍କୃତ୍ୟାୟନ ଜ୍ଞାନପିପାସୁର ଏମିତି ହିରୋ ଥିଲେ, ତିବ୍ବତରୁ ଖଚର ପିଠିରେ ପୋଥି ଲଦି ଭାରତ ଆଣିଲେ, ମାତ୍ର ଅବସୋସ, ଆଜି ପର୍ଯ୍ୟନ୍ତ ଅର୍ଥ ବାହାର କରିବା ପାଇଁ ସମୟ ମିଳିଲା ନାହିଁ। ଜ୍ଞାନ ମାମଲାରେ ବି ସଭିଏଁ ଅଳସୁଆ ହୋଇଗଲେ।

ସର୍ଟକଟ୍‌ରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସଭିଏଁ ବ୍ୟାକୁଳ। ମାତ୍ର ମୁଁ ତ ସେମିତି ତୋପଚାନ୍ଦ, ବନ୍ଧୁକ ଚାନ୍ଦ, ତୋପ ମୋହନ, ତୋପନାଥ ବି ନୁହେଁ ଯେ ଖୁବ୍ ବଡ଼ ବଡ଼ କଳାତ୍ମକ ଶୈଳୀରେ ରଚନା ପ୍ରସ୍ତୁତ କରିପାରିବି। ମୁଁ ଜଣେ ସାଧାରଣ ଲେଖକ। ଏଥିପାଇଁ ମୁଁ ଏମିତି ଲେଖିବା ଆରମ୍ଭ କଲି।

ମୁଁ କଚରା ଅଟେ। ଘୃଣାସ୍ପଦ ରସରେ ଭରିଛି। ପୁଣିବି ସିକନ୍ଦରଠାରୁ ଖୁବ୍ ମହାନ୍। ମୋର ସାମ୍ରାଜ୍ୟର ଚାରିଦିଗରେ ମୁଁ ବିଛାଡ଼ି ହୋଇପଡ଼େ। ଚୀନର ପ୍ରାଚେରୀରୁ ମାଳ ଅଞ୍ଚଳ, ନେପାଳ, ଶ୍ରୀଲଙ୍କା, ପ୍ୟାରିସର ଏଫିଲ୍ ଟାୱାରରୁ ଆମେରିକାର ହ୍ୱାଇଟ୍ ହାଉସ୍, ଟୋକିଓରୁ କାନାଡ଼ା, ସ୍ୱିଜରଲାଣ୍ଡ ପର୍ଯ୍ୟନ୍ତ ଏବଂ ଭାରତରେ କନ୍ୟାକୁମାରୀରୁ ମହାନଦୀର କଚ୍ଛାର ପର୍ଯ୍ୟନ୍ତ ବିକ୍ଷିପ୍ତ ଭାବରେ ପଡ଼ିଛି। ଏତିକି ବି ନୁହେଁ, ଇରାକ୍, ଇରାନ ପରି ସମସ୍ତ ଆରବ ଦେଶରେ ମୁଁ ମୋର ବରାବର ହକ୍ ରଖିଛି। ଦୂର ଦୂର ପର୍ଯ୍ୟନ୍ତ ମୋର ସାମ୍ରାଜ୍ୟ ବ୍ୟାପ୍ତ। ହିମାଳୟର କୋଳରୁ ଆଣ୍ଟାର୍କଟିକା ପର୍ଯ୍ୟନ୍ତ ବିଛାଇ ହୋଇପଡ଼ିଛି। ମଂଗଳ ଗ୍ରହରେ ମୋର ଶୀଘ୍ର ପବେଶ ହେବ। କାରଣ ଯିଏ ପହଞ୍ଚିବ, କଚରା ଛାଡ଼ି ହିଁ ପ୍ରତ୍ୟାବର୍ତ୍ତନ କରିବ। ଏଭଳି ସିକନ୍ଦରର ବ୍ୟକ୍ତିତ୍ୱ ଏବଂ ସାମ୍ରାଜ୍ୟ ମୋ ସାମ୍ନାରେ ପ୍ରତିଷ୍ଠା ହୋଇଛି। ଏଥିପାଇଁ ସିକନ୍ଦର ଠାରୁ ଅଧିକ ମହାନ୍ ମୁଁ। ବାସ୍ତବରେ ଏଠି, ସେଠି ସବୁଠି ମୋର ଅଧିକାର। ଏଥିପାଇଁ ମୁଁ ବି ଈଶ୍ୱର।

ହିନ୍ଦୁ, ମୁସଲମାନ, ଈଶାଇ, ପାର୍ଶୀ, ବୌଦ୍ଧ, ଶିଖ୍, ଦଳିତ, ମହାଜନ, ବ୍ରାହ୍ମଣ, ଅମୀର, ଗରିବ, ଅନ୍ଧ, ଛୋଟା, ସନ୍ଥ, ଚୋର, ସିପାହୀ ଆଦି ସମସ୍ତଙ୍କ ଘରେ ମୋର ବାସସ୍ଥାନ। ଆଜି ଅବସ୍ଥା ଏମିତି ଯେ କଚରା ବିନା ସବୁ ଶୂନ। ଅର୍ଥାତ୍ ସମସ୍ତ ଘରେ ମୋର ଅସ୍ତିତ୍ୱ କାଏମ୍ ଅଛି। ବାସ୍ତବରେ ସମ୍ବିଧାନରେ ଯେଉଁ ଧର୍ମନିରପେକ୍ଷତାର କଥା କୁହାଯାଉଛି, ତା'ଠାରୁ ଉର୍ଦ୍ଧ୍ୱରେ ମୁଁ ଠିଆହୋଇଛି। ଏଥିପାଇଁ ମୁଁ ପ୍ରିୟ ଧର୍ମନିରପେକ୍ଷ ଅଟେ।

ପ୍ରତ୍ୟେକ ଜାତିବର୍ଗରେ ଦୁଧ ସହିତ ପାଣି ପରି ମୁଁ ମିଶି ରହିଛି। ମୁଁ ଜାତିଭେଦ ଏବଂ ରଂଗ ଭେଦର ଘୋର ବିରୋଧୀ। ଭ୍ରଷ୍ଟାଚାରର ଜନକ ନେତାମାନଙ୍କ ଘରେ, କୁବେର ପତି, ହିରୋଇନ୍ ଏବଂ ଭିଲିଏନ୍ ଭୂମିକାରେ ଅଭିନୟ କରିବା ବାଲା ଘରେ ମଧ୍ୟ ମୋର ନିବାସ। ମୋତେ ପ୍ରେମ କରିବା ପରେ ମୁକ୍ତି ମିଳେ। ମୋ ପ୍ରେମରେ ପଡ଼ି ମୋତେ ନିଷ୍କାସିତ କରି ସଭିଏଁ ଆନନ୍ଦ ଅନୁଭବ କରନ୍ତି। ମାତ୍ର ପୁଣି ଅନ୍ୟ ଦିଗରେ ମଧ୍ୟ ସମସ୍ତଙ୍କ ନଜରକୁ ଆସିଥାଏ। ପ୍ରାକୃତିକ ବିପଦ, ଭୂମିକମ୍ପ, ନଈବଢ଼ି ସମୟରେ ମୋର ସ୍ୱଭାବ ଖୁବ୍ ବୃଦ୍ଧି ପାଇଥାଏ। ସତ କହିଲେ ବିଶ୍ୱ ସୁନ୍ଦରୀ ପରି ଅନେକ ପୁରସ୍କାର ପାଇବାର ହକ୍‌ଦାର ମୁଁ। କାଳ ଖଣ୍ଡରେ, ପ୍ରତ୍ୟେକ ମୌସମରେ ମୁଁ ଖୁବ୍ ସତେଜ ରହେ। କଚରା ତଳେ ଖୁବ୍ ସାରା ବଡ଼ ବଡ଼ ଅଟ୍ଟାଳିକା ବି ଅଦୃଶ୍ୟ ହୋଇଯାଏ। ମୋର ଯେପରି ଅସ୍ତିତ୍ୱ ସେପରି କାହାରି ପାଖରେ ନାହିଁ। ଏପିରିକି, କେଟ୍ରିନା କେଫ୍, କରୀନା ଖାନ୍, ଐଶ୍ୱର୍ଯ୍ୟାରାୟ, ହେମାମାଳିନୀ ଏବଂ ରେଖା ମିଶିଲେ ମଧ୍ୟ ମୁକାବିଲା କରିପାରିବେ ନାହିଁ।

ଲିଭ୍ ଇନ୍ ରିଲେସନ୍‌ସିପ୍ ଏବଂ କିସ୍ ଅଫ୍ ଲଭ୍‌ର ପ୍ରେମ ପାଗଳ ସମ୍ପର୍କର ଆଦର କରି ଖୁବ୍ କମ ପରିଶ୍ରମରେ କଚରାର ତାଜମହଲ ନିର୍ମାଣ କରି ପାରିବାର ହିମତ ଅଛି ମୋ ପାଖରେ। ମୋ ସଂସାରରେ ଯେବେ ପ୍ଲାଷ୍ଟିକ୍ ପ୍ରବେଶ କଲା, ସେବେଠାରୁ ମୁଁ ଏମିତି ମଜ୍‌ବୁତ୍ ହୋଇଗଲିଣି ଯେ, କେହି ମୋର ସମକକ୍ଷ ହୋଇପାରିବେ ନାହିଁ। ଏପରିକି ଯୁଗ ଯୁଗ ଧରି ଏହାକୁ କେହି ନଷ୍ଟ କରିପାରିବେ ନାହିଁ। ପ୍ଲାଷ୍ଟିକ୍‌ର ଏମିତି ସମ୍ମାନ ଅଛି ଯେ, ଅଗ୍ନିରେ ଜଳିବା ପରେ ବି ଅଧାମରା ହୋଇବି ତାର ଅସ୍ତିତ୍ୱ ବଜାୟ ରଖେ। ବାସ୍ତବରେ ମୁଁ ଅବିନଶ୍ୱର ଅଟେ। କେବେବି ନଷ୍ଟ ହୋଇନପାରେ।

ଭାରତର ପ୍ରତ୍ୟେକ ସହର, ଗଳି ସମ୍ମିଶ୍ରଣରେ ଦେଖ। ଏହାକୁ ମାପି ମାପି ଚାଲିବେତ ମହେଞ୍ଜୋଦାରୋ ପର୍ଯ୍ୟନ୍ତ ପହଞ୍ଚିଯିବେ। ଏମିତି ଗଜବ ମାୟାଜାଲ ଗଳିରେ ପାଇବେ। ଏହି ସବୁ ସ୍ଥାନରେ କଚରାର କୁଡ଼ ଏମିତି ଦୃଶ୍ୟ ହେବ, ଆପଣମାନେ ଦେଖି ଆଶ୍ଚର୍ଯ୍ୟ ହୋଇଯିବେ।

ଏବେ ପବନରେ ମୁଁ ଯିବାଆସିବା କରୁଛି। ମୁଁ କଚରାର ଧୂଳି ହୋଇ ଅନାୟାସରେ ସବୁଠି ବିଚରଣ କରୁଛି। ରାସ୍ତାକଡରେ ପ୍ରସ୍ତୁତ ଫାଷ୍ଟଫୁଡ଼୍‌ରେ ତ ମୋର ଅବାଧ ପ୍ରବେଶ। ଏମିତି ଅବସ୍ଥା ପହଞ୍ଚିବ ମଣିଷ ନିଃଶ୍ୱାସ ନେଲେ ମରିବ, ନନେଲେ ବି ମରିବ। ଗାଡ଼ିର ଧୂଆଁ, ରାଇସ୍‌ମିଲ୍, କାରଖାନା ଚିମିନିର ଧୂଆଁରେ ବି ମୁଁ ସମାହିତ ହୋଇଅଛି। ସାରା ବାତାବରଣ ଏମିତି ବିଷାକ୍ତ ଯେ ଯବାନ୍ ମଣିଷବି ବୃଦ୍ଧ ଚେହେରା ଦେଖାଯିବ।

ଏମିତିରେ ମୋର ନାମ କଚରା। ଖୁବ୍ ଅସମ୍ମାନ ସୂଚକ ନାମ। ମାତ୍ର ରଂଗ ରୂପରେ ମୁଁ ଯଶସ୍ୱୀ। ପ୍ରତ୍ୟେକ ସହର, ଗାଁର ପୋଖରୀ, ନଦୀର ପାଣିର ରଂଗ ବଦରଂଗ କରିଦେଇଛି। ଏପରିକି ଗଂଗା, ଯମୁନା, କାବେରୀ ପରି ନଦୀ ନିଜ ନିଜର ମୋକ୍ଷ ପାଇଁ ଅଣନିଃଶ୍ୱାସୀ ହୋଇ ଜୀଇଁ ରହିଛନ୍ତି। ମୋ ମାଡ଼ରେ କେହି ବଞ୍ଚିପାରୁ ନାହାନ୍ତି।

ସଗୁଣଧାରୀ ହୁଅନ୍ତୁ ବା ନିର୍ଗୁଣଧାରୀ ହୁଅନ୍ତୁ, ଆସ୍ତିକ ହୁଅନ୍ତୁ ଅଥବା ନାସ୍ତିକ, ନିଜ ନିଜର ଈଶ୍ୱରଙ୍କୁ ପୂଜା କରିବା ପୂର୍ବରୁ ମୋର ଆରାଧନା କରିବା ଅନିବାର୍ଯ୍ୟ ହୁଏ। ପୂଜନଧର୍ମ ନିର୍ବାଧ ଗତିରେ ଚାଲେ। କାରଣ ଅନ୍ୟ ଦିନ କଚରା ହୋଇ ପୁଣି ଆସେ। ମୋର ଆରାଧନା ପ୍ରତିଦିନ କରିବା ଜରୁରୀ ଏବଂ ମଜବୁରୀ ବି।

ମର ଶରୀରକୁ ଜଳାଯାଏ। ସେଠାରେବି ପାଉଁଶ ରୂପରେ କଚରା ହୋଇଯାଏ। କାରଣ କଚରା ବୋଲି ଭାବି ସମସ୍ତ କ୍ରିୟା ଚାଲେ। ବିକାଶର ଏକ ବୀରଯୋଦ୍ଧା ରାଜନୀତିର 'ଆକା' ଦିଲ୍ଲୀର ମୋ ବିରୁଦ୍ଧରେ ସଫାଇ ଅଭିଯାନ ଚଳାଇ ଯୁଦ୍ଧ ଘୋଷଣା କରିଦେଲା। କଚରାକୁ ଏକାଠି କରି ଅନ୍ୟ ଗୋଟିଏ ଖାଲି ଜାଗାରେ ଭର୍ତ୍ତି କରାଗଲା। ଯାହାକୁ ଇଂରାଜୀରେ ଡମ୍ପ କରିବା କୁହାଯାଏ। ମୁଁ ସ୍ଥାନ ପରିବର୍ତ୍ତନ କରି ବଞ୍ଚିରହେ।

ଯେବେଯେବେ କ୍ରାନ୍ତି ଏବଂ ଭୋଟ ମାଧ୍ୟମରେ ସତ୍ତା ବଦଳ ହୁଏ, ସେତେବେଳେ ଲୋକେ ଭାବନ୍ତି, ଆଚ୍ଛାଦିନ ଆସିଗଲା। କିନ୍ତୁ କାହିଁ। ଆଚ୍ଛାଦିନ କାହିଁ? କେଉଁଠି? ଆମେ ଅଳିଆରେ ଜୀଇଁବାର ଆଦତ୍ ରଖିଛୁ ଏବଂ କଚରା ବିସ୍ତାର କରିବାରେ ବେଶର୍ମ ବି? କିଛି ସମୟ ପାଇଁ ହୃଦୟର ବିଚାର ଧାରା ବଦଳେ। ମାତ୍ର ପୁଣି ପୁରୁଣା ଆଦତକୁ ଫେରିଯାନ୍ତି ସଭିଏଁ। ବର୍ତ୍ତମାନ ସ୍ୱଚ୍ଛ ଭାରତର ସଫାଇ ଅଭିଯାନ ଅବସରରେ ମିଡ଼ିଆରେ ଲୋକ ଫଟୋ ଏବଂ ଖବର ଦେବାରେ ବେଶ୍ ପାରଦର୍ଶିତା ରଖିଛନ୍ତି।

ଆମେ ଲୋକତନ୍ତ୍ର ଉପରେ ଆସ୍ଥା ରଖିଛୁ। ମାତ୍ର ଦେଖାଇଲା ଭଳି ଦେଶଭକ୍ତର ଅଭିନୟ କରୁଛୁ। ଚାଟ ଠେଲା ପାଖରେ ଚାଟକୁ ଚାଟିଯାଉ। ଗୁପ୍‌ଚୁପ୍ ଆନନ୍ଦ ମନରେ ସ୍ୱାହା କରୁ। ତେନ୍ତୁଳି ପାଣି ଢକ୍ ଢକ୍ କରି ପାନ କରୁ। ଅଇଁଠା ଦୋନା ସଡ଼କ ଉପରେ ଫିଙ୍ଗି ନିଜକୁ ନିଜେ ଗୌରାବାନ୍ୱିତ ମନେକରୁ। ପଡ଼ୋଶୀ ନିଜ କଚରାକୁ ସାମ୍ନା ବାଲା ଘର ପାଖକୁ ଫିଙ୍ଗି ନିଜ କର୍ତ୍ତବ୍ୟକୁ ଇତିଶ୍ରୀ କରିଦିଏ। କଚରାର ସେୟାର ମାର୍କେଟ ସର୍ବଦା ଉଛୁଳା ଦେଖାଇ ପଡ଼େ।

ଏଇମିତି ମାନବକୃତ ଫଳରେ ମୋର ଶୃଙ୍ଗାର ସମ୍ମାନ ବଢ଼ିଥାଏ। ଏଠାକାର ମଣିଷ ଖାଇବାରେ ସାଧୁ ମାତ୍ର କଚରା ବିସ୍ତାର କରିବାରେ ଅବଧୂତ। ଆଖି ଥାଇବି ଅନ୍ଧ ହୋଇ ନିଜ କର୍ତ୍ତବ୍ୟ ପ୍ରତି ଅବହେଳା କରି ଆସୁଛୁ।

ପ୍ରଧାନମନ୍ତ୍ରୀ ସଫାଇ ଅଭିଯାନର ଆହ୍ୱାନ କରିବାରୁ ପ୍ରଶାସନିକ ଅଫିସର ଅଥବା କର୍ମଚାରୀମାନଙ୍କୁ ନିଜ ନିଜ ଶୌର୍ଯ୍ୟ ପ୍ରଦର୍ଶନର ସୁଯୋଗ ମିଳିଲା। ଖେଳାଳୀ, ନେତା, ଅଭିନେତା ଛଡ଼ା ସନ୍ଥ ବି ଯୋଡ଼ିଲେ। ଯାହାକୁ ଦେଖ ଏହି ଜନସେବକର ରୋଲ କରି ଚାଲିବାକୁ ଲାଗିଲେ। ଚାରି ପାଞ୍ଚଦିନର ଉତ୍ସାହ ଏବଂ ଉଦ୍ଦୀପନାରେ ଲୋକତନ୍ତ୍ରକୁ ଶୁଦ୍ଧିକରଣ କରିବାକୁ ଚାହିଁଲେ ସଭିଏଁ।

ମାତ୍ର ମନରେ ପ୍ରଶ୍ନ ଆସେ, ଗୋଟିଏ ଦିନ ତ୍ୟାଗରେ କ'ଣ ସ୍ୱାଧୀନତା ମିଳେକି? ସାରା ଦେଶରେ ଏମିତି ଗରମ ପବନ ବୋହୁଛି ଯେ, ଯେଉଁଠି ମାନବୀୟତାର ସାରା ଆଚରଣ ଜଳିବାରେ ଲାଗିଛି। ସୁତରାଂ ଏହା ସାମ୍ନାରେ ମୋର ଭାବନା କ୍ଳାନ୍ତ ହୋଇଗଲା। କଚରା ପ୍ରବନ୍ଧର ଶେଷ କଲି ଏବଂ ଏକାଦଶ ଶ୍ରେଣୀରେ ପଢୁଥିବା ଛାତ୍ରୀ ହାତରେ ସମର୍ପି ଦେଲି।


କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨


## ସ୍ମୃତି ଶତଦଳ ୧୭୦

(ପୂର୍ବ ପ୍ରକାଶିତ ଉତ୍ତାରୁ)



## ॥ ଅପରୂପା ନିଉଜିଲାଣ୍ଡ ॥


ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭


ସବୁ ପ୍ରଫେସନରେ ଥାଏ ଏକ ଅପୂର୍ବ ଅନନ୍ୟତା । ଖୁବ୍ ସାଧାରଣ ମନେହେଲେ ମଧ୍ୟ ସେ ଅନନ୍ୟତାର ସ୍ପର୍ଶ ଭରି ଦେବାକୁ ହୋଇଥାଏ ସବୁକାମରେ । ସମସ୍ତଙ୍କର ମଧ୍ୟ କାମ କରିବାର ତରିକା ଥାଏ ଅଲଗା, ଅଲଗା । ଜଣକୁ ସେ ଅଭିନବ କୌଶଳ ଜଣାନଥିଲେ, ସେ ଯାଦୁକରୀ ବିଦ୍ୟା ଜଣାନଥିଲେ, ପ୍ରଫେସନରେ ଆଗେଇଯିବା କଷ୍ଟକର ହୋଇ ପଡେ - ସେ କାମ ସାମାନ୍ୟତମ ମନେ ହେଲେ ମଧ୍ୟ, ସେଥିରେ ପାରଦର୍ଶିତା ଜରୁରୀ ହୋଇଥାଏ । ସିଙ୍ଗାପୁରରେ ଇଲେକଟ୍ରୋନିକ୍ ଜିନିଷ ସୁଲଭ ମୂଲ୍ୟରେ ମିଳୁଥିଲା, ତାହା ପୁଣି ଲେଟେଷ୍ଟ ଡିଜାଇନର ଘଡି ପାଇଁ ପ୍ରସିଦ୍ଧ ଥିଲା । କିନ୍ତୁ ଗୋଟିଏ ଜିନିଷ ସେଠି ଲକ୍ଷ୍ୟ କରିବାର କଥା, ପ୍ରତ୍ୟେକ ଦୋକାନରେ ସେଲସ୍‌ମ୍ୟାନ୍ ଅପେକ୍ଷା, ସେଲସ ଓମ୍ୟାନ୍ ବେଶୀ ଥିଲେ ଏବଂ ସେମାନଙ୍କର ସମୟାନୁବର୍ତ୍ତିତା, କାମ କରିବାର ଅତୁଟ ଧୈର୍ଯ୍ୟ ଓ ପାରଙ୍ଗମତା ସେମାନଙ୍କୁ ଅନନ୍ୟ କରି ତୋଳିଥିଲା । ଗ୍ରାହକମାନଙ୍କୁ ମନାଇବାର ଅପୂର୍ବ ଚାରୁକଳା ସେମାନଙ୍କୁ ଜଣାଥିଲା । କଳେ ବଳେ କୌଶଳେ, କଥା କହିବାର ଅଖଣ୍ଡ ଠାଣି ମାଣିରେ ସେମାନେ କଥା କହୁଥିଲେ, ଯେମିତି ଗ୍ରାହକମାନେ ଆଗ୍ରହ ପ୍ରକାଶ କରିବେ ଜିନିଷ କିଣିବାକୁ । ଗ୍ରାହକମାନେ ଦୋକାନର ଜିନିଷ କିଣିଲା ବେଳେ ଝିଅମାନଙ୍କର ଓଠରେ ଲାଖି ରହିଥାଏ ସ୍ମିତହସ । କ୍ଳାନ୍ତି ଓ ବିରକ୍ତିର ଚିହ୍ନବର୍ଣ୍ଣ ନଥାଏ ସେମାନଙ୍କ ମୁହଁରେ । ଅସମ୍ଭବ ଫିଟନେସ୍ ଓ ଆକର୍ଷଣୀୟ ଥିଲା ତାଙ୍କର ପାଛୋଟି ନେବାର ଶୈଳୀ । ଝିଅ ମାନଙ୍କର ଏତେ ଚଳଚଂଚଳତାରେ ବ୍ୟବସାୟ କେବଳ ଭଲ ଚାଲିନଥାଏ ଦଉଡିଥାଏ । ସିଙ୍ଗାପୁରରେ ଆଉ ଗୋଟିଏ ମୂଲ୍ୟବାନ ଜିନିଷ ଆମେ କିଣିଥିଲୁ, ସେଇଟି ହେଉଛି ଗୋଟିଏ ମୁଭି କ୍ୟାମେରା, ଯାହା ପାଇଁ ଆମେ ଆମ ଜୀବନର ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ କାମର ରେକର୍ଡିଂ କରିପାରିଥିଲୁ । ଠିକ୍ ତା' ପରେ ପରେ ରମାରମଣ ଗୋଟିଏ ଅସାଧାରଣ ଅସ୍ତ୍ରୋପଚାର କରିଥିଲେ । ଗୋଟିଏ କଟା ହାତକୁ ପୁଣି ଯୋଡି କାର୍ଯ୍ୟକ୍ଷମ କରିଥିଲେ । ଚଉଦ ଘଂଟାର ସେ ଅପରେସନକୁ ପୁଅ ସିଦ୍ଧାର୍ଥ ରେକର୍ଡିଂ କରିଥିଲା, ଯାହା ଆମ ଜୀବନରେ ଗୋଟିଏ ମାଇଲ ଷ୍ଟୋନ୍ ହୋଇ ରହିଯାଇଥିଲା ।

ଏହା ଛଡା ଲିଟିଲସ ଏରିଆର ମୁସ୍ତାଫା ଦୋକାନ ସେତେବେଳେ ଭାରି ପ୍ରସିଦ୍ଧ ଥିଲା । ସେ ଦୋକାନରୁ ଆମେ ଅନେକ ଜିନିଷ କିଣିଥିଲୁ । ସେଠି ଭେରାଇଟି ଠାରୁ ଆରମ୍ଭ କରି ପୋଷାକପତ୍ର ଓ ଅଳଙ୍କାର ମଧ୍ୟ ମିଳୁଥିଲା । ଏତେ ବିରାଟ ଦୋକାନ ଯେଉଁ ଠାରେ ଏ ଠାରୁ ଜେଡ୍ ଯାଏଁ ସବୁ ମିଳୁଥିବା, କଟକରେ ମଧ୍ୟ ଦେଖିନଥିଲି ।

ଆମେ ସିଙ୍ଗାପୁର ପରିଦର୍ଶନ କଲାବେଳେ ଡିସେମ୍ବର ମାସ ହୋଇଥିଲା । ଏହା ହେଉଛି କ୍ରିସମାସର ମାସ । ଏହି ଉତ୍ସବର ପାଳନ ଖୁବ୍ ଧୂମଧାମରେ ହୋଇଥାଏ ଏବଂ ଏହା ପ୍ରାୟ ଡିସେମ୍ବର ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଯାଏ । ବିରାଟ ଆଲୋକର ସମ୍ଭାର, ବଡ ବଡ ସାନ୍ତାକ୍ଲଜ୍ ଓ କ୍ରିସମାସ ଟ୍ରି ରାସ୍ତାଘାଟ, ଦୋକାନ ବଜାରକୁ ମଣ୍ଡନ କରୁଥିଲା । ପ୍ରତ୍ୟେକ ହୋଟେଲ, ରେସ୍ତୋରାଁ, ସ୍କୁଲ, କଲେଜ ଏମିତିକି ସିଙ୍ଗାପୁରର ସବୁ ଦର୍ଶନୀୟ ସ୍ଥାନ ମାନଙ୍କରେ ମଧ୍ୟ କ୍ରିସମାସ ଟ୍ରି, କେକ୍ ଓ କାର୍ଡ ମିଳୁଥିଲା । ଆମମାନଙ୍କର ଅନେକ ପର୍ବପର୍ବାଣି ଯାହାକୁ କୁହନ୍ତି ବାରଯାତ୍ରା, ତେରପର୍ବ ଏବଂ ପ୍ରତ୍ୟେକ ପର୍ବପର୍ବାଣିରେ ବିଭିନ୍ନ ପ୍ରକାରର ପିଠା ହୋଇଥାଏ । ତେବେ କ୍ରୀସମାସ୍ ବେଳକୁ ସବୁ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ୨୪ତାରିଖ ରାତିରେ ବର୍ଷଯାକର ସବୁ ପିଠାପଣାଦି କରିଥାନ୍ତି ଏବଂ ଅନେକ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରିଥାନ୍ତି ।

ତା ପରବର୍ତୀ ପର୍ଯ୍ୟାୟରେ ଆମେ ସିଙ୍ଗାପୁରର ଅନେକ ଦର୍ଶନୀୟ ସ୍ଥାନ ବୁଲିଥିଲୁ ଯଥା ସିଙ୍ଗାପୁର ବୋଟାନିକାଲ ଗାର୍ଡେନ୍, ନେସନାଲ ଗ୍ୟାଲେରୀ ସିଙ୍ଗାପୁର, ସିଙ୍ଗାପୁର ଜୁ, ନେସନାଲ ମ୍ୟୁଜିୟମ୍ ସିଙ୍ଗାପୁର, ବୁଦ୍ଧ ଟୁଥ୍ ରେଲିକ୍ ଟେମ୍ପଲ, ନେସନାଲ ଓର୍ଚିଡ୍ ଗାର୍ଡେନ୍, ଏସ୍. ଇ.ଏ. ଆକ୍ୱାରିୟମ୍ ଏବଂ ଜୁରୋଂଗ ବାର୍ଡ ପାର୍କ ଇତ୍ୟାଦି । ସିଙ୍ଗାପୁରର ସବୁଠାରୁ ରମଣୀୟ ସ୍ଥାନ ଥିଲା ବାର୍ଡ ପାର୍କ, ଯେଉଁଠାରେ ପ୍ରାୟ ଭଳିକିଭଳି ସୁନ୍ଦର ରଙ୍ଗର ପକ୍ଷୀମାନେ ଉଡିବୁଲୁଥିଲେ । ଅନେକ ପ୍ରଜାତିର ଶହ ଶହ ପକ୍ଷୀ ଉଡିଗଲା ବେଳେ ମନେ ହେଉଥିଲା, ଯେମିତି ଆମେ ସ୍ୱର୍ଗର ଅମରାବତୀରେ ଘୁରି ବୁଲୁଛୁ । ପକ୍ଷୀମାନେ ସିନା ନିଜ ଇଚ୍ଛାରେ ଆଉ ମର୍ଜିରେ ଉଡୁଛନ୍ତି, ମଣିଷମାନଙ୍କର ସେ ସ୍ୱାଧୀନତା କାହିଁ? ପକ୍ଷୀମାନଙ୍କର ଭଳିକିଭଳି ରଙ୍ଗ ଦେଖି ମନେହେଲା, ସେମାନେ ଏତେ ବିବିଧ ରଙ୍ଗ କେଉଁଠୁ ପାଇଲେ ? ବୋଧହୁଏ ଉଚ୍ଚ ଆକାଶରେ ଉଡାଣ ଭରୁ ଭରୁ କିଛି ନୀଳ ରଙ୍ଗ ଆକାଶର ଘନ ନୀଳିମାରୁ, ଆଉ କିଛି ରଙ୍ଗ ମେଘ ମଣ୍ଡଳରୁ ଏବଂ ଆହୁରି ଅନେକ ରଙ୍ଗ ଇନ୍ଦ୍ରଧନୁର ସପ୍ତରଙ୍ଗରୁ ତୋଳି ଆଣି ନିଜ ଦେହରେ ବୋଳି ଦେଇଛନ୍ତି ।

ଆଉ ଗୋଟିଏ ସ୍ଥାନ ଆମକୁ ଖୁବ୍ ଭଲ ଲାଗିଲା, ସେଇଟି ହେଉଛି ଚିଡିଆଖାନା, ବିଭିନ୍ନ ପ୍ରକାର ପଶୁମାନଙ୍କରମୁକ୍ତ ବିହାର । ଓରାଂଉଟାଂ ଓ ସିମ୍ପାଜି ସହ କିଛି ଘଂଟାର ମୁଗ୍ଧ ଆଳାପ, ବିଭିନ୍ନ ପ୍ରକାର ସାପ, ତଥା ଅନ୍ୟ ଅନେକ ପଶୁଙ୍କର ନିରବ ଶବ୍ଦ ଆମକୁ ଖୁବ୍ ଭଲଲାଗିଲା । ତେବେ ସବୁଠାରୁ ଚମତ୍କାର ଥିଲା ମାଛ ମାନଙ୍କର ପହଁରା । ବିଭିନ୍ନ ପ୍ରକାରର, ବିଚିତ୍ର ରଙ୍ଗର ଭଳିକିଭଳି ସୁନ୍ଦର ମାଛ, କେଉଁଠି ଦଳେ କମଳା ରଙ୍ଗର ମାଛ ତ ଅନ୍ୟ କେଉଁଠି ଧଳାଓ କମଳା ରଙ୍ଗର ଛିଟ ଛିଟ ମାଛ, ଅନ୍ୟ କେଉଁଠି ସାଗୁଆ, ନୀଳ, ବାଇଗଣୀ ଓ ଇଷତ୍ ପାଟଳ ବର୍ଣ୍ଣର ମାଛ ଦଳଦଳ ହୋଇ ପହଁରୁଥିଲେ । ପୃଥିବୀରେ ଏତେ ପ୍ରକାରର ଓ ଏତେ ରଙ୍ଗର ମାଛ ଯେ ଥାନ୍ତି ତାହା ଆମେ ପ୍ରଥମ କରି ଦେଖିଲୁ । ପଶୁପକ୍ଷୀମାନେ କଥା କହିପାରନ୍ତି ନାହିଁ ସିନା ତାଙ୍କର ଗତିଶୀଳତା ଓ ଚଳଚଂଚଳ ତ ଯେ, ମଣିଷମାନଙ୍କ ଠାରୁ କାହିଁ କେତେ ଗୁଣରେ ବେଶୀ ତାହା ତାଙ୍କୁ ନଦେଖିଲେ ବିଶ୍ୱାସ କରି ହେବନାହିଁ । ସେମାନଙ୍କର ମସ୍ତିଷ୍କ କ୍ଷୁଦ୍ର ହେଲେ ମଧ୍ୟ ତାଙ୍କର ଚତୁରତା ଓ ଚିନ୍ତାଶକ୍ତି ଖୁବ୍ ଚମତ୍କାର । ଆମକୁ ଲାଗିଲା, କେବଳ ଦିନଟିଏ ନୁହେଁ ପ୍ରତ୍ୟେକ ଦିନ କିଛି କିଛି ସମୟ ସେମାନଙ୍କ ସହ କାଟିଲେ, ଦୁଃଖ ବୋଲି ଜିନିଷଟିଏ ଆଉ ଦୁନିଆରେ ରହିବ ନାହିଁ । ସେମାନଙ୍କର ପ୍ରାଣ ପ୍ରାଚୁର୍ଯ୍ୟରେ ଦୁଃଖ ଦ୍ରବୀଭୂତ ହୋଇ ତରଳମହମ ପରି ବୋହିଯାନ୍ତା ଓ କ୍ରମେ କ୍ରମେ ପ୍ରୀତିରେ ରୂପାନ୍ତରିତ ହୋଇଯାନ୍ତା । ଏ ପ୍ରକୃତି ଅନନ୍ତ, ଭଲ ପାଇବା ଅନନ୍ତ ଏବଂ ପ୍ରକୃତିର କୋଳରେ ସବୁ ପଶୁପକ୍ଷୀଙ୍କର ପ୍ରେମର ପରିଭାଷା ମଧ୍ୟ ଅନନ୍ତ । ନିଜସ୍ୱ ଶୈଳୀରେ, ନିଜସ୍ୱ ଭାଷାରେ, ନିଜସ୍ୱ ଢଙ୍ଗରେ ସେମାନେ ଭାବ ବିନିମୟ କରିଥାନ୍ତି, ନିଜସ୍ୱ ଶବ୍ଦ ସୃଷ୍ଟି କରିଥାନ୍ତି ତାଙ୍କର ମୁଗ୍ଧ କୂଜନରେ ଏବଂ ମଣିଷମାନଙ୍କୁ ଏକ ଅନନ୍ୟ ଅନୁଭୂତି ଓ ଆନନ୍ଦରେ ଗୋଟାପଣେ ଓଦା କରିଦେଇଥାଆନ୍ତି ।

(କ୍ରମଶଃ)

## ପୁସ୍ତକ ସମୀକ୍ଷା

**ପ୍ରକୃତି ପୂଜାରୀ କବିବର ରାଧାନାଥ**
ଲେଖକ :
ଶୁଭେନ୍ଦୁ କୁମାର ରାୟ
କବିବର ରାଧାନାଥ ସ୍ମୃତି ସଂସଦ,
କେଦାରପୁର, ସୋର, ବାଲେଶ୍ୱର
ମୂଲ୍ୟ :୧୦୦/-




ପାଶ୍ଚାତ୍ୟ ଚେତନା ସହ ଓଡ଼ିଆ ମାଟି, ପାଣି ଓ ପବନର କଳା ଚାତୁର୍ଯ୍ୟମୟ ସମ୍ମିଶ୍ରଣରେ ସୌନ୍ଦର୍ଯ୍ୟ ଓ ରସବୋଧର କାବ୍ୟନିର୍ମାଣ କରି ଓଡ଼ିଆ ସାହିତ୍ୟକୁ ନୂତନ ଉଚ୍ଚତା ପ୍ରଦାନ କରିଥିବା କବି ହେଉଛନ୍ତି ରାଧାନାଥ ରାୟ । ତାଙ୍କ ସମସାମୟିକ ଓଡ଼ିଶାର ଅନ୍ୟତମ ବରପୁତ୍ର ମଧୁସୂଦନ ଦାସ ତାଙ୍କ ଉଦ୍ଦେଶ୍ୟରେ ଏକ ଇଂରାଜୀ ପତ୍ରରେ ଲେଖିଥିଲେ, "Though by blood and birth you belong to Bengalee the people of Orissa including my humbleself rightly look upon you as a favourite adopted child of Orissa, In the line of Oriya literature you have done more than any one born or bred in this province.xxxxx Believe me."

ଆଜିର ନୂଆ କଲମଧାରୀ ସାହିତ୍ୟ ପ୍ରାୟସୀ ବ୍ୟକ୍ତି ବିଶେଷଙ୍କୁ ଶ୍ରଦ୍ଧାର ସହ 'କବିବର' ବୋଲି ସଂବୋଧନ କରାଯାଏ । ଏହା ହିଁ ପ୍ରକୃତିପୂଜାରୀ କବି ରାଧାନାଥଙ୍କ ନାମ ପୂର୍ବରୁ 'କବିବର' ଶବ୍ଦ ପ୍ରତି ସର୍ବକାଳୀନ ସମ୍ମାନ । ଓଡ଼ିଶା ମାଟିର ଏହି ପ୍ରାତଃ ସ୍ମରଣୀୟ କାବ୍ୟପୁରୁଷଙ୍କର ଅଗଣିତ ବିଦଗ୍ଧ ପାଠକ, ପ୍ରଶଂସକ, ରାଧାନାଥ ସାହିତ୍ୟର ଛାତ୍ର ଓ ଗବେଷକ ଅଛନ୍ତି । ମାତ୍ର ରାଧାନାଥଙ୍କ ଜୀବନ ଓ ସାହିତ୍ୟ ବାବଦରେ ବହୁ ତଥ୍ୟ ଅନେକଙ୍କ ପାଇଁ ଅଦ୍ୟାବଧି ଅଜ୍ଞାତ । ଏ ପରିପ୍ରେକ୍ଷୀରେ ରାଧାନାଥଙ୍କ ଜୀବନୀ ଆଧାରିତ ବହୁ ଦିଗକୁ ନେଇ 'ପ୍ରଶ୍ନୋତ୍ତରୀ' ଶୈଳୀରେ କବିବରଙ୍କର ଅନ୍ୟତମ ବଂଶଜ ଶ୍ରୀ ଶୁଭେନ୍ଦୁ କୁମାର ରାୟଙ୍କ ଦ୍ୱାରା ପ୍ରସ୍ତୁତ ପୁସ୍ତକ 'ପ୍ରକୃତି ପୂଜାରୀ କବିବର ରାଧାନାଥ' ରାଧାନାଥ ପ୍ରେମୀ ତଥା ଉତ୍ତର ପିଢ଼ିର ସାହିତ୍ୟ ଜିଜ୍ଞାସୁଙ୍କ ପାଇଁ ଏକ ଦୁର୍ମୂଲ୍ୟ ଉପହାର ନିଶ୍ଚୟ ।

କବିବର ରାଧାନାଥ ସ୍ମୃତି ସଂସଦ, କେଦାରପୁର, ସୋରୋ, ବାଲେଶ୍ୱର ଆନୁକୂଲ୍ୟରେ ପ୍ରକାଶିତ ଏହି ପୁସ୍ତକଟିର ପ୍ରାସଙ୍ଗିକତା ଓ ଗୁରୁତ୍ୱକୁ ସୂଚାଇବାକୁ ଯାଇ ଏହାର ଅଗ୍ରଲେଖରେ ବିଶିଷ୍ଟ ସାହିତ୍ୟିକ ଡଃ ରମାକାନ୍ତ ବେହେରା ଲେଖିଛନ୍ତି, "ଯୁଗସ୍ରଷ୍ଟା ରାଧାନାଥ ଆଧୁନିକ ଓଡ଼ିଆ କାବ୍ୟ ଜଗତର ଜଣେ କାଳଜୟୀ ସ୍ରଷ୍ଟା । ତାଙ୍କ କାବ୍ୟ କବିତାରେ ରାଷ୍ଟ୍ରୀୟ ଚେତନାର ଉଦାତ୍ତ ପ୍ରାଣ ପ୍ରବାହ ରହିଛି । xxxx ରାଧାନାଥଙ୍କ କାବ୍ୟ କବିତା ଉପରେ ବହୁ ଯଶସ୍ୱୀ ସାରସ୍ୱତ ସାଧକ ଗବେଷଣା କରିଛନ୍ତି । xxxx ରାଧାନାଥଙ୍କ ଜନ୍ମପୀଠ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଧାନାଥଙ୍କ ଉପରେ ପ୍ରବନ୍ଧ ବକ୍ତୃତାମାନ ଅନୁଷ୍ଠିତ ହେଉଛି । ତାଙ୍କ ଜନ୍ମ ଓ ଶ୍ରାଦ୍ଧ ବାର୍ଷିକୀରେ ଉତ୍ସବ ମଧ୍ୟ ପାଳିତ ହେଉଛି । ତେଣୁ ଏ ବହିଟି ସମସ୍ତଙ୍କ ପାଇଁ ଏକ ସହାୟକ ପୁସ୍ତକ ହୋଇପାରିବ । ସମସ୍ତେ ଏଥିରୁ ଉପକୃତ ହୋଇପାରିବେ ।" ଏହି ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ଯେ ବହୁ ଚିର ପ୍ରସିଦ୍ଧ ସାହିତ୍ୟିକଙ୍କର କୃତି ବା ସୃଷ୍ଟି ଜାତୀୟ ସମ୍ପତ୍ତି ଭାବରେ ବିବେଚିତ ହୋଇ ଭାଷା ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରୁଥିଲା ବେଳେ ସେ ସାହିତ୍ୟିକଙ୍କ ପାରିବାରିକ ଉତ୍ତର ଦାୟାଦଗଣ ନିଜ ପୂର୍ବ ପୁରୁଷଙ୍କୁ ନେଇ ଗର୍ବିତ ହେବା ବା ସ୍ୱ-ବଂଶର ସାରସ୍ୱତ ପ୍ରବାହକୁ ନିଜ କଲମରେ ବଞ୍ଚାଇ ରଖିବା ଦିଗରେ ଯତ୍ନବାନ ହୁଅନ୍ତି ନାହିଁ । ବାଣୀଙ୍କର ସୁଦୟା ଠିକ୍ ସେଇଠି ଘଟେନାହିଁ । ବହୁ କ୍ଷେତ୍ରରେ କାଳର କପାଳରେ ଚିର ଜାଜ୍ଜ୍ୱଲ୍ୟମାନ ନକ୍ଷତ୍ର ଭଳି ଜୀଇଁ ରହୁଥିବା ଅତି ମୂର୍ଧନ୍ୟ ସାହିତ୍ୟ ପ୍ରତିଭାମାନଙ୍କର ମଧ୍ୟ ନିଜସ୍ୱ କପାଳରେ ଲେଖାଥାଏ ସାରସ୍ୱତ ରସ ଓ ରୁଚି ବିହୀନ ଏକ ଅଣସାହିତ୍ୟ ଉତ୍ତର ପିଢ଼ି । ଏହା କାଳର କ୍ରୁର ନିଷ୍ପତ୍ତି ହେଉ ଅଥବା ନିୟତିର ବିଡମ୍ବନା ହେଉ, ଉପଯୁକ୍ତ ଉତ୍ତର ଦାୟାଦ ଅଭାବରୁ ସାହିତ୍ୟକୁ ପାରିବାରିକ ମର୍ଯ୍ୟାଦା ଓ ସ୍ୱୀକୃତି ମିଳିବା ଏବଂ ସେହି ଧାରାର ପ୍ରବାହମାନତାରେ ସାହିତ୍ୟସାଧନା ବଂଶ ପରମ୍ପରାରେ ପରିଣତ ହେବାର ଉଦାହରଣ ବିରଳ । ଅବଶ୍ୟ ରାଧାନାଥଙ୍କ ଉତ୍ତର ପିଢ଼ି ଭାବେ ତାଙ୍କର ଜ୍ୟେଷ୍ଠ ସନ୍ତାନ ଶ୍ରୀଯୁକ୍ତ ଶଶିଭୂଷଣ ରାୟ ପ୍ରବନ୍ଧ ସାହିତ୍ୟ କ୍ଷେତ୍ରରେ ପିତା ଗୁଣେ ପୁତ୍ର ନ୍ୟାୟରେ ନିଜର ଅନନ୍ୟ ପ୍ରତିଭାର ପରାକାଷ୍ଠା ଦେଖାଇଛନ୍ତି । ସେହି ଧାରାରେ ଏହି ବିରଳ ମଧ୍ୟରୁ ସ୍ୱାଗତଯୋଗ୍ୟ ଏବଂ ଦୃଷ୍ଟାନ୍ତଧର୍ମୀ ପଦକ୍ଷେପ ନେଇ ଏହି ପୁସ୍ତକର ରଚୟିତା ଶୁଭେନ୍ଦୁ କୁମାର ରାୟ ଯେ ନିଜ ପିତୃପକ୍ଷର କୁଳ କୁଣ୍ଡଳିନୀରେ ଅପୂର୍ବ ଜଗରଣ ଆଣିବା ସହ ଜିଜ୍ଞାସୁ ଓଡ଼ିଆ ପାଠକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏହି ସ୍ୱତନ୍ତ୍ର ପ୍ରସ୍ତୁତିକୁ ଅର୍ପଣ କରି ନୂତନ ଉଦାହରଣ ସୃଷ୍ଟି କରିଛନ୍ତି, ଏହା କହିବା ବାହୁଲ୍ୟ ମାତ୍ର ।

ଏହି ଦୁର୍ମୂଲ୍ୟ ସଂଗ୍ରହ ମୂଳକ ରାଧାନାଥଙ୍କ ଜୀବନୀ ଆଧାରିତ 'ପ୍ରଶ୍ନୋତ୍ତରୀ' ପୁସ୍ତକର ପ୍ରଥମରେ ସ୍ଥାନିତ ହୋଇଛି ରାଧାନାଥ ରାୟ କୃତ 'ଭାରତ ଗୀତିକା' ସଂଗୀତ । ଉତ୍କଳ ସମ୍ମିଳନୀରେ ପ୍ରଥମେ ଗାନ କରାଯାଇଥିବା ରାଧାନାଥଙ୍କର ଏହି ଅମର କୃତିଟିକୁ ବିଭିନ୍ନ ଶିକ୍ଷାନୁଷ୍ଠାନ, କଳା ଓ ସାହିତ୍ୟାନୁଷ୍ଠାନ ମାନଙ୍କରେ ଗାନ କରାଯାଇଥାଏ । ଅନେକ ରାଧାନାଥ ପ୍ରେମୀଙ୍କୁ ମଧ୍ୟ ଜଣା ନଥିବ ରାଧାନାଥଙ୍କ ପିଲା ଦିନର ନାମ କଣ ଥିଲା, ରୂପଦାସୀ କିଏ, ରାଧାନାଥଙ୍କ ପୂର୍ବ ପୁରୁଷମାନେ କେଉଁଠିକାର ଅଧିବାସୀ ଥିଲେ, ତାଙ୍କର କୌଳିକ ସାଙ୍ଗିଆ 'ଦେ' ରୁ 'ରାୟ' କିପରି ହେଲା, ପରଶମଣି କିଏ, ବାଲେଶ୍ୱରର କେଉଁଠାରେ ତାଙ୍କର ବାସସ୍ଥାନ ଥିଲା ଯେଉଁଠି ରହି ସେ ବିଦ୍ୟା ଅଧ୍ୟୟନ କରୁଥିଲେ, ଓଡ଼ିଆ ଭାଷାରେ ଲେଖିବା ପାଇଁ ତାଙ୍କୁ କିଏ ପ୍ରଥମେ ପ୍ରେରଣା ଦେଇଥିଲେ, ଓଡ଼ିଆ ପୂର୍ବରୁ ରାଧାନାଥ ସର୍ବପ୍ରଥମେ ବଙ୍ଗଳାରେ କେଉଁ କାବ୍ୟ ରଚନା କରିଥିଲେ, ରାଧାନାଥ କେତେବର୍ଷ ବୟସରେ ଲେଖାଲେଖି ଆରମ୍ଭ କରିଥିଲେ ଓ ତାଙ୍କର ପ୍ରଥମ କବିତାଟି କ'ଣ ଥିଲା, ରାଧାନାଥଙ୍କ ପ୍ରଥମ ଓଡ଼ିଆ କାବ୍ୟର ନାମ କ'ଣ, ଫକୀର ମୋହନ ସେନାପତିଙ୍କ ସହ ତାଙ୍କର କିପରି ସମ୍ପର୍କ ଥିଲା, ରାଧାନାଥ ସତର ଗୋଟି କାବ୍ୟ, ସତରଗୋଟି ଗଦ୍ୟ ରଚନା, ଏକାଧିକ କ୍ଷୁଦ୍ର ଓଡ଼ିଆ ଓ ସଂସ୍କୃତ କବିତା ସହ ସେ କେଉଁ କେଉଁ ପାଠ୍ୟ ପୁସ୍ତକର ରଚୟିତା ଭଳି ରାଧାନାଥ ରାୟଙ୍କ ଜୀବନ ପଞ୍ଜିକା ଓ ସାରସ୍ୱତ ପୁଞ୍ଜିକୁ ସହସ୍ରାଧିକ ପ୍ରଶ୍ନ ଓ ଉତ୍ତର କ୍ରମରେ ରାଧାନାଥଙ୍କ ଜନ୍ମ ବୃତ୍ତାନ୍ତ ଏବଂ ବଂଶ ପରିଚୟ, ରାଧାନାଥଙ୍କ ଛାତ୍ର ଜୀବନ ଓ ଶିକ୍ଷା, ସରକାରୀ ଚାକିରୀ, ଓଡ଼ିଆ ଭାଷାରେ ଲେଖିବାର ପ୍ରେରଣା, ଛନ୍ଦାନୁରାଗୀ ତଥା ରସପ୍ରିୟ ରାଧାନାଥ, ଅଳଙ୍କାରିକ ରାଧାନାଥ, ଉପାଧି ଓ ସମ୍ମାନ ପ୍ରାପ୍ତି, ମହାନୁଭବୀଙ୍କ ମତରେ ରାଧାନାଥ, ରାଧାନାଥ ସୂକ୍ତିମାଳା, ନଗେନ୍ଦ୍ର ବାଳା ଓ ରାଧାନାଥ, କବିବରଙ୍କ ମହାପ୍ରୟାଣ ପ୍ରଭୃତି ପ୍ରସଙ୍ଗ ଆଧାରିତ ସହଜରେ ମନେ ରଖିହେଲା ଭଳି ରାଧାନାଥ ଆଧାରିତ ତଥ୍ୟ ସବୁ । କବିବରଙ୍କ ଦୁର୍ମୂଲ୍ୟ ଓଡ଼ିଆ ହସ୍ତଲିପି ଓ ଇଂରାଜୀ ହସ୍ତଲିପି ଏହି ପୁସ୍ତକର ଅନ୍ୟତମ ଆକର୍ଷଣ ।

ପୁସ୍ତକଟିର ପ୍ରଚ୍ଛଦ ପଟରେ କବିବର ରାଧାନାଥଙ୍କର ସମ୍ପୂର୍ଣ୍ଣ ଅବୟବର ଏକ ହାତ ଅଙ୍କା ଚିତ୍ର ପୁସ୍ତକଟିକୁ ଆକର୍ଷଣୀୟ କରିଛି । ପ୍ରଚ୍ଛଦର ପଶ୍ଚାତ୍ ପଟରେ ଏହି ପୁସ୍ତକର ରଚୟିତା (ସଂକଳନ) ଶୁଭେନ୍ଦୁ କୁମାର ରାୟ କବିବରଙ୍କ ଉଦ୍ଦେଶ୍ୟରେ ମାତ୍ର ଆଠଟି ଧାଡ଼ିରେ ବ୍ୟକ୍ତ କରିଛନ୍ତି ଶ୍ରଦ୍ଧା ସୁମନ । ଯଥା- "କି ଶୁଭ ଲଗନେ ପ୍ରିୟ କବିବର ତୁମେ/ ଉତ୍କଳ ଜନନୀ କୋଳ ମଣ୍ଡିଥିଲ ଆସି/ ସାହିତ୍ୟ ଆକାଶେ ନବ ଆଲୋକ ଦେଖାଇ/ ଯୁଗସ୍ରଷ୍ଟା ଉପାଧିରେ ଶୋଭିଲ ଉତ୍କଳ/XXXX

ନିନ୍ଦା ଅବା ପ୍ରଶସ୍ତିଠୁଁ କାହିଁ କେତେ ଦୂରେ/ 'କ୍ରାନ୍ତିଦ୍ରଷ୍ଟା' ଯେଣୁ ତୁମ ନିର୍ଭୀକ ଲିଖନ/ ଭାଳେ ଆଜି କେହି ଅବା ଗଣ୍ଡେ ହସ୍ତ ଦେଇ/ଧ୍ରୁବ ସତ୍ୟ ତବ ଚିନ୍ତା ଘଟେ ଘା' ସଂସାରେ ।

ସାମ୍ପ୍ରତିକ ସମୟରେ ଆଉ ଏକ ବିଡ଼ମ୍ବନାର ବିଷୟ ଓଡ଼ିଶାର ସାରସ୍ୱତ ବରପୁତ୍ର ମାନଙ୍କର ବର୍ଷକୁ ଥରେ ଜୟନ୍ତୀ ଓ ଥରେ ଶ୍ରାଦ୍ଧ ଦିବସ ପାଳନ କରାଯିବା ବ୍ୟତୀତ ନିଜ ମାଟିର ସ୍ୱାଭିମାନ ସୂଚକ ଏହି ବରପୁତ୍ରମାନଙ୍କର କୃତି ଗୁଡ଼ିକର ବ୍ୟାପକ ତଥା ପ୍ରସାର ପାଇଁ ତଥା ଉତ୍ତର ପିଢ଼ିକୁ ନିଜ ମାଟିର ଏହି ବରପୁତ୍ରମାନଙ୍କ ସହ ପରିଚିତ କରାଇବା ପାଇଁ କୌଣସି ରଚନାତ୍ମକ କାର୍ଯ୍ୟକ୍ରମ ହାତକୁ ନିଆ ଯାଉନାହିଁ । ବରପୁତ୍ରମାନଙ୍କ ନାମରେ ନାମିତ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ବର୍ଷ ବର୍ଷ ଧରି ଅଧ୍ୟୟନରତ ବା ଉତ୍ତୀର୍ଣ୍ଣ ହୋଇ ସାରିଥିବା ଛାତ୍ରଛାତ୍ରୀ ମାନେ ମଧ୍ୟ ସେହି ବରପୁତ୍ର ବା ସାରସ୍ୱତ ସାଧକଙ୍କ ଜୀବନୀ ବା କୃତି ସମୂହ ବାବଦରେ ଆଦୌ କିଛି ଜାଣନ୍ତି ନାହିଁ, ଏହା ଆମ ସ୍ୱାଭିମାନ ପ୍ରତି କୁଠାରାଘାତ ଏବଂ ସାହିତ୍ୟପଣର ସାମୁହିକ ପରାଜୟ ନୁହେଁ କି? ଦୁର୍ଭାଗ୍ୟ ଜନକ ଭାବେ ସତ୍ୟ ଯେ ଜାତିକୁ ମହିମାନ୍ୱିତ କରିଥିବା ବହୁ ସାରସ୍ୱତ ସାଧକଙ୍କର ସମ୍ପୂର୍ଣ୍ଣ ରଚନାବଳୀ ପ୍ରସ୍ତୁତି ବାବଦରେ ଉଦ୍ୟମ ସମ୍ପୂର୍ଣ୍ଣ ଶିଥିଳ । ଅଥଚ ଓଡ଼ିଶା ମାଟିରୁ ପ୍ରକାଶ ପାଇ ଚାଲିଛି ହଜାର ହଜାର ଅବାଂଛିତ ଲେଖକଙ୍କ ହଜାର ହଜାର ଅବାଂଛିତ ଅପରିପକ୍ୱ ସାହିତ୍ୟ (ଅସାହିତ୍ୟ) ପୁସ୍ତକ । ମାଟିର ମହିମାକୁ ଆକାଶର ଉଚ୍ଚତା ଦେଇଥିବା ବରପୁତ୍ରଙ୍କୁ ଭୁଲି ଯାଇ ଆତ୍ମପ୍ରଚାର ସର୍ବସ୍ୱ ସାହିତ୍ୟ ଏବଂ ଶିକ୍ଷା ଓ ସାମାଜିକ ବିକାଶର ସ୍ୱପ୍ନ ଦେଖିବା କେତେଦୂର ସମୀଚୀନ? ସେ ସ୍ୱପ୍ନର ଆୟୁଷ କେତେ? କେବଳ ସାଧାରଣ ଜ୍ଞାନବର୍ଦ୍ଧକ ନୁହେଁ, ଏ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ସମୟୋଚିତ ଦାୟିତ୍ୱଶୀଳ ଉତ୍ତର ଦେଇପାରିଛି ଶୁଭେନ୍ଦୁ କୁମାର ରାୟଙ୍କର ଏହି ପୁସ୍ତକ ।

ମୋଟ ଉପରେ କୁହାଯାଇ ପାରେ, ଶିକ୍ଷାବିତ୍ ତଥା ସାହିତ୍ୟକୁ ଶୁଭେନ୍ଦୁ କୁମାର ରାୟଙ୍କର ଏହି ଅଭିନବ ପ୍ରୟାସ ସାମ୍ପ୍ରତିକ ସାହିତ୍ୟ କ୍ଷେତ୍ରରେ ଅତ୍ର-ତତ୍ର-ସର୍ବତ୍ର ସୁଲଭ ଭାବେ ଉପଲବ୍ଧ ଆତ୍ମଘୋଷିତ ଲେଖକ ଲେଖିକାଙ୍କ ନିଜ ମାଟିର ଉତ୍କୃଷ୍ଟ ସାହିତ୍ୟିକଙ୍କ ସହ ପରିଚିତ ଓ ଆଗାମୀ ଦିନରେ ଉତ୍କୃଷ୍ଟ ସାହିତ୍ୟର ଶ୍ରଦ୍ଧାନୁଶୀଳନ, ପଠନ ଓ ପ୍ରସାର ଅଭିମୁଖୀ କରାଇବ ଓ ସଚ୍ଚା ପାଠକଙ୍କୁ ଫେରାଇ ଦେବ ତାଙ୍କର ଗୌରବମୟ ସାରସ୍ୱତ ଇତିହାସକୁ । ଏଥିସହ ଆଜିର ଛାତଛାତ୍ରୀଙ୍କୁ ନିଜ ପୂର୍ବସୁରୀଙ୍କ ସହ ପରିଚିତ କରାଇଲା ଭଳି ନିର୍ମାଣ କରିବ ଏକ ବଳିଷ୍ଠ ସେତୁ ।




ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# ପୂର୍ବତନ ଜିଲ୍ଲାପାଳଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ବାଦ୍ ଦିଅନ୍ତୁ ରାଜ୍ୟ ନିର୍ବାଚନ ଅଧିକାରୀ : ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର,୩୧।୧୦ (ନି.ପ୍ର): ତିର୍ତ୍ତୋଲ ଉପନିର୍ବାଚନରେ ଭୋଟରଙ୍କୁ ବିଜେଡି ସପକ୍ଷରେ ଭୋଟ ଦେବା ଲାଗି ସରକାରୀ ପ୍ରଶାସନିକ ଅଧିକାରୀ ପ୍ରବର୍ତ୍ତାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଶାସକ ଦଳର ମନ୍ତ୍ରୀ ଓ ନେତାମାନେ ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ କରୁଥିବା ସମୟରେ ଏବେ ଜଗତସିଂହପୁରର ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବିଜେଡିକୁ ଜିତାଇବାର ଠିକା ନେଇଛନ୍ତି । ସରକାରୀ ଅଧିକାରୀ ହୋଇ ବିଜେଡି ଦଳ ପାଇଁ ପ୍ରଚାର କରି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଭୋଟରଙ୍କୁ ପ୍ରବର୍ତ୍ତାଇବା ଏବଂ ଧମକାଇବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଏହା ବିରୁଦ୍ଧରେ ବିଜେପିର ଏକ ପ୍ରତିନିଧୀ ଦଳ ଗତ ଅକ୍ଟୋବର ୨୪ ତାରିଖରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ତଥ୍ୟ ପ୍ରମାଣ ଉପସ୍ଥାପନ କରି ସଂପୃକ୍ତ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା । କିନ୍ତୁ ଏ ଘଟଣାକୁ ୭ ଦିନ ବିତିଥିଲେ ବି ରାଜ୍ୟ ନିର୍ବାଚନ ଅଧିକାରୀ ଦୋଷୀଙ୍କ ବିରୁଦ୍ଧରେ କୌଣସି ପଦକ୍ଷପ ନନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି । ଗତ ୧୨ ଦିନ ଧରି ତିର୍ତ୍ତୋଲ ଉପନର୍ବାଚନରେ ଜଗତସିଂହପୁରର ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବେଆଇନ ଭାବେ ନିଜ କ୍ଷମତାକୁ ଅପବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରୁଛନ୍ତି । ଉପନିର୍ବାଚନ ପୂର୍ବରୁ ତାଙ୍କ ନାଁରେ ଶାସକ ଦଳ ସପକ୍ଷରେ କାର୍ଯ୍ୟ କରୁଥିବାର ଅଭିଯୋଗ ଆସିବାରୁ ତାଙ୍କୁ ଜିଲ୍ଲାପାଳ ପଦବୀରୁ ହଟାଇ ଦିଆଯାଇଥିଲା । କିନ୍ତୁ ଏବେ ସେ ପୁଣିଥରେ ତିର୍ତ୍ତୋଲରେ ପହଂଚି ନିଜ ଆଧିପତ୍ୟ ଦେଖାଉଛନ୍ତି । ଅନ୍ୟ ବିଭାଗରେ ନିଯୁକ୍ତ ହେବା ପରେ ବି ଶ୍ରୀ ମହାପାତ୍ର ତିର୍ତ୍ତୋଲରେ ପହଂଚି ନିର୍ବାଚନ ପ୍ରଚାରରୁ ବିରତ ରହିବା ପାଇଁ ବିରୋଧୀ ବିଜେପି ଦଳର ନେତୃବୃନ୍ଦଙ୍କୁ ଧମକ ଦେଉଛନ୍ତି । କେବଳ ସେତିକି ନୁହେଁ ବିଜେଡିକୁ ଭୋଟ ନଦେଲେ ସରକାରୀ ଯୋଜନାରୁ ନାଁ କାଟିଦେବାର ଭୟ ଗରିବ ଲୋକମାନଙ୍କୁ ଦେଖାଉଛନ୍ତି । ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଶ୍ରୀ ମହାପାତ୍ରଙ୍କ ଘର ହୋଇଥିବାରୁ ସେ ସମସ୍ତ ସରକାରୀ ଅଧିକାରୀଙ୍କୁ ବିଜେଡି ସପକ୍ଷରେ କାମ କରିବା ପାଇଁ ତାଗିଦ୍ କରିବା ସହ ଖୁବଶୀଘ୍ର ସେ ପୁଣିଥରେ ଜିଲ୍ଲାପାଳ ଭାବେ ଦାୟିତ୍ୱ ନେବେ ବୋଲି ଖୋଲା ଖୋଲି ଭାବେ କହୁଛନ୍ତି । ସରକାରୀ ଅଧିକାରୀ ହୋଇ ଏକ ନିର୍ଦ୍ଧିଷ୍ଟ ଦଳ ପାଇଁ କାର୍ଯ୍ୟ କରିବା ସଂପୂର୍ଣ୍ଣଭାବେ ବେଆଇନ । ଯଦି ବିଜେଡି ସପକ୍ଷରେ ପ୍ରଚାର କରିବାର ଅଛି ତେବେ ସଂଗ୍ରାମ ବାବୁ ସରକାରୀ ଚାକିରୀ ଛାଡି ଦଳ ପାଇଁ ପ୍ରଚାର କରନ୍ତୁ । ପ୍ରଶାସନିକ ଅଧିକାରୀ ଭାବେ ସେ ଏଭଳି ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିବା ଘଟଣାକୁ ବିଜେପି କେବେ ବରଦାସ୍ତ କରିବ ନାହିଁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଏଭଳି ଏକ ଅପରାଧିକ କାର୍ଯ୍ୟରେ ସାମିଲ ଥିବା ପୂର୍ବତନ ଜିଲ୍ଲାପାଳ ସଂଗ୍ରାମ ମହାପାତ୍ରଙ୍କ ବିରୁଦ୍ଧରେ ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ଏହି ନିର୍ବାଚନ ପ୍ରକ୍ରିୟାରୁ ବାଦ୍ ଦେବାକୁ ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି । ସରକାରୀ ଦଳ ଚାପରେ ଯଦି ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯାଏ ତେବେ ଆଗାମୀ ଦିନରେ ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ ଅଭିଯୋଗରେ ରାଜ୍ୟ ବିଜେପି ପକ୍ଷରୁ ଜାତୀୟ ନିର୍ବାଚନ ଆୟୋଗ ଏବଂ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିପାର୍ଟମେଂଟ ଅଫ୍ ପର୍ସୋନେଲ୍ ଏଣ୍ଡ ଟ୍ରେନିଂ) ରେ ଅଭିଯୋଗ କରାଯିବ ବୋଲି ଶ୍ରୀ ହରିଚନ୍ଦନ ଚେତାବନୀ ଦେଇଛନ୍ତି ।

## କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ହାତୀପଲଙ୍କର ଉପଦ୍ରବ

କେନ୍ଦୁଝର,୩୧।୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ହତୀପଲଙ୍କର ଉପଦ୍ରବ ବଢୁଥିବା ବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଇତି ମଧ୍ୟରେ ତେଲକୋଇ ବନାଂଚଳ ରେ ହାତୀ ପଲଙ୍କ ଉପଦ୍ରବ ସାଧାରଣ ଲୋକଙ୍କୁ ଆତଙ୍କିତ କରିଥିବା ବେଳେ ଏକର ଏକର ଫସଲକୁ ହାତୀପଲ ଦଳି ଚକଟି ନଷ୍ଟ କରିଦେଇଛନ୍ତି । ଯାହା କୁ ନେଇ ସମଗ୍ର ଅଂଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଇତି ମଧ୍ୟରେ ତେଲକୋଇ ରେଞ୍ଜ ଅଧିନସ୍ଥ ପୁରୁଯୋଡା ଗ୍ରାମରେ ଏକ ୪୦ ଟିକିଆ ହାତୀ ପଲ ଙ୍କ ଉପଦ୍ରବ ଜାରି ରହିଛି । ଯାହା ସମଗ୍ର ଅଂଚଳବାସୀଙ୍କ ଆଖିରୁ ନିଦ ହଜାଇ ଦେଇଛି ।

# ମୟୁରଭଂଜ କଲେଜ ଅଫ୍ ଏକାଉନେଟନସି ଏଣ୍ଡ ମେନେଜମେଂଟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ




ବାରିପଦା ,୩୧।୧୦ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୁରଭଂଜ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟରେ ଆଜି ରାଷ୍ଟ୍ରୀୟ ଏକତା ଦିବସ କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଅଛି । ଏଥିରେ ମୟୂରଭ କଲେଜର ଉପାଧକ୍ଷା ଶ୍ରୀମତୀ ସଂଘମିତ୍ରା ରାଉତ ରାଷ୍ଟ୍ରୀୟ ଏକତା ଦିବସରେ ଭାରତର ସମ୍ବିଧାନକୁ ସମ୍ମାନ ଜଣାଇବା ସହିତ ଦେଶର ଏକତା ବଜାଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ତତ୍ ସହିତ ସ୍ୱର୍ଗତ ବଲ୍ଲଭଭାଇ ପଟେଲ ସମସ୍ତ ଛୋଟ ଛୋଟ ରାଜ୍ୟକୁ ମିଶାଇ ଭାରତ ବର୍ଷକୁ ଏକତା ସୂତ୍ରରେ ବାନ୍ଧିଥିବା ସମ୍ପର୍କରେ ବକ୍ତବ୍ୟ ପ୍ରସଙ୍ଗରେ ଜଣାଇଥିଲେ । ଅଧାପିକା ସାଗରୀକା ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଏକତାର ପରିଭାଷା ବୁଝାଇବାକୁ ଚେଷ୍ଟା କରିବା ସହିତ ବର୍ତ୍ତମାନ ପରିସ୍ଥିତିରେ ଦେଶର ଏକତା ବଜାଇ ରଖିବାକୁ ହେଲେ ବାସ୍ତବତା ବୁଝିବାକୁ ପଡିବ ବୋଲି ଉଲ୍ଲେଖ କରିଥିଲେ । ଏହି ଦିବସ ଉପଲକ୍ଷେ ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ପ୍ରତିଯୋଗିତା ମଧ୍ୟରୁ ଓଡ଼ିଆ ଓ ଇଂରାଜୀ ବିଭାଗ ବକ୍ତୃତା ସହିତ ଇଂରାଜୀ ରଚନା, ଓଡ଼ିଆ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏନଏସଏସ ପ୍ରୋଗ୍ରାମ ଅଫିସର ମୀରା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ଅନ୍ୟତମ ପ୍ରୋଗ୍ରାମ ଅଫିସର ବିଜୟା ନାୟକ ପ୍ରମୁଖ ପରିଚାନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମଦନ ମୋହନ ସାହୁ, ସବିତାରାଣୀ ଦାସ, ତୃପ୍ତି ଦାସ, ଅଭିପ୍ସା ନାୟକ, ଅଙ୍କିତା ସାହୁ, ସ୍ମୃତିରଂଜନ ନାୟକ, ପୂଜାରାଣୀ ଦାସ, ପଂଚାନନ ସାହୁ, ଇତିବାଳା ମହାପାତ୍ର, ଯୋଗେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

## ଗୁଣୁପୁର ଆଦର୍ଶ ଥାନାରେ ଆଇଆଇସି ମନୋଜ ବେହେରାଙ୍କ ଦାୟିତ୍ୱ ଗ୍ରହଣ

ଗୁଣୁପୁର,୩୧।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ କିଛିଦିନ ପୂର୍ବରୁ ୮ ଜଣ ଇନ୍ସପେକ୍ଟରଙ୍କ ଯେଉଁ ବଦଳି ହୋଇଥିଲା ସେଥିରେ ଗୁଣୁପୁର ଥାନାର ଥାନାଧିକାରୀ ରଶ୍ମିରନ ପ୍ରଧାନଙ୍କୁ ଚାନ୍ଦିଲି ଥାନାକୁ ବଦଳି ହୋଇଥିବାବେଳେ ରାୟଗଡ଼ା ଜିଲ୍ଲା ଡିଆଇବି ରେ କାର୍ଯ୍ୟରତ ମନୋଜ କୁମାର ବେହେରାଙ୍କୁ ଗୁଣୁପୁର ଆଦର୍ଶ ଥାନାର ଆଇଆଇସି ଭାବେ ନିଯୁକ୍ତି ଦିଆଯାଇଛି । ଏହି ଅବସରରେ ନୂତନ ଆଇଆଇସି ଶ୍ରୀଯୁକ୍ତ ବେହେରା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଓ କୋଭିଡ କଟକଣାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ସହ ଜନସାଧାରଣଙ୍କୁ ପୋଲିସର ବିଶ୍ୱାସ ଭାଜନ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି ।

# ନିର୍ବାଚନରେ ଆଚାରଣ ବିଧି ଉଲ୍ଲଂଘନ ଅଭିଯୋଗ

ବାଲେଶ୍ୱର,୩୧।୧୦ (ନି.ପ୍ର): ସଦର ଉପ-ନିର୍ବାଚନରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହେଉଥିବା ନେଇ ବାରମ୍ବାର ଅଭିଯୋଗ କରିଆସୁଛି ବିଜେପି । ପ୍ରଶାସନ ପକ୍ଷରୁ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଶାସକ ଦଳ ବିଜେଡି ଆଚରଣବିଧି ଉଲ୍ଲଂଘନ କରି ଚାଲିଛି ବୋଲି ବିଜେପି କର୍ମକର୍ତ୍ତାମାନେ ଆରୋପ ଉଠାଇଛନ୍ତି । ଏହି ପରିପ୍ରେକ୍ଷୀରେ ବିଜେପି ରାଜ୍ୟ ସମ୍ପାଦକ ମୁରଲୀ ମନୋହର ଶର୍ମା ଓ ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ ରିଟର୍ଣ୍ଣିଂ ଅଫିସର ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିନା ଅନୁମତିରେ ଏକାଧିକ ଗାଡ଼ି ବ୍ୟବହାର, ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ରାସ୍ତା ନିର୍ମାଣ, ବିଦ୍ୟୁତ୍ ଟ୍ରାନ୍ସଫର୍ମାର ସ୍ଥାପନ, ପାଣି ପାଇପ ସଂଯୋଗ ଆଦି ବିଜେଡି ପକ୍ଷରୁ ହୋଇଥିବା ଏକାଧିକ ଆଚରଣ ବିଧି ଉଲ୍ଲଂଘନ କାର୍ଯ୍ୟ ସମ୍ପର୍କରେ ସେମାନେ ଉପ-ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ତୁରନ୍ତ ଏ ବାବଦରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି ।

# ଦୃଢ଼ମନା ଓ ଦୂରଦର୍ଶୀ ନେତା ଥିଲେ ସର୍ଦ୍ଦାର ପଟେଲ : ରାଜ୍ୟପାଳ

♦ଆରଓବି ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ : ଏକତାର ମହାନ ସୂତ୍ରଧର ଶୀର୍ଷକ ୱେବିନାର ଅନୁଷ୍ଠିତ

♦ଷ୍ଟାଚ୍ୟୁ ଅଫ ୟୁନିଟି ସମଗ୍ର ବିଶ୍ୱକୁ ବିବିଧତାରେ ଏକତାର ବାର୍ତ୍ତା ଦେଉଛି




ଭୁବନେଶ୍ୱର,୩୧।୧୦ (ନି.ପ୍ର): ସର୍ଦ୍ଦାର ପଟେଲଙ୍କୁ ଲୌହପୁରୁଷ, ଆଇରନ ମ୍ୟାନ କୁହାଯାଉଥିଲା । କାରଣ ତାଙ୍କ ବ୍ୟକ୍ତିତ୍ୱରେ ଶକ୍ତି ତଥା ଦୃଢ଼ତା ପ୍ରକଟିତ ହୋଇଥିଲା । ଅନ୍ୟମାନଙ୍କ ପ୍ରତି ସର୍ଦ୍ଦାରଙ୍କ ମନରେ କୋମଳତା ରହିଥିଲେ ମଧ ବ୍ୟକ୍ତିଗତ ଭାବେ କୌଣସି ନିଷ୍ପତି ନେବା କ୍ଷେତ୍ରରେ ସେ ବେଶ ଦୃଢ଼ ଥିଲେ ବୋଲି କହିଛନ୍ତି ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ (ଆରଓବି) ଓଡ଼ିଶା ଶାଖା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ତଥା ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୫ତମ ଜୟନ୍ତୀ ଅବସରରେ ଆୟୋଜିତ ଦ୍ଧସର୍ଦ୍ଦାର ବଲ୍ଲଭ ଭାଇ ପଟେଲ : ଏକତାର ମହାନ ସୂତ୍ରଧର' ଶୀର୍ଷକ ୱେବିନାରରେ ରାଜ୍ୟପାଳ ଏହା କହିଥିଲେ । ଆଧୁନିକ ଅଖଣ୍ଡ ଭାରତର ନିର୍ମାତା ଲୌହପୁରୁଷଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ ଆହୁରି କହିଥିଲେ ଯେ ବର୍ଦ୍ଦୋଲିରେ ଯେଉଁ ସତ୍ୟାଗ୍ରହ ହୋଇଥିଲା, ସେଥିରେ ବ୍ରିଟିଶ ସାମ୍ରାଜ୍ୟବାଦୀ ଶାସକମାନେ ସେଠାକାର କୃଷକମାନଙ୍କ ଉପରେ ଲାଗୁ କରିଥିବା ଟିକସ ବୋଝକୁ ଉଚ୍ଛେଦ କରିବା ଦାବିରେ ଶାନ୍ତିପୂର୍ଣ୍ଣ ଭାବେ, ଅହିଂସା ମାର୍ଗରେ ସର୍ଦ୍ଦାର ପଟେଲ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଏଥିରେ ମିଳିଥିବା ସଫଳତା ପରେ ଦେଶର ଜନସାଧାରଣ ତାଙ୍କୁ ସର୍ଦ୍ଦାର ନାମରେ ସମ୍ବୋଧିତ କରିଥିଲେ । ଏବେ ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ଗୁଜରାଟର ସର୍ଦ୍ଦାର ସରୋବର ନଦୀବନ୍ଧ ନିକଟରେ ବିଶ୍ୱର ସବୁଠୁ ବଡ଼ ୧୮୨ ମିଟର ଉଚ୍ଚ ଷ୍ଟାଚ୍ୟୁ ଅଫ ୟୁନିଟିର ନିର୍ମାଣ କରାଯାଇଛି । ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିଛିବର୍ଷ ପୂର୍ବେ ଉଦଘାଟନ କରିଛନ୍ତି । ଅଖଣ୍ଡ ଭାରତର ରାଷ୍ଟ୍ର ନାୟକ ସର୍ଦ୍ଦାର ପଟେଲଙ୍କ ପ୍ରତି ଏହା ବାସ୍ତବ ଶ୍ରଦ୍ଧାଳି । ଷ୍ଟାଚ୍ୟୁ ଅଫ ୟୁନିଟି ସମଗ୍ର ବିଶ୍ୱକୁ ଆଉ ଏକ ବାର୍ତ୍ତା ଦେଉଛି । ତାହା ହେଉଛି ବିବିଧତା ମଧ୍ୟରେ ଏକତା । ବିଶ୍ୱର ସବୁ ରାଷ୍ଟ୍ର ପରସ୍ପର ସହ ମିଶି ଏକଜୁଟ ହୋଇ ରହିପାରିବେ । ସେମାନେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ କରି ତଥା ପରସ୍ପରର ସ୍ୱତନ୍ତ୍ର ପରିଚୟକୁ ସଂରକ୍ଷିତ କରି ବିଶ୍ୱ ହିତ ପାଇଁ ଏକତ୍ର ଭାବେ ବିକଶିତ ହୋଇପାରିବେ । ସର୍ଦ୍ଦାର ପଟେଲଙ୍କ ଷ୍ଟାଚ୍ୟୁ ଅଫ ୟୁନିଟି ପ୍ରତିମୂର୍ତ୍ତି ମାଧ୍ୟମରେ ମାନନୀୟ ପ୍ରଧାନମନ୍ତ୍ରୀ ସମଗ୍ର ବିଶ୍ୱକୁ ଏହି ବାର୍ତ୍ତା ଦେବା ଲାଗି ପ୍ରୟାସ କରୁଛନ୍ତି ବୋଲି ବୋଲି ରାଜ୍ୟପାଳ କହିଥିଲେ । ସର୍ଦ୍ଦାର ପଟେଲଙ୍କ ବ୍ୟକ୍ତିତ୍ୱ ବିଷୟରେ ବର୍ଣ୍ଣନା କରି ରାଜ୍ୟପାଳ ପୁଣି କହିଥିଲେ ଯେ ସର୍ଦ୍ଦାର ସାହାବଙ୍କ ମଧ୍ୟରେ ଛତ୍ରପତି ଶିବାଜୀଙ୍କ ଭଳି ଦୂରଦର୍ଶୀତା, କୌଟିଲ୍ୟଙ୍କ ଭଳି କୂଟନୈତିକ ବୁଦ୍ଧି ସମାହିତ ହୋଇ ରହିଥିଲା । ଭାରତୀୟ ପ୍ରଶାସନିକ ସେବାକୁ ସେ ରାଜଭକ୍ତିରୁ ରାଷ୍ଟ୍ରଭକ୍ତି ରୂପରେ ରୂପାନ୍ତରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ରାଜ୍ୟ ସୂଚନା କମିଶନର ଦିଲିପ କୁମାର ବିଶୋୟୀ କହିଥିଲେ ଯେ ଦେଶୀୟ ରାଜ୍ୟଗୁଡ଼ିକୁ ମୂଳ ଭୂଖଣ୍ଡ ସହିତ ମିଶାଇ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାର ପଟେଲଙ୍କ ପ୍ରମୁଖ ଭୂମିକା ରହିଥିଲା । ଭାରତୀୟ ପ୍ରଶାସନିକ ସେବାକୁ ସେ ସଂଗଠିତ କରିପାରିଥିଲେ । ଦେଶର ସ୍ୱାସ୍ଥ୍ୟ ବିଭାଗକୁ ମଧ ସେ ଦୃଢ଼ କରିଥିଲେ । ପଟେଲଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ନୂତନ ଭାରତ ଗଠନ କରିବା ଲାଗି ଦେଶବାସୀ ଆଗେଇ ଆସିବା ଉଚିତ ବୋଲି ଶ୍ରୀ ବିଶୋୟୀ କହିଥିଲେ । ଅନୁରୂପ ଭାବେ ଭୁବନେଶ୍ୱରସ୍ଥିତ ଆଂଚଳିକ ଶିକ୍ଷା ସଂସ୍ଥାନର ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇ ରାଷ୍ଟ୍ର ଏକତ୍ରୀକରଣ କ୍ଷେତ୍ରରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ବକ୍ତା ଭିମସାର, ସମ୍ବଲପୁର ଅବସରପ୍ରାପ୍ତ ପ୍ରାଧାପକ ଡା. ଶଶିକାନ୍ତ ମହାପାତ୍ର ସର୍ଦ୍ଦାର ପଟେଲଙ୍କ ରାଜନୈତିକ ଦୂରଦୃଷ୍ଟି ଓ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ । ଆରଓବିର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ସର୍ଦ୍ଦାର ପଟେଲଙ୍କ ଜୀବନାଦର୍ଶ ଏବଂ ରାଷ୍ଟ୍ରଗଠନରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ୱେବିନାରରେ ବହୁ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଅନଲକ୍ ୬.୦....

ମାସ ପାଇଁ ଅନଲକ ୬.୦ ମାର୍ଗଦର୍ଶିକା ଜାରି କରିବା ସହ ଏଥିରେ ରାଜ୍ୟରେ ମନ୍ଦିର ଓ ଅନ୍ୟ ଉପାସନାପୀଠଗୁଡ଼ିକୁ ଖୋଲିବା ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ନିଷ୍ପତି ନେବେ ବୋଲି କୁହା ଯାଇଛି । ମିଳିଥିବା ସୂଚନା ଅନୁସାରେ ଅନଲକ୍ ୬.୦ ମାର୍ଗଦର୍ଶିକାରେ କୁହାଯାଇଛି ଯେ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରମାନେ ସ୍ଥିତିର ସମୀକ୍ଷା କରି ଉପାସନାପୀଠଗୁଡ଼ିକୁ ଖୋଲିବା ସମ୍ପର୍କରେ ନିଷ୍ପତି ନେଇପାରିବେ । ନ ଏଥି ସହ ଜଡ଼ିତ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରି ଓ ପରିସ୍ଥିତିକୁ ଅନୁଧ୍ୟାନ କରି ଉପଯୁକ୍ତ କରୋନା କଟକଣା ପାଳନ ସହ ଉପସନାପୀଠ ଖୋଲିବା ସମ୍ପର୍କରେ ନିଷ୍ପତି ନେଇପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି । ଉଲ୍ଲେଖନୀୟ ଯେ କରୋନା ମହାମାରୀ ପାଇଁ ରାଜ୍ୟର ମନ୍ଦିର ଓ ଅନ୍ୟ ଉପାସନାପୀଠଗୁଡ଼ିକ ଦୀର୍ଘ ଦିନ ଧରି ବନ୍ଦ ରହିଥିବାରୁ ସେଗୁଡ଼ିକୁ ଯଥାଶୀଘ୍ର ଖୋଲିବାକୁ ସର୍ବସାଧାରଣରେ ଦାବି ହୋଇ ଆସୁଛି ।

## ରାଜ୍ୟରେ ଆଉ...

୪୮ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୬୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ। ସୁନ୍ଦରଗଡ ଜିଲ୍ଲାର ଜଣେ ୬୩ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ବିଜେପି ରାଷ୍ଟ୍ରୀୟ ...

ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଜନସାଧାରଣ ପୁଷ୍ପବୃଷ୍ଟି ଓ ହୁଳହୁଳି ସହ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏହି ରୋଡ଼ ସୋ'ରେ ଜନସମାଗମକୁ ଦେଖି ଶ୍ରୀ ପଣ୍ଡା ଚକିତ ହେବା ସହ ପ୍ରାର୍ଥୀ ମାନସଙ୍କ ବିଜୟକୁ ନେଇ ଦୃଢ଼ତା ପ୍ରକାଶ କରିଥିଲେ । ବାଲେଶ୍ୱରବାସୀଙ୍କ ଭାବନାକୁ ଉପେକ୍ଷା ସହ ଦିବଂଗତ ବିଧାୟକଙ୍କ ସମ୍ପର୍କରେ ବିଜେଡି ନେତା-ମନ୍ତ୍ରୀ ଦେଉଥିବା ଅମାନବୀୟ ମନ୍ତବ୍ୟ ବାସ୍ତବିକ୍ ଗର୍ବ- ଅହଙ୍କାରର ପ୍ରତିଫଳନ ବୋଲି ସେ କହିଛନ୍ତି । ଏହାର ବିଚାର ବାଲେଶ୍ୱରବାସୀ କରିବା ସହ ଏହି ଉପ-ନିର୍ବାଚନର ଫଳାଫଳ ସମଗ୍ର ଓଡ଼ିଶାକୁ ଏକ ନୂଆ ବାର୍ତ୍ତା ଦେବ ଓ ରାଜ୍ୟ ରାଜନୀତିକୁ ପ୍ରଭାବିତ କରିବ ବୋଲି ଶ୍ରୀ ପଣ୍ଡା ଆଶା ପ୍ରକାଶ କରିଛନ୍ତି ।

## ଗୋଟିଏ ଦିନରେ ୧୪୭୦...

ଜିଲ୍ଲାରେ ୮, ଗଂଜାମ ଜିଲ୍ଲାରେ ୨୨, ଜଗତସିଂହପୁର ଜିଲ୍ଲାରେ ୭୬, ଯାଜପୁର ଜିଲ୍ଲାରେ ୪୨ . ଝାରସୁଗୁଡା ଜିଲ୍ଲାରେ ୩୯, କଳାହାଣ୍ଡି ଜିଲ୍ଲାରେ ୩୧, କନ୍ଧମାଳ ଜିଲ୍ଲାରେ ୧୧, କେନ୍ଦ୍ରାପଡା ଜିଲ୍ଲାରେ ୭୫ ,କେନ୍ଦୁଝର ଜିଲ୍ଲାରେ ୫୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨୪ ଜଣ, ମାଲକାନଗିରି ଜିଲ୍ଲାରେ ୨୫, ମୟୁରଭଂଜ ଜିଲ୍ଲାରେ ୫୦, ନବରଙ୍ଗପୁରରେ ୩୪, ନୟାଗଡ ଜିଲ୍ଲାରେ ୩୧, ନୂଆପଡା ଜିଲ୍ଲାରେ ୬୧, ପୁରୀ ଜିଲ୍ଲାରେ ୬୪, ରାୟଗଡା ଜିଲ୍ଲାରେ ୧୩, ସମ୍ବଲପୁର ଜିଲ୍ଲାରେ ୩୪ ,ସୋନପୁର ଜିଲ୍ଲାରେ ୨୭ ତଥା ସୁନ୍ଦରଗଡ ଜିଲ୍ଲାରେ ୧୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୩୦ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ନରେନ୍ଦ୍ର ମୋଦି ଓ ନବୀନ ...

ନେଲେ ତେବେ ଅନ୍ୟ ୧୪୫ଟିର ଦାୟିତ୍ୱ କାହାର ? ଏପରି ଭାବରେ ସେ ବିଜେପୁରରେ ମଧ ପ୍ରଚାର କରିଥିଲେ । ସେଠାରେ କେତେ ପ୍ରତିଶ୍ରୁତି ରଖି ଦାୟିତ୍ୱ ନେଇଥିଲେ ସେକଥା ସେଠାକାର ଲୋକଙ୍କୁ ପଚାରିଲେ ସେମାନେ କହିବେ । ନିଜେ ସୁରକ୍ଷିତ ରହି ଶହଶହ ଲୋକଙ୍କୁ ଡାକି ଭର୍ଚୁଆଲ ର୍ୟାଲି କରି ସେମାନଙ୍କୁ କ'ଣ ବିପଦକୁ ଠେଲି ଦେଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ସେହିଭଳି ମୋଦି ମହାଶୟଙ୍କର ପ୍ରତଶ୍ରୁତିର ମଧ ଲମ୍ବା ତାଲିକା ରହିଛି । ତେବେ ସଂକ୍ଷେପରେ ସେ ଏତିକି କହିଛନ୍ତି ଯେ ଚାଇନା ପଟୁ ଇଂଚେ ସୁଦ୍ଧା ଭାରତ ଭୂମିକୁ ମାଡ଼ିନାହିଁ ବୋଲି ସେମାନେ କହୁଛନ୍ତି । ଲଦାକ୍‌ରେ ଯାଇ ଆମେ ପଚାରିବାକି ପ୍ରକୃତରେ ଚାଇନା କେତେ ମାଡ଼ିଆସିଛି ତାହା ଜଣାପଡ଼ିବ ଏକଥା ଭାରତବାସୀ ଜାଣିସାରିଲେଣି । ବନ୍ଧୁଗଣ, ଏପରି ଅସତ୍ୟ କଥା ଓ ଅସତ୍ୟ ପ୍ରତିଶ୍ରୁତି ଦେଇ ସେ ଭୋଟ ନେବାରେ ଯେଉଁ ନିପୁଣତା ହାସଲ କରିଛନ୍ତି ଆଜି ତା'ର ଉଚିତ୍ ଜବାବ ଦେବାପାଇଁ ସମୟ ଆସିଛି । ନିବେଦନ କରୁଛି ବାଲେଶ୍ୱରବାସୀ ଓ ତିର୍ତ୍ତୋଲବାସୀ ତାର ଉଚିତ୍ ଜବାବ ଦେବେ ଓ ଭବିଷ୍ୟତରେ ପରିବର୍ତ୍ତନର ଏକମୂଳଦୁଆ ତିର୍ତ୍ତୋଲ ବାଲେଶ୍ୱର ଠାରୁ ଆରମ୍ଭ କରି ଭାରତ ବର୍ଷର ଓ ଓଡ଼ିଶାର ଉପକାର କରିବେ ଏବଂ ଆସନ୍ତା ୩ ତାରିଖ ଉପନିର୍ବାଚନରେ ହାତଚିହ୍ନରେ ମୋହର ଦେଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାପାଇଁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି ।

## ବିଜୁ ମହିଳା ଜନତା ...

ଶ୍ରୀମତୀ ଜେନାଙ୍କ ନେତୃତ୍ୱରେ ବିଜୁ ମହିଳା ଜନତା ଦଳର ଏକ ବିଶାଳ ଶୋଭାଯାତ୍ରା ଆଜି ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା । ଓଟିରୋଡ଼୍‌ସ୍ଥିତ ବିଜେଡି ଜିଲ୍ଲା କାର୍ଯ୍ୟାଳୟରୁ ଏହି ସ୍କୁଟି ର୍ୟାଲି ବାହାରି ଷ୍ଟେସନଛକ, ଫକୀର ମୋହନ ଗୋଲେଇ ଫାଣ୍ଡିଛକ, କଚେରିବଜାର, ସିନେମାଛକ, ମୋତିଗଞ୍ଜ ଦେଇ ସମ୍ପୂର୍ଣ୍ଣ ବାଲେଶ୍ୱର ସହର ପରିକ୍ରମା କରିଥିଲା । ଶ୍ରୀମତୀ ଜେନାଙ୍କ ସମେତ ରାଜ୍ୟ ବିଜୁ ଯୁବ ଜନତା ଦଳର ମହାସଚିବ ଏଲିନା ଦାସ, ଟାଉନ ବିଜେଡି ମହିଳା ସଭାପତି ରଂଜିତା ମହାପାତ୍ର, ବିଜେଡି ଜିଲ୍ଲା ସଭାପତି ଶ୍ରୀ ଜେନା, ରାଜ୍ୟ ଉପ-ସଭାପତି ଦେବୀ ପ୍ରସାଦ ମିଶ୍ର, ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ପ୍ରମୁଖ ଶୋଭାଯାତ୍ରାକୁ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ ।

# ପ୍ରଦେଶ କଂଗ୍ରେସ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜୟନ୍ତୀ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ଭୁବନେଶ୍ୱର ,୩୧।୧୦ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଜୟନ୍ତୀ ଉତ୍ସବ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ତିରୋଧାନ ଦିବସ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଇନ୍ଦିରା ଗାନ୍ଧୀ ପାର୍କ ସ୍ଥିତ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ନେତୃବୃନ୍ଦ କଂଗ୍ରେସ ଭବନ ପରିସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ ।

ଏହି ସମସ୍ତ କାର୍ଯ୍ୟକ୍ରମରେ ନିଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶରତ ପଟ୍ଟନାୟକ, ରାମଚନ୍ଦ୍ରୟ ଖୁଂଟିଆ, ସୁରେଶ କୁମାର ରାଉତରା, ସନ୍ତୋଷ ସିଂ ସାଲୁଜା, ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ଅମୀୟ କୁମାର ପଟ୍ଟନାୟକ, ମନୋରଞ୍ଜନ ଦାସ, ଚିନ୍ମୟ ସୁନ୍ଦର ଦାସ, ବିଶ୍ୱଜିତ ଦାସ, ଜ୍ୟୋତିଷ ସାହୁ, କନକ ଲତା ମଲ୍ଲିକ, ଜୟକୃଷ୍ଣ ମଲ୍ଲିଆ, ମୋହନ ଜେନା, ଲିଙ୍ଗରାଜ ସାହୁ, ରସିକ ପଟ୍ଟନାୟକ, ଦୀପକ ସାହୁ, ମହମ୍ମଦ ସାହାଦୁଲ୍ଲା, ସଂଜୟ ତ୍ରିପାଠୀ, ବିକ୍ରମ ସାହୁ, ଦୀପକ ମହାପାତ୍ର, ମନୋଜ ନାୟକ, ଆଲୋକ ମହାନ୍ତି, ସଂଜୟ ମିଶ୍ର, ଖଗେଶ୍ୱର ମଲ୍ଲିକ, ତାପସ ସେଠୀ, ଦେବେନ୍ଦ୍ର ଦାସ, ପ୍ରଶନ୍ନ ପାଇକରାୟ, ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶ୍ରର୍ଦ୍ଧାସୁମନ ଅର୍ପଣ କରିଥିଲେ ।

# ଆଜି ଭିଡ଼ିଓରେ ମାଲକାନଗିରିର ବଣ୍ଡା ଜନଜାତି

ଭୁବନେଶ୍ୱର,୩୧।୧୦ (ନି.ପ୍ର): ଆଜି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଭର୍ଚୁଆଲ୍ ଟୁର୍ରେ ଦର୍ଶକମାନେ ଏସ୍ଏସିଏସ୍ଟିଆର୍ଟିଆଇ ପରିସରରେ ଥିବା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଦେଖିପାରିବେ । ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଅଟ୍ଟମଟ୍ଟଟ୍ଟକ୍ଟଟ୍ଟସ, ଅଟ୍ଟଟ୍ଟଟ୍ଟମୟରଙ୍ଗ ଖୋଲି ଘରେ ବସି ଦର୍ଶକମାନେ ଭିଡ଼ିଓରେ ମାଲକାନଗିରିର 'ବଣ୍ଡା' ଜନଜାତିଙ୍କ ଅନନ୍ୟ ଜୀବନଶୈଳୀ, ସଂସ୍କୃତି, ପରମ୍ପରା ଆଦି ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ବଣ୍ଡା ଜନଜାତିର ଲୋକମାନେ ମାଲକାନଗିରି ଜିଲ୍ଲାରେ କୋନ୍‌ଡାକାମ୍‌ବେରୁ ପର୍ବତାଞ୍ଚଳର ଦୁର୍ଗମ ସ୍ଥାନରେ ବସବାସ କରିଥା'ନ୍ତି । 'ବଣ୍ଡା' ଜନଜାତି 'ମୁଣ୍ଡା' ଭାଷାରେ କଥା ହୁଅନ୍ତି । ହସ୍ତତନ୍ତ ଲୁଗା ବୁଣିବା, ମାଳିର ହାର ତିଆରି କରିବା, କାର୍ପେଟ ବୁଣିବା, ଝାଡୁ ତିଆରି କରିବା, ଚାଷ କରିବା ସହିତ ଶିକାର କରିବା 'ବଣ୍ଡା' ଜନଜାତିଙ୍କର ମୁଖ୍ୟ ପେଶା । ସେମାନେ ମଧ ପଶୁପାଳନ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥା'ନ୍ତି । 'ବଣ୍ଡା' ଜନଜାତି ମହିଳାମାନେ ସେମାନଙ୍କର ଅନନ୍ୟ ବେଶପୋଷାକ ଓ ଲଣ୍ଡିତ ମସ୍ତକ ପାଇଁ ବିଶ୍ୱରେ ବେଶ୍ ଜଣାଶୁଣା । ମହିଳାମାନେ 'ରିଙ୍ଗା' ନାମରେ ନାମିତ ରଙ୍ଗବେରଙ୍ଗର ସ୍କାର୍ଟ ପରିଧାନ କରିଥାନ୍ତି ଯାହାକି 'କେରାଙ୍ଗ' ତନ୍ତୁରେ ପ୍ରସ୍ତୁତ କରାଯାଇଥାଏ । 'ବଣ୍ଡା' ଜନଜାତିଙ୍କର ବ୍ୟକ୍ତିତ୍ୱ ବିଶ୍ୱର ଅନ୍ୟମାନଙ୍କଠାରୁ ଭିନ୍ନ । 'ବଣ୍ଡା' ପୁରୁଷମାନେ ସଂକୀର୍ଣ୍ଣ ଲିଓନ୍ କପଡ଼ାର ପୋଷାକ ପରିଧାନ କରିଥା'ନ୍ତି । 'ବଣ୍ଡା' ମହିଳାମାନଙ୍କର ସାଜସଜ୍ଜା ଅନନ୍ୟ ଓ ଅଭିନ୍ନ । ସେମାନେ ଶରୀରର ଉପର ଭାଗକୁ ମାଳି ଓ ପିତ୍ତଳ ମାଳାରେ ଆଚ୍ଛାଦିତ କରିଥା'ନ୍ତି । 'ବଣ୍ଡା' ଗ୍ରାମଗୁଡ଼ିକ ପାରମ୍ପରିକ ଭାବେ ସ୍ୱୟଂଶାସିତ । ଗ୍ରାମର ମୁଖ୍ୟ 'ନାଏକ', ଗ୍ରାମସଭାର ସଂଗଠକ 'ଚାଲାଣ', ଗ୍ରାମ ବାର୍ତ୍ତାବହ 'ବାରିକ', ବ ଣ୍ଡା ସମାଜର ସାମାଜିକ ଶୃଙ୍ଖଳାକୁ ପରିଚାଳନା କରିଥା'; । ନୃତ୍ୟ ଓ ସଂଗୀତ 'ବଣ୍ଡା' ଜୀବନଶୈଳୀର ଏକ ମୁଖ୍ୟ ଅଂଶ । 'ବଣ୍ଡା' ଜନଜାତିମାନେ ପ୍ରକୃତିର ଉପାସକ । ସେମାନେ ବିଭିନ୍ନ ଦେବାଦେବୀଙ୍କୁ ପ୍ରକୃତିର ନାମ ଅନୁସାରେ ନାମିତ କରିଥା'ନ୍ତି । ପୃଥିବୀର ସୃଷ୍ଟିକର୍ତ୍ତା-'ପାଟଖଣ୍ଡ, ମାପରାଭୁ', ପ୍ରକୃତି ମାତା ତଥା ଗ୍ରାମଦେବୀ-'ର୍ବସୁଙ୍ଗ', ଝରଣାମାତା-'କାପୁରଚୁଆନ୍', ଗୋଶାଳା ଦେବୀ-ର୍ଧତାନି, ଜଙ୍ଗଲଦେବୀ-'ଯୁଗ ଓରେଣ୍ଡୁମୁଁଗର୍ବୋ', ଆମ୍ବଗଛର ଆତ୍ମା-'ଦୋଲିଆଙ୍ଗ୍', ଧାନକ୍ଷେତର ଆତ୍ମା-'କାଳିଆରାଣୀ', ବାଦ୍ୟଯନ୍ତ୍ରର ଆତ୍ମା-'ଭିନ୍‌ଡିଙ୍ଗସାଗର' ଆଦିଙ୍କୁ ପୂଜା କରିଥାନ୍ତି । ଗ୍ରାମର ପୂଜକ ଦେବତାମାନଙ୍କୁ ପୂଜା କରିଥାନ୍ତି ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୩୧।୧୦ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୧୭୦ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୮୬୧୬ ହୋଇଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୮,୦୮୭, ବାଲେଶ୍ୱର ଜିଲ୍ଲାରେ ୧୦,୨୬୩, ବରଗଡ ଜିଲ୍ଲାରେ ୮,୬୨୯, ଭଦ୍ରକ ଜିଲ୍ଲାରେ ୬,୭୪୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୬,୭୪୯ . ବୌଦ୍ଧ ଜିଲ୍ଲାରେ ୨,୫୭୨, କଟକ ଜିଲ୍ଲାରେ ୨୫,୮୯୮, ଦେବଗଡ ଜିଲ୍ଲାରେ ୧,୦୫୩, ଢେଙ୍କାନାଳ ଜିଲ୍ଲାରେ ୫,୦୯୧ . ଗଜପତି ଜିଲ୍ଲାରେ ୩,୮୫୬, ଗଂଜାମ ଜିଲ୍ଲାରେ ୨୧,୧୬୯ , ଜଗତସିଂହପୁର ଜିଲ୍ଲାରେ ୭,୫୫୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୧୦,୮୫୪ , ଝାରସୁଗୁଡା ଜିଲ୍ଲାରେ ୬,୩୭୨, କଳାହାଣ୍ଡି ଜିଲ୍ଲାରେ ୫,୧୫୬, କନ୍ଧମାଳ ୫,୬୪୮, କେନ୍ଦ୍ରାପଡା ଜିଲ୍ଲାରେ ୭,୫୯୧, କେନ୍ଦୁଝର ଜିଲ୍ଲାରେ ୬,୩୨୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୭,୩୬୯ , ମାଲକାନଗିରି ଜିଲ୍ଲାରେ ୪,୮୩୭, ମୟୁରଭଂଜ ଜିଲ୍ଲାରେ ୧୧,୩୩୨. ନବରଙ୍ଗପୁର ଜିଲ୍ଲାରେ ୫,୨୭୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ’ ନୟାଗଡ ଜିଲ୍ଲାରେ ୫,୯୯୪, ନୂଆପଡା ଜିଲ୍ଲାରେ ୫,୬୧୩ , ପୁରୀ ଜିଲ୍ଲାରେ ୧୨,୫୨୭ ରାୟଗଡା ଜିଲ୍ଲାରେ ୮,୦୮୨. ସମ୍ବଲପୁର ଜିଲ୍ଲାରେ ୭,୯୬୮ . ସୁବର୍ଣ୍ଣପୁର ଜିଲ୍ଲାରେ ୪,୪୩୦ ଓ ସୁନ୍ଦରଗଡ ଜିଲ୍ଲାରେ ୧୧,୦୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭,୪୭୩ ହୋଇଛି ।

## ଜିଲ୍ଲାରୁ ଚିହ୍ନଟ ହେଲେ ଆଉ ୧୯ଜଣ କରୋନା ଆକ୍ରାନ୍ତ

ଭଦ୍ରକ,୩୧।୧୦ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୧୯ଜଣ ଚିହ୍ନଟ ହୋଇଛନ୍ତି। ଏବେ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬ହଜାର ୭୩୨ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ୬ ହଜାର ୪୦୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ସାରିଛନ୍ତି। ଜିଲ୍ଲାରୁ ମୋଟ ୧ ଲକ୍ଷ ୨୩ ହଜାର ୬୩୩ଜଣଙ୍କର ନମୁନା ପରୀକ୍ଷା କରାଯାଇଛି। ଏବେ ୩୦୭ଜଣ ଆକ୍ରାନ୍ତ ସକ୍ରିୟ ଭାବେ ଚିକିତ୍ସିତ ହେଉଛନ୍ତି। ନୂତନ ଚିହ୍ନଟ ୧୯ଜଣ ଆକ୍ରାନ୍ତଙ୍କ ମଧ୍ୟରେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୫ଜଣ, ବନ୍ତ ବ୍ଲକର ୨ଜଣ, ଭଣ୍ଡାରିପୋଖରୀ ବ୍ଲକର ଜଣେ, ଚାନ୍ଦବାଲି ବ୍ଲକର ଜଣେ, ଚାନ୍ଦବାଲି ଏନ୍ଏସିର ଜଣେ, ଧାମନଗର ବ୍ଲକର ୨ଜଣ, ଅନ୍ୟ ଜିଲ୍ଲାର ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ୧୯ ବର୍ଷଧରି ବାଲେଶ୍ୱର ବିକାଶ ଦାୟିତ୍ୱ କାହାର ଥିଲା : ଗୋଳକ




ବାଲେଶ୍ୱର,୩୧।୧୧ (ନି.ପ୍ର): ବାଲେଶ୍ୱର ବିକାଶ ଦାୟିତ୍ୱ ନିଜେ ନେବେ ବୋଲି ଭର୍ଚୁଆଲ ମିଟିଂରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିଜେପି ରାଜ୍ୟ ସମ୍ପାଦକ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଗୋଲକ ମହାପାତ୍ର। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ବିକାଶର ପରିଭାଷା ସମ୍ପର୍କରେ ତୀବ୍ର ସମାଲୋଚନା କରିଥିଲେ। ରାଜ୍ୟରେ ନବୀନ ସରକାରଙ୍କ ଶାସନ ୫ମ ପାଳିରେ ପହଞ୍ଚିଥିବା ବେଳେ ଦୀର୍ଘବର୍ଷ ଧରି ବାଲେଶ୍ୱରର ବିକାଶ ଦାୟିତ୍ୱ କାହା ହାତରେ ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବାଲେଶ୍ୱର ସାଂସଦ ଓ ଜିଲ୍ଲାର ୨ ଜଣ ବିଧାୟକ ମାତ୍ର ଦେଢ଼ ବର୍ଷ କ୍ଷମତାରେ ଥିଲେ। ତା’ ପୂର୍ବରୁ ବିଜେଡିକୁ ଜିଲ୍ଲାବାସୀ ବିପୁଳ ସମର୍ଥନ ଦେଇଆସିଛନ୍ତି। ମାତ୍ର ଏଇ ଦୀର୍ଘ ବର୍ଷରେ ଜିଲ୍ଲାବାସୀ ରାଜ୍ୟସରକାରଙ୍କଠାରୁ ପାଇଛନ୍ତି କ’ଣ। ଜିଲ୍ଲାର ଆର୍ଥିକ ବିକାଶରେ ମୁଖ୍ୟଭୂମିକା ଗ୍ରହଣ କରିଥିବା ବାଲେଶ୍ୱରର ବହୁ ବଡ଼ବଡ଼ ଶିକ୍ଷାନୁଷ୍ଠାନ ଏବେ ବନ୍ଦ ହେବାକୁ ବସିଛି। ୭ କୋଟି ଟଙ୍କାର ସିଟିବସ୍ ଖତ ଖାଉଛି। ଜିଲ୍ଲାର କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ ପ୍ରଭୃତି ବିଭାଗର ଦୟନୀୟ ଅବସ୍ଥା ସାଙ୍ଗକୁ ଜିଲ୍ଲାରେ ବେଆଇନ ନିଶାକାରବାର ବଢ଼ି ବଢ଼ି ଚାଲିଛି। ସଦର ମହକୁମାର ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ସରକାର ଓ ପ୍ରଶାସନ ବିଫଳ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଆଉ କି ବିକାଶର ଛବି ବାଲେଶ୍ୱରବାସୀଙ୍କୁ ଦେଖାଇବେ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ଦୀର୍ଘଦିନ ପରେ ଉପ-ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀଙ୍କର ବାଲେଶ୍ୱର କଥା ମନେପଡ଼ିଲା। ଜିଲ୍ଲା ପ୍ରତି ହେଉଥିବା ଅବହେଳା ବିଶ୍ୱାସଘାତକୁ ବାଲେଶ୍ୱରବାସୀ କେବେ କ୍ଷମା କରିବେ ନାହିଁ। ବରଂ ଆସନ୍ତା ୩ ତାରିଖରେ ଜିଲ୍ଲାର ଚିନ୍ତାଶୀଳ ଭୋଟର ଉଚିତ ଜବାବ ଦେବେ ବୋଲି ଶ୍ରୀ ମହାପାତ୍ର ଏହି ସମ୍ବାଦିକ ସମ୍ମିଳନୀରେ ଆଶା ପ୍ରକାଶ କରିଛନ୍ତି।

ନାମଲେଖା ଚାଲିଛି

“ସା ବିଦ୍ୟା ଯା ବିମୁକ୍ତୟେ”

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ଏସଓପି ପ୍ରସ୍ତୁତି ପରେ ପାଠପଢା ଆରମ୍ଭ ନେଇ ତାରିଖ ଘୋଷଣା ହେବ : ଗଣଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୩୧।୧୦ (ନି.ପ୍ର): ଓଡ଼ିଶା ସରକାର କେତେକ କଟକଣା ସହ ଆସନ୍ତା ନଭେମ୍ବର ୧୬ ପରେ ୯ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବାକୁ ନିଜର ଅନଲକ ୬.୦ ଗାଇଡଲାଇନରେ ସୂଚନା ଦେବା ପରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କହିଛନ୍ତି ଯେ ଏସଓପି ପ୍ରସ୍ତୁତି ପରେ ପାଠପଢା ଆରମ୍ଭ ନେଇ ତାରିଖ ଘୋଷଣା ହେବ। ସେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି ଯେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଦ୍ୱାରା ଜାରି ଗାଇଡଲାଇନ ସଂପର୍କରେ ସେ ଅବଗତ ଅଛନ୍ତି। ଗାଇଡଲାଇନରେ ନଭେମ୍ବର ୧୬ରୁ ୯ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଲାଗି ସ୍କୁଲ୍ ଖୋଲିବାକୁ କୁହାଯାଇଛି । ଏଥିପାଇଁ ବିଭାଗ ପ୍ରସ୍ତୁତ ରହିଛି । ତେବେ ସ୍କୁଲ ଖୋଲିବା ନେଇ ମାନକ କାର୍ଯ୍ୟବିଧି ବା ଏସଓପି ପ୍ରସ୍ତୁତି ଲାଗି ସମସ୍ତ ପକ୍ଷଙ୍କ ସହ ଆଲୋଚନା କରିବାକୁ ସେ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏସଓପି ପ୍ରସ୍ତୁତି ପରେ କେଉଁ ତାରିଖରୁ ପାଠପଢା ଆରମ୍ଭ ହେବ ସେ ସମ୍ପର୍କରେ ଖୁବଶୀଘ୍ର ଘୋଷଣା କରାଯିବ ।

# ଖଇରାରେ ଖୋଲିଲା ଆଧାର ସଂଶୋଧନ କେନ୍ଦ୍ର




ଖଇରା,୩୧।୧୦ (ନି.ପ୍ର): ଖଇରା ପଞ୍ଚାୟତ ଆଳଦା ସ୍ଥିତ ସବରେଜିଷ୍ଟର ଅଫିସ ନିକଟରେ ଥିବା ଜନସେବା କେନ୍ଦ୍ରରେ ଆଧାର ସଂଶୋଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସାମାଜସେବୀ ରାଧାଶ୍ୟାମ ପଣ୍ଡା ଉଦ୍‌ଘାଟନ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ଜନସେବା କେନ୍ଦ୍ରର ଜିଲା ମୁଖ୍ୟ ଚିରଂଜୀବି ନାୟକ ଯୋଗ ଦେଇ ଏହି କେନ୍ଦ୍ର ମାଧ୍ୟମରେ ଜନସାଧାରଣ ସହଜରେ ତାଙ୍କର ଆଧାର କାର୍ଡ ସହଜରେ ସଂଶୋଧନ କରିପାରିବେବୋଲି ପ୍ରକାଶ କରିଥିଲେ । ଆଗରୁ ଜନସାଧାରଣ ଆଧାର ସଂଶୋଧନ ପାଇଁ ବହୁତ ଅସୁବିଧାରେ ସମ୍ମୁଖିନ ହେଉଥିବାରୁ ଏବେ ଏହି କେନ୍ଦ୍ର ମାଧ୍ୟମରେ ସହଜରେ ଆଧାର ସଂଶୋଧନ କରିପାରିବେ ବୋଲି ଜନସେବା କେନ୍ଦ୍ରର ମୁଖ୍ୟ ଧନଞ୍ଜୟ ପଣ୍ଡା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବୀପଦ୍ମା ପାଣି, ଶୁଶାନ୍ତ କୁମାର ଶଙ୍ଖୁଆ, ସବିତା ସେଣ୍ଠ, ନରୋତ୍ତମ ଦାସ ଯୋଗ ଦେଇଥିଲେ ।

# ବିଏମ୍ଏସ୍ ରାଷ୍ଟ୍ରିୟ ସଂଗଠନ ସମ୍ପାଦକଙ୍କୁ ପଶ୍ଚିମବଙ୍ଗରେ ଆକ୍ରମଣ

## ବିଏମ୍ଏସ୍‌ର ବିକ୍ଷୋଭ, ମମତା ବାନାର୍ଜୀଙ୍କ କୁଶପୁତ୍ତଳା ଦାହ




ଭଦ୍ରକ,୩୧।୧୦ (ନି.ପ୍ର): ଗତ ୨୮ ତାରିଖରେ ଭାରତୀୟ ମଜଦୁର ସଂଘର ରାଷ୍ଟ୍ରିୟ ସଂଗଠନ ସମ୍ପାଦକ ତଥା ଆସାମ, ଓଡ଼ିଶା ଓ ପଶ୍ଚିମବଙ୍ଗର ପ୍ରଭାରୀ ଥିବା ଗଣେଶ ମିଶ୍ର। ଓ ତାଙ୍କ ସହଯୋଗୀଙ୍କୁ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସର ସମର୍ଥକମାନେ ମରଣାନ୍ତକ ଆକ୍ରମଣ କରିଥିଲେ। କେନ୍ଦ୍ର ସରକାରଙ୍କ ନୂତନ ଶ୍ରମ ଆଇନ ବିରୁଦ୍ଧରେ ଦେଶବ୍ୟାପୀ ହେଉଥିବା ପ୍ରତିବାଦ ସଭା ଓ ଆନ୍ଦୋଳନ ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗର ମେଦିନିପୁର ଜିଲ୍ଲା ନନ୍ଦୀଗ୍ରାମ ଠାରେ ହେଉଥିବା ପ୍ରତିବାଦ ସଭା ସ୍ଥଳରେ ତୃଣମୂଳ କଂଗ୍ରେସର ସମର୍ଥକମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ମିଶ୍ରାଙ୍କ ସହିତ ତାଙ୍କ ସହଯୋଗୀ ଗୁରୁତର ଭାବେ ଆହତ ହୋଇଥିଲେ। ଏହି ଘଟଣାର ପ୍ରତିବାଦରେ ଆଜି ଭଦ୍ରକ ଜିଲ୍ଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ବିକ୍ଷୋଭ କରାଯିବା ସହ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସର ମୁଖ୍ୟ ମମତା ବାନାର୍ଜୀଙ୍କ କୁଶପୁତ୍ତଳା ଦାହ କରାଯାଇଥିଲା। ଏଥିରେ ବିଏମ୍ଏସ୍‌ର ରାଜ୍ୟ ଉପସାଧାରଣ ସମ୍ପାଦକ ଶାନ୍ତନୁ ମହାପାତ୍ର ଯୋଗ ଦେଇ ପଶ୍ଚିମବଙ୍ଗ ସରକାରଙ୍କ ପୋଷା ଗୁଣ୍ଡାଙ୍କ ଏଭଳି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ। ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରାଯାଉ ନହେଲେ ଭାରତୀୟ ମଜଦୁର ସଂଘ ଦେଶବ୍ୟାପୀ ଆନ୍ଦୋଳନ କରିବା ସହିତ ପଶ୍ଚିମବଙ୍ଗ ସରକାରକୁ ଅଚଳ କରିଦେବ ବୋଲି ଚେତାବନୀ ଦେଇଥିଲେ। ବିଏମ୍ଏସ୍‌ର ଜିଲ୍ଲା ସଭାପତି ମନୋଜ ବସନ୍ତ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସମ୍ପାଦକ ମୁକ୍ତିକାନ୍ତ ସାହୁ, ସଂଗଠନ ସମ୍ପାଦକ ପରେଶ ନାଥ ଧଳ, ଜିଲ୍ଲା ଉପସଭାପତି ବସନ୍ତ ରାଉତ ପ୍ରମୁଖ ବକ୍ତବ୍ୟ ରଖି ପଶ୍ଚିମବଙ୍ଗ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ। ଏହାପୂର୍ବରୁ ସଂଘର ବରିଷ୍ଠ କର୍ମକର୍ତ୍ତା କମଳାକାନ୍ତ ସାହୁ, ବିଜୟ ପାଣି, ଯୁବ ସଂଗଠକ ଜ୍ୟୋତିପ୍ରକାଶ ଦାସ, ଜାଭେଦ୍ କାଦ୍ରୀ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଶୋଭାଯାତ୍ରା ବିଏମ୍ଏସ୍ ଜିଲ୍ଲା କାର୍ଯ୍ୟାଳୟ ମାଳତୀ ଭବନ ଠାରୁ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଯାଇଥିଲା।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୦୩ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୩୧।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୦୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୫୪୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୭୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସରେ ପାରାଦ୍ୱୀପ ବନ୍ଦର ପକ୍ଷରୁ ରାଷ୍ଟ୍ରିୟ ଏକତା ଦିବସ ପାଳିତ




ପାରାଦ୍ୱୀପ ,୩୧।୧୦ (ନି.ପ୍ର): ଅକ୍ଟୋବର ୩୧ତାରିଖ ସରଦାର ବଲ୍ଲଭଭାଇଙ୍କ ଜନ୍ମ ବାର୍ଷିକୀ ସାରାଦେଶରେ ରାଷ୍ଟ୍ରିୟ ଏକତା ଦିବସ ରୂପେ ପାଳିତ ହୋଇଥାଏ । ଏହି ଅବସରରେ ସମସ୍ତ କୋଭିଡ୍ ଗାଇଡ୍‌ଲାଇନ୍ ଅନୁସରଣ ପୂର୍ବକ ପାରାଦ୍ୱୀପ ବନ୍ଦର ପକ୍ଷରୁ ଶନିବାର ଦିନ ରାଷ୍ଟ୍ରିୟ ଏକତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରଏଙ୍କ ସମେତ ବନ୍ଦରର ଅନ୍ୟ ଉଚ୍ଚ ଅଧିକାରୀ ମାନେ ସରଦାର ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହାପରେ କେନ୍ଦ୍ର ଜାହାଜ ମନ୍ତ୍ରଣାଳୟ ସଚିବ ଡ. ସୀବ ରନ ଙ୍କ ନେତୃତ୍ୱରେ ଭିଡିଓ କନଫରେନ୍ସିଂ ମାଧମରେ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂନ୍ଧ୍ୟାରେ ଗୋପବନ୍ଧୁ ଷ୍ଟାଡିୟମ ଠାରେ ବନ୍ଦର ସିଆଇଏସ୍ଏଫ୍ ଯବାନଙ୍କ ଦ୍ୱାରା ଆୟୋଜିତ ଏକ ପ୍ୟାରେଡ୍‌ରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରଏ ଅଭିବାଦନ ଗ୍ରହଣ କରିଥିଲେ ।

# ରାୟଗଡା-ହାଓ୍ୱଡା-ଜଗଦଲପୁର-ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ ଦୁର୍ଘଟଣା ମାମଲାରେ ୨ ଷ୍ଟେସନ ପରିଚାଳକ ବହିଷ୍କୃତ




ରାୟଗଡ଼ା,୩୧।୧୦ (ନି.ପ୍ର): ରାୟଗଡ଼ା-ହାଓ୍ୱଡା-ଜଗଦଲପୁର-ସମଲେଶ୍ୱରୀ ଏକ୍ସପ୍ରେସ ଟ୍ରେନ ଓ ଟାଓ୍ୱାର କାର ମଧ୍ୟରେ ଯେଉଁ ଦୁର୍ଘଟଣା ୨୦୧୯ ମସିହା ଜୁନ ମାସରେ ହୋଇଥିଲା ତାହାର ତଦନ୍ତ ପରେ ବିଭାଗୀୟ ଅଧିକାରୀଙ୍କ ଆଦେଶ ଅନୁଯାୟୀ କେଉଟଗୁଡା ଷ୍ଟେସନ ପରିଚାଳକ ସୟ ଟୋପ ଏବଂ ଏ କ୍ୟାବିନ ପରିଚାଳକ ଜୟପ୍ରକାଶଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି । ପୂର୍ବତଟ ରେଳ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶ ଜାରି କରାଯାଇଛି । ଟେକ୍ନିସିଆନ ଇଶ୍ୱର ରାଓଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସୂଚନା ପ୍ରକାରେ ୨୦୧୯ ଜୁନ ୨୫ ତାରିଖରେ ସମଲେଶ୍ୱରୀ ଏକ୍ସପ୍ରେସ ଓ ଟାବାର କାର ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ୩ ଜଣ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏବଂ ଟାବାର କାରଟି ଜଳିଯାଇଥିଲା। ଏହି ଘଟଣାକୁ ନେଇ ଉଚ୍ଚ ସ୍ତରୀୟ ତଦନ୍ତ ପରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଦୁହିଁଙ୍କୁ ବହିଷ୍କୃତ କରାଯାଇଛି ।

## ରାସ୍ତା ଉପରେ ଜଳିଗଲା ୧୨ ଚକିଆ ଟ୍ରକ: ଡ୍ରାଇଭର ହେଲପର ସୁରକ୍ଷିତ

ହରିଚନ୍ଦନପୁର,୩୧।୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ନରଣପୁର-ବ୍ରାହ୍ମଣୀପାଳ ଭିଆଇପି ରାସ୍ତାର ହରିଚନ୍ଦନପୁର ଥାନା ପିଟାପିଟି ଗ୍ରାମ ନିକଟସ୍ଥ ଭାଇଭାଇ ଢ଼ାବା ନିକଟରେ ଏକ ୧୨ଚକିଆ ଟ୍ରକ ଜଳି ଯାଇଛି । ଖବର ଅନୁଯାୟୀ ଆଜି ସକାଳ ସମୟରେ ଏକ ୧୨ ଚକିଆ ଟ୍ରକ(ଓଆର ୦୯ଏନ୍ ୬୨୩୧) ଲୁହାପଥର ବୋଝେଇ ନିମନ୍ତେ ଯୋଡ଼ା ଯାଉଥିଲା । ଭାଇଭାଇ ଢ଼ାବା ନିକଟରେ ଗାଡିଟିକୁ ଛିଡ଼ା କରି ଡ୍ରାଇଭର ଓ ହେଲପର ଚା’ ପିଉଥିବା ବେଳେ କୌଣସି କାରଣରୁ ଗାଡ଼ିଟିରେ ଅଚାନକ ନିଆଁ ଲାଗି ହୁତୁହୁତ ହୋଇ ଜଳିବାକୁ ଲାଗିଥିଲା ।

# ବିଜୁ ମହିଳା ଜନତା ଦଳର ବିଶାଳ ଶୋଭାଯାତ୍ରା




ବାଲେଶ୍ୱର,୩୧।୧୦ (ନି.ପ୍ର): ଚଳିତ ଉପ-ନିର୍ବାଚନରେ ଦଳୀୟ ଟିକେଟ୍ ନ ପାଇଥିଲେ ବି ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କ ବିଜୟ ପାଇଁ ବାଲେଶ୍ୱରର ଜେନା ପରିବାରଙ୍କ ପକ୍ଷରୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରହିଛି। ଦଳର ସମ୍ମାନ ରକ୍ଷା ପାଇଁ ବିଜେଡି ଜିଲ୍ଲା ସଭାପତି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ପ୍ରଚାର କାର୍ଯ୍ୟକୁ ଆଗେଇ ନେଇ ଚାଲିଥିବା ବେଳେ ସହଧର୍ମିଣୀ ସମାଜସେବୀ ସୁବାସିନୀ ଜେନା ବି ଏଥିରୁ ବାଦ୍ ପଡ଼ି ନାହାନ୍ତି। ବିଜେଡିର ମହିଳା ମହିଳା ସଂଗଠନକୁ ସକ୍ରିୟ କରିବା ସହିତ ଜନସାଧାରଣରେ ଦଳ ସପକ୍ଷରେ ସମର୍ଥନ ବୃଦ୍ଧି ପାଇଁ ସେ ମଧ୍ୟ ରୀତିମତ କସରତ୍ କରି ଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ

▶▶ପୃଷ୍ଠା ୭

# ବଳରାମଗଡ଼ିରେ ବିଜେଡିର ନିର୍ବାଚନୀ ସଭା

ବାଲେଶ୍ୱର,୩୧।୧୦ (ନି.ପ୍ର): ଚଳିତ ଉପ-ନିର୍ବାଚନରେ ବିଜେଡି ପକ୍ଷରୁ ପ୍ରାର୍ଥୀ ସ୍ୱରୂପଙ୍କ ସପକ୍ଷରେ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଆଜି ଜୋରଦାର ପ୍ରଚାର କରାଯାଇଛି। ଏହି ପରିପ୍ରେକ୍ଷୀରେ ବଳରାମଗଡ଼ିରେ ଆୟୋଜିତ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଟ୍ରଲର ଆସୋସିଏସନ ସଭାପତି ତଥା ବିଜେଡିର ଆଗଧାଡ଼ିର ନେତା ବାଦଲ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ପାଟଣାଗଡ଼ ବିଧାୟକ ଜଗନ୍ନାଥ ସ୍ୱାଇଁନାରୀନେତ୍ରୀ ଶକୁନ୍ତଳା ମହାପାତ୍ର, ମାଳତି ସାହୁଙ୍କ ସମେତ ସନ୍ତୋଷ ଦାସ, ଶେଖ୍ ରାଜା, ଶେଖ୍ ଦିଲବାର, ହବିବ୍ ଅଲ୍ଲି ଖାଁ, ଶେଖ୍ ମିସବାଉଦ୍ଦିନ୍ ପ୍ରମୁଖ ଯୋଗଦେଇ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସଙ୍କ ସପକ୍ଷରେ ଭୋଟଭିକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ସହ ବିକାଶର ଧାରାକୁ ଉପସ୍ଥାପନ ସହ ବିଜେଡି ନେତା ଓ ମନ୍ତ୍ରୀ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବିଜେଡି କର୍ମୀ ରମଜାନ ଅଲ୍ଲି ଖାଁ, ଶେଖ୍ ଆରଫାନ୍, ଭିଜିତ୍ ନନ୍ଦୀ, ସୁଶାନ୍ତ ଦାସ ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ପରିଖିର ନିର୍ବାଚନ ଶେଷ କରି ମନ୍ତ୍ରୀ ଶ୍ରୀ ସିଂହ ଡଙ୍ଗା ଯୋଗେ ବୁଢ଼ାବଳଙ୍ଗ ନଦୀ ପାର ହୋଇ ବଳରାମଗଡ଼ିରେ ପହଞ୍ଚିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo